୬ ପିସିଏଲ ଖେଳିବେନି ଇଂଲଣ୍ଡ ଖେଳାଳି

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

e-paper www.sambadkalika.in

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୩୦୧ ● ୩୦ ନଭେମ୍ବର ୨୦୨୪, ଶନିବାର ● ଭୁବନେଶ୍ୱର ● Vol -31 ● Issue-301 ● 30th November 2024, Saturday ● Bhubaneswar | Licensed to post without pre-payment of postage No- BN-60/25-27


# କ୍ଷମତାକୁ ଜନ୍ମ ସିଦ୍ଧ ଅଧିକାର ମନେ କରୁଥିବା ବିରୋଧୀ ଦେଶବାସୀଙ୍କୁ ବିଭ୍ରାନ୍ତ କରୁଛନ୍ତି



ଭୁବନେଶ୍ୱର, ୨୯।୧୧

ନ୍ୟୁଜ୍ ବ୍ୟୁରୋ

ଯେଉଁ ଲୋକମାନେ କ୍ଷମତାକୁ ନିଜ ଜନ୍ମସିଦ୍ଧ ଅଧିକାର ମାନନ୍ତି, ସେମାନେ ଗତ ୧୦ ବର୍ଷ ହେଲା କେନ୍ଦ୍ରରେ କ୍ଷମତାରୁ ଦୂରରେ ଅଛନ୍ତି। ଜନତା ଆଉ କାହାକୁ ଆଶୀର୍ବାଦ କଲେ, ସେମାନେ ସେହି ରାଗ ଜନତାଙ୍କ ଉପରେ ସୁଝାନ୍ତି। ସେମାନେ ଏତେ ରାଗି ଯାଇଛନ୍ତି ଯେ ଦେଶ ବିରୋଧରେ ଷଡ଼ଯନ୍ତ୍ର କରିବାରେ ଲାଗିପଡ଼ିଛନ୍ତି । ଦେଶକୁ ଭୁଲ ବାଟରେ ନେଇଯିବା ପାଇଁ ଲୋକଙ୍କୁ ବାଟବଣା କରିବା ଆରମ୍ଭ କରି ଦେଇଛନ୍ତି । ସେମାନେ ମିଛ ଓ ଅପପ୍ରଚାରର ଦୋକାନ ଖୋଲି ଦେଇଛନ୍ତି। ଏବେ ସେମାନେ ଏହି ଅଭିଯାନକୁ ଆହୁରି ଜୋରଦାର କରି ଦେଇଛନ୍ତି । ଏଥିପ୍ରତି ଦେଶର ସବୁ ଲୋକ ଓ ଗଣତନ୍ତ୍ର ପ୍ରତି ସମର୍ପିତ ସମସ୍ତ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ସତର୍କ ରହିବାକୁ ପଡ଼ିବ । ଲୋକଙ୍କୁ ଜାଗ୍ରତ କରିବାକୁ ପଡ଼ିବ । ସବୁ ମିଛର ମୁଖା ଖୋଲିବାକୁ ପଡ଼ିବ। ଭୁବନେଶ୍ୱରଠାରେ ସର୍ବଭାରତୀୟ ଡିଜିପି ଓ ଆଇଜିପି ସମ୍ମିଳନୀରେ ଯୋଗ ଦେବାକୁ ଆସିଥିବା ଅବସରରେ ଶୁକ୍ରବାର ବିମାନବନ୍ଦର ଛକ ନିକଟରେ ଆୟୋଜିତ ସାଧାରଣ ସଭାରେ ବିରୋଧୀଙ୍କୁ ଟାର୍ଗେଟ କରି ଏହି କଥା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

ସେ କହିଛନ୍ତି, ଏଠାରେ ଲୋକଙ୍କ ଭିତରେ ମୁଁ ଏକ ଅଲଗା ପ୍ରକାର ଉତ୍ସାହ ଓ ଖୁସି ଦେଖୁଛି ଏବଂ ତାକୁ ଅନୁଭବ କରୁଛି । ହରିୟାଣା ଓ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ସହିତ ବିଭିନ୍ନ ସ୍ଥାନରେ ହୋଇଥିବା ଉପନିର୍ବାଚନର ଫଳାଫଳ ପୂରା ଦେଶରେ କିଭଳି ବିଜେପି ପ୍ରତି ଲୋକଙ୍କ ଆସ୍ଥାକୁ ବଢାଇ ଦେଇଛି, ତାହା ମୁଁ ଆପଣମାନଙ୍କ ଆଖିରେ ଦେଖିବାକୁ ପାଉଛି। ଓଡ଼ିଶା ଆରମ୍ଭ କରିଥିଲା। ତାପରେ ମହାରାଷ୍ଟ୍ର ଓ ହରିୟାଣାରେ ସଫଳତା ମିଳିଲା। ଆଉ ଏହା ହେଉଛି ବିଜେପିର ବିଶେଷତ୍ୱ। ଏହା ଆମ ଦଳର କାର୍ଯ୍ୟକର୍ତ୍ତାଙ୍କ ସାମର୍ଥ୍ୟ। ବିପକ୍ଷ ଦଳ ବିଜେପି ସରକାର ବିରୋଧରେ ଦିନରାତି ଅପପ୍ରଚାର କରିବାରେ ଲାଗିପଡ଼ିଛି । କିନ୍ତୁ ଲୋକେ ବିଜେପି ସରକାରର କାମକୁ ଦେଖି ତାକୁ ଆଶୀର୍ବାଦ କରିବାକୁ ନିଜେ ମଇଦାନକୁ ଓହ୍ଲାଉଛନ୍ତି।

ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ନିର୍ବାଚନର କିଛି ମାସ ପୂର୍ବରୁ ବଡ଼ ବଡ଼ ରାଜନୀତିକ ବିଶେଷଜ୍ଞମାନେ କହିଥିଲେ ଯେ ବିଜେପି ଓଡ଼ିଶାରେ ଆଦୌ କ୍ଷମତାକୁ ଆସିପାରିବ ନାହିଁ । ସେମାନେ କହୁଥିଲେ ଯେ ଓଡ଼ିଶାରେ ବିଜେପି ଏତେ ବଡ଼ ଶକ୍ତି ଭାବେ ଉଭା ହୋଇପାରିବ ନାହିଁ । ବିଜେପି ଏଠାରେ ଏକୁଟିଆ ସରକାର ଗଢ଼ି ପାରିବ ନାହିଁ । କିନ୍ତୁ ଯେତେବେଳେ ପରିଣାମ ଆସିଲା, ସେମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଓଡ଼ିଶାର ଲୋକମାନେ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ କାର୍ଯ୍ୟକୁ ପସନ୍ଦ କରିଥିଲେ। ରାଜ୍ୟରେ ଆମ ସରକାର ନଥିଲା, ଆମ ଯୋଜନାଗୁଡ଼ିକର ନାଁ ବଦଳାଇ ଦିଆଯାଉଥିଲା- ଏସବୁ ସତ୍ତ୍ୱେ ଓଡ଼ିଶାର ବିକାଶ ପାଇଁ ଆମେ ନିଷ୍ଠାର ସହିତ ଲଗାତାର କାମ କରି ଚାଲିଥିଲୁ। ଭାରତ ସରକାରଙ୍କ ମନ୍ତ୍ରୀ ପରିଷଦରେ ଏବେ ଓଡ଼ିଆମାନଙ୍କର ଯେତିକି ପ୍ରତିନିଧିତ୍ୱ ରହିଛି, ପୂର୍ବରୁ କେବେ ତାହା ନଥିଲା। ଓଡ଼ିଶାକୁ କେନ୍ଦ୍ରରୁ ମିଳୁଥିବା ବଜେଟକୁ ଆମେ ୩ ଗୁଣା ବଢାଉଥିଲୁ। ଆମେ ଏଠାକାର ସବୁ ବର୍ଗର ଲୋକଙ୍କ ସେବା କଲୁ । ତେଣୁ ଓଡ଼ିଶାର ଜନତା ବିଜେପିର ନୀତି ଓ କାର୍ଯ୍ୟଶୈଳୀକୁ ଭଲ ଭାବେ ଜାଣିପାରିଲେ ଏବଂ ଆମ ଉପରେ ବିଶ୍ୱାସ କରିପାରିଲେ। ଆଉ ହୃଦୟ ଖୋଲି ଆମକୁ ଆଶୀର୍ବାଦ କଲେ।

ବିରୋଧୀଙ୍କୁ ଟାର୍ଗେଟ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ରାଜନୀତିରେ ନୀତିଗତ ବିରୋଧ ସ୍ୱାଭାବିକ। ଏହା ଗଣତନ୍ତ୍ରର ସ୍ୱଭାବ। ଯେକୌଣସି ନିର୍ଣ୍ଣୟ *(ପୃଷ୍ଠା ୭ରେ)*

# ଭୁବନେଶ୍ୱରରେ ଡିଜିପି ସମ୍ମିଳନୀ ଆରମ୍ଭ ଉଦ୍‌ଘାଟନ କଲେ ଗୃହ ମନ୍ତ୍ରୀ ଅମିତ ଶାହ



ଭୁବନେଶ୍ୱର, ୨୯।୧୧

ନ୍ୟୁଜ୍ ବ୍ୟୁରୋ

ଶୁକ୍ରବାର ଲୋକସେବା ଭବନସ୍ଥିତ କନ୍‌ଭେନ୍‌ସନ୍ ସେଣ୍ଟରଠାରେ ତିନି ଦିନିଆ ସର୍ବଭାରତୀୟ ଡିଜିପି-ଆଇଜି ସମ୍ମିଳନୀ ଆରମ୍ଭ ହୋଇଛି। ଦେଶର ସୁରକ୍ଷା ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବାକୁଥିବା ଏହି ସମ୍ମିଳନୀକୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଉଦ୍‌ଘାଟନ କରିଛନ୍ତି। ଏହି ସମ୍ମିଳନୀରେ ଦେଶର ସବୁ ରାଜ୍ୟର ଡିଜିପି ମଧ୍ୟ ଉପସ୍ଥିତ ଅଛନ୍ତି । ଏହି ସମ୍ମିଳନୀ ତିନି ଦିନ ଧରି ଚାଲିବ । ଏହି ସମ୍ମିଳନୀରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଛନ୍ତି । ଶାହଙ୍କ ପୂର୍ବରୁ ଓଡ଼ିଶାରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ପହଞ୍ଚିଛନ୍ତି ।

ଡିଜିପି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ସାମିଲ ହେବେ। ତିନି ଦିନ ଧରି ଭାରତର ସୁରକ୍ଷା ବ୍ୟବସ୍ଥା ଉପରେ ଡିଜିପି ସମ୍ମିଳନୀରେ ଚର୍ଚ୍ଚା ଓ ଆଲୋଚନା ହେବ। କାର୍ଯ୍ୟକ୍ରମରେ ସମସ୍ତ ରାଜ୍ୟର ଡିଜିପି ଆଇଜିପି ଓ ବିଭିନ୍ନ ସୁରକ୍ଷା ବଳର ମୁଖ୍ୟ ଯୋଗ ଦେଉଛନ୍ତି।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ସ୍ୱତନ୍ତ୍ର ବିମାନ ଯୋଗେ ଆସି ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚି ଥିଲେ। ସେଠାରେ ତାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ସ୍ୱାଗତ ଜଣାଇଥିଲେ। ଏହା ପରେ ଶ୍ରୀ ଶାହ ସିଧାସଳଖ ଲୋକସେବା ଭବନ କନ୍‌ଭେନ୍‌ସନ୍ ହଲଠାରେ ପହଞ୍ଚି ଆନୁଷ୍ଠାନିକ ଭାବେ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ସମ୍ମିଳନୀରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ବିଭିନ୍ନ ରାଜ୍ୟର ଡିଜିପି ଓ ଆଇଜିମାନେ ଯୋଗଦେଇଛନ୍ତି। ଜାତୀୟ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ସମ୍ମିଳନୀରେ ପ୍ରାରମ୍ଭିକ *(ପୃଷ୍ଠା ୭ରେ)*

## କାରରୁ ବାହାରିଲା ୮୮ କେଜି ରୁପା ଇଟା ଓ ନଗଦ ୫ ଲକ୍ଷ ଟଙ୍କା



ଖଲ୍ଲିକୋଟ, ୨୯।୧୧

ନ୍ୟୁଜ୍ ବ୍ୟୁରୋ

କାରରେ ଚାଲାଣ ହେଉଥିଲା ରୁପା ଇଟା। ତା ସହ ନଗଦ ଟଙ୍କା ବି ଭର୍ତ୍ତି ହୋଇଥିଲା। ଜିଏସ୍‌ଟି ଫାଙ୍କି ବ୍ରହ୍ମପୁରରୁ କୋଲକତା ଅଭିମୁଖେ କାରଟି ବାହାରିଥିବା ବେଳେ ବାଟରେ ମାଡ଼ି ବସିଲା ପୁଲିସ୍ । ଏପରି ଏକ କାରକୁ ଶୁକ୍ରବାର ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା ପୁଲିସ ଅଟକ ରଖିଛି।

ଖଲ୍ଲିକୋଟ ଥାନା ଗୁରାପଲ୍ଲୀ ଟୋଲପ୍ଲାଜା ନିକଟରେ ଖଲ୍ଲିକୋଟ ପୁଲିସ ପକ୍ଷରୁ ଚେକିଂ ଚାଲିଥିଲା। ଏହି ସମୟରେ ଏକ କାର ଗୁରାପଲ୍ଲୀ ଟୋଲପ୍ଲାଜା ନିକଟରେ ପହଞ୍ଚିଥିଲା। ତାହାକୁ ଯାଞ୍ଚ କରିବା ପରେ ଯାହା ବାହାରିଲା ପୁଲିସ ଅଧିକାରୀଙ୍କ ମୁଣ୍ଡ ବୁଲାଇଦେଲା।

କାରଣ ଯାଞ୍ଚ ବେଳେ କାର ଭିତରୁ ପୁଳା ପୁଳା ରୁପା *(ପୃଷ୍ଠା ୭ରେ)*


TATA MOTORS

Light Commercial Vehicles Dealers

24 hours help line :

Sales : 7873770000


# ପାକିସ୍ତାନ ବିଶେଷଜ୍ଞଙ୍କ ଭବିଷ୍ୟବାଣୀ : ୨୦୩୪ ପର୍ଯ୍ୟନ୍ତ ରହିବେ ମୋଦି

ଇସଲାମାବାଦ/ନୂଆଦିଲ୍ଲୀ, ୨୯।୧୧

ଭାରତୀୟ ରାଜନୀତି ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନେଇ ପାକିସ୍ତାନୀ ବିଶେଷଜ୍ଞ କମର ଚିମା ଏକ ବଡ଼ ଭବିଷ୍ୟବାଣୀ କରିଛନ୍ତି । ସେ କହିଛନ୍ତି ଯେ ନରେନ୍ଦ୍ର ମୋଦି ୨୦୩୪ ପର୍ଯ୍ୟନ୍ତ ଭାରତରେ କ୍ଷମତାରେ ରହିବେ। କାରଣ ତାଙ୍କ ରାଜନୀତି ଶୈଳୀରେ ଭାରତର ଲୋକମାନେ ଅତ୍ୟନ୍ତ ପ୍ରଭାବିତ ହୋଇଛନ୍ତି । ଆଇପିଏଲ ନିଲାମରେ ବାଂଲାଦେଶ ଖେଳାଳିଙ୍କୁ ଭାରତ ଅବହେଳା କରୁଥିବା ବିଷୟରେ କମର ଚିମା କହିଥିଲେ ୨୦୨୯ ପର୍ଯ୍ୟନ୍ତ ଏଭଳି ସ୍ଥିତି ରହିବ ଏବଂ ୨୦୩୪ ପର୍ଯ୍ୟନ୍ତ ସମାନ



ପରିସ୍ଥିତି ହୋଇପାରେ। କାରଣ ଯେପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ମୋଦି କ୍ଷମତାରେ ଅଛନ୍ତି, ପାକିସ୍ତାନୀ ଏବଂ ବାଂଲାଦେଶୀ ଖେଳାଳିଙ୍କୁ ଆଇପିଏଲରେ ସ୍ଥାନ ମିଳିବ ନାହିଁ।

କମର ଚିମା ପ୍ରଶ୍ନ ଉଠାଇଛନ୍ତି ଯେ ଯେପରି ଭାରତ ପାକିସ୍ତାନୀ ଏବଂ ବାଂଲାଦେଶୀ ଖେଳାଳିଙ୍କୁ ଭାରତକୁ ନିମନ୍ତ୍ରଣ କରୁନାହିଁ, *(ପୃଷ୍ଠା ୭ରେ)*

# ଦେଶର ପାୱାରଫୁଲ ୧୦ ଡିଜି : ଆଜି ହେବ ରଣନୀତି

ଭୁବନେଶ୍ୱର, ୨୯।୧୧

ନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱରରେ ପ୍ରସ୍ତୁତ ହେବ ରଣନୀତି। ସାବାଡ ହେବେ ଶତ୍ରୁ । ଟପ ପୋଲିସ ଅଫିସରଙ୍କ ସହ ରଣନୀତି ପ୍ରସ୍ତୁତ କରିବେ ଅଜିତ ଡୋଭାଲ। ତାଙ୍କ ନାଁ ଊଣା ଅଧିକେ ସମସ୍ତେ ଶୁଣିଥିବେ। ହେଲେ ସେ କୌଣସି ସାଧାରଣ ବ୍ୟକ୍ତି ନୁହଁନ୍ତି ବରଂ ଡୋଭାଲ ହେଉଛନ୍ତି ଜାତୀୟ ସୁରକ୍ଷା ପରାମର୍ଶଦାତା। ସେ ବି ଡିଜିପି ସମ୍ମିଳନୀରେ ଯୋଗ ଦେଇଛନ୍ତି । ଆଭ୍ୟନ୍ତରୀଣ ଏବଂ ବାହ୍ୟ ସୁରକ୍ଷା ନେଇ ପ୍ରଧାନମନ୍ତ୍ରୀଙ୍କ ସହ ମନ୍ତ୍ରଣା କରୁଥିବା ଡୋଭାଲ ଏବେ ଟପ



ପୋଲିସ ଅଫିସରଙ୍କୁ ମନ୍ତ୍ର ଦେବେ। ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ସିଧା ପ୍ରଧାନମନ୍ତ୍ରୀ ମୋଦିଙ୍କୁ ରିପୋର୍ଟ କରନ୍ତି। ପିଏମଙ୍କ ସହ ଉଭୟ ଆଭ୍ୟନ୍ତରୀଣ ଏବଂ ବାହ୍ୟ ସୁରକ୍ଷା ନେଇ ମନ୍ତ୍ରଣା କରିଥାନ୍ତି ଡୋଭାଲ। ତେବେ ଭୁବନେଶ୍ୱରରେ ଏକାଠି ହୋଇଛନ୍ତି ସବୁ ରାଜ୍ୟର ହାଇପ୍ରୋଫାଇଲ ମୁଖିଆ । ଶୁକ୍ରବାର ଠାରୁ ଭୁବନେଶ୍ୱରରେ ଆରମ୍ଭ ହୋଇଛି ପୋଲିସ ମହାନିର୍ଦ୍ଦେଶକଙ୍କ ମହାସମ୍ମିଳନୀ। *(ପୃଷ୍ଠା ୭ରେ)*

# ଦେଶରେ ଖାଲି ପଡିଛି ୫୬୦୦ରୁ ଅଧିକ ବିଚାରପତି ପଦବୀ

ନୂଆଦିଲ୍ଲୀ, ୨୯।୧୧

ନ୍ୟାୟପାଳିକାରେ ସମଗ୍ର ଦେଶରେ ୫ ହଜାର ୬୦୦ରୁ ଅଧିକ ବିଚାରପତି ପଦବୀ ଖାଲି ପଡ଼ିଛି ବୋଲି ସରକାର ସୂଚନା ଦେଇଛନ୍ତି। ଶୁକ୍ରବାର ଲୋକସଭାରେ ଏକ ଲିଖିତ ଉତ୍ତରରେ ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘାୱାଲ କହିଛନ୍ତି, ସୁପ୍ରିମକୋର୍ଟରେ ୨ଟି, ହାଇକୋର୍ଟ ଗୁଡ଼ିକରେ ୩୬୪ଟି ଏବଂ ଜିଲ୍ଲା ଓ ଅଧିନସ୍ତ ଅଦାଲତରେ ୫ ହଜାରରୁ ଅଧିକ ପଦବୀ ଖାଲି ପଡ଼ିଛି। ଆହ୍ଲାବାଦ ହାଇକୋର୍ଟରେ ୧୬୦ଟି ମଞ୍ଜୁରୀପ୍ରାପ୍ତ ବିଚାରପତି ପଦବୀ ଥିବା ବେଳେ ସେଥିମଧ୍ୟରୁ ପ୍ରାୟ ଅଧା, ୭୯ଟି ବିଚାରପତି ପଦବୀ ଖାଲି ପଡିଛି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଗତ ପାଞ୍ଚ ବର୍ଷ ମଧ୍ୟରେ ଦେଶର ବିଭିନ୍ନ ହାଇକୋର୍ଟରେ ପାଖାପାଖି ୫୦୦ ବିଚାରପତି ନିଯୁକ୍ତ ହୋଇଛନ୍ତି।

ଆଇନ ମନ୍ତ୍ରୀ କହିଛନ୍ତି ଯେ, ବର୍ତ୍ତମାନ ଖାଲି ପଡ଼ିଥିବା ପଦବୀଗୁଡ଼ିକୁ ଶୀଘ୍ର ପୂରଣ କରିବା ପାଇଁ ଯଥାସମ୍ଭବ ପ୍ରୟାସ କରାଯାଉଛି। ଅବସର, ଇସ୍ତଫା କିମ୍ବା ବିଚାରପତିଙ୍କ ପଦୋନ୍ନତି କାରଣରୁ ହାଇକୋର୍ଟରେ ବିଚାରପତି ପଦବୀ ଖାଲି ରହୁଛି । ସାମ୍ବିଧାନିକ ଅଦାଲତର ବିଚାରପତି ନିଯୁକ୍ତି କାର୍ଯ୍ୟନିର୍ବାହୀ ଏବଂ ନ୍ୟାୟପାଳିକା ମଧ୍ୟରେ ଏକ ନିରନ୍ତର, ସମନ୍ୱିତ ଏବଂ ସହଯୋଗୀ ପ୍ରକ୍ରିୟା ବୋଲି ସେ କହିଛନ୍ତି । ଏଥିପାଇଁ ଉଭୟ ରାଜ୍ୟ ଓ *(ପୃଷ୍ଠା ୭ରେ)*

# ଡିଗ୍ରୀ ପାଠ୍ୟକ୍ରମ ଅବଧି ପରିବର୍ତ୍ତନ ବିକଳ୍ପ ପ୍ରଦାନ କରିବ ୟୁଜିସି

ନୂଆଦିଲ୍ଲୀ, ୨୯।୧୧

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ-ୟୁଜିସି ଖୁବ ଶୀଘ୍ର ୟୁଜି ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପାଠ୍ୟକ୍ରମର ଅବଧି କମାଇବା କିମ୍ବା ବୃଦ୍ଧି କରିବାର ବିକଳ୍ପ ପ୍ରଦାନ କରିବ। ୟୁଜିସି ତ୍ୱରିତ ଡିଗ୍ରୀ କାର୍ଯ୍ୟକ୍ରମ ଏବଂ ସମ୍ପ୍ରସାରିତ ଡିଗ୍ରୀ କାର୍ଯ୍ୟକ୍ରମ ପାଇଁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓରକୁ ଅନୁମୋଦନ କରିଛି। ୟୁଜିସି ଅଧ୍ୟକ୍ଷ ଏମ ଜଗଦୀଶ କୁମାର ଗଣମାଧ୍ୟମକୁ କହିଛନ୍ତି ଯେ ଏକ୍ସେଲେରେଟେଡ ଡିଗ୍ରୀ ପ୍ରୋଗ୍ରାମ ମାଧ୍ୟମରେ ଛାତ୍ରଛାତ୍ରୀମାନେ ସେମିଷ୍ଟର ପିଛା ଅତିରିକ୍ତ କ୍ରେଡିଟ ହାସଲ କରି କମ ସମୟ ମଧ୍ୟରେ ତିନି ବର୍ଷ କିମ୍ବା ଚାରି ବର୍ଷର ଡିଗ୍ରୀ ପୂରଣ କରିପାରିବେ।

ଏକ୍ସେଲେରେଟେଡ ଡିଗ୍ରୀ ପ୍ରୋଗ୍ରାମ ଏବଂ




ଏକ୍ସଟେଣ୍ଡେଡ ଡିଗ୍ରୀ ପ୍ରୋଗ୍ରାମ ଅଧୀନରେ ଛାତ୍ରଛାତ୍ରୀମାନେ ମାନକ ଅବଧି କାର୍ଯ୍ୟକ୍ରମ ଭଳି ସମାନ କ୍ରେଡିଟ ପାଇବେ। ପ୍ରତି ସେମିଷ୍ଟରରେ କମ କ୍ରେଡିଟ ନେଇ ବିସ୍ତାରିତ ଡିଗ୍ରୀ ପ୍ରୋଗ୍ରାମ ଅଧୀନରେ ଛାତ୍ରଛାତ୍ରୀମାନେ ସେମାନଙ୍କ ଡିଗ୍ରୀ *(ପୃଷ୍ଠା ୭ରେ)*

## ଓଡ଼ିଶାରେ ୨ ଯାଏଁ ବର୍ଷା !

ନୂଆଦିଲ୍ଲୀ, ୨୯।୧୧

ତାମିଲନାଡୁରେ ବାତ୍ୟା ଫେଙ୍ଗଲ ଲ୍ୟାଣ୍ଡଫଲ ପାଇଁ ପ୍ରକ୍ରିୟା ଆରମ୍ଭ ହେଲାଣି । ତାପୂର୍ବରୁ ଦେଖାଇଲାଣି କୋପ। ଏହାର ପ୍ରଭାବ କିନ୍ତୁ ଓଡ଼ିଶାରେ ଦେଖିବାକୁ ମିଳିଲାଣି। ତାମିଲନାଡୁରେ ବାତ୍ୟା ଲ୍ୟାଣ୍ଡଫଲ କରିବା ପୂର୍ବରୁ ଉପକୂଳ ଓଡ଼ିଶାରେ ଝିପିଝିପି ବର୍ଷା ବର୍ଷା ସହ କୋହଲା ପାଗ କରିଛି । ଓଡ଼ିଶାରେ ଏପରି ପାଗ ଆଗାମୀ ୨ ତାରିଖ ପର୍ଯ୍ୟନ୍ତ ଲାଗି ରହିବ ବୋଲି ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ ଅନୁସାରେ ଆଗାମୀ ୨୪ ଘଣ୍ଟା ଭିତରେ ରାଜ୍ୟରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷ କରି ଉପକୂଳ ଓଡ଼ିଶା ବାଲେଶ୍ୱର, ଭଦ୍ରକ, *(ପୃଷ୍ଠା ୭ରେ)*

## ଏକାଳ ସକାଳ



ଆଳୁ ସମସ୍ୟାଟା ଦୂର ହୋଇଥିଲା
ଏବେ ଆସିଗଲା ପୁଣି
ଦିଦି ଆମକୁ ଟେନ୍‌ସନ୍ ଦେଇ
ଖାଉଥାଏ ଝୁଣିଝୁଣି
ଆଳୁ ଗାଡି ଅଟକିଛି ଶୁଣି
ଗ୍ରାହକ ବିଚରା ଥରଉଥାଏ
ଦର ପଇସାଟା ନେବ ଟାଣି ।

# ପ୍ରତି ୨୧ ଘଣ୍ଟାରେ ଗ୍ରହର ନୂଆ ବର୍ଷ



ବ୍ରିସ୍‌ବେନ୍, ୨୯।୧୧

ଜ୍ୟୋତିର୍ବିଜ୍ଞାନୀମାନେ ଆମ ସୌର ଜଗତ ବାହାରେ ଏକ ବିରଳ ଗ୍ରହର ଆବିଷ୍କାର କରିଛନ୍ତି, ଯାହାର ଗୋଟିଏ ବର୍ଷ ମାତ୍ର ୨୧ ଘଣ୍ଟାରେ ଶେଷ ହୋଇଥାଏ। ଟିଓଆଇ-୩୨୬୧ ବି ନାମକ ଏହି ଗ୍ରହ ନେପଚ୍ୟୁନ ଆକାରର ହୋଇଥିବାବେଳେ ତାର ନକ୍ଷତ୍ର ମଣ୍ଡଳରେ ସୂର୍ଯ୍ୟଙ୍କ ଭଳି ନକ୍ଷତ୍ରଠାରୁ ଅତି ନିକଟରେ ରହିଥିବା ହେତୁ ଏହା ଅତ୍ୟଧିକ ଗରମ ଏବଂ ବାଷ୍ପୀୟ ଗ୍ରହ ହୋଇଥିବା ବୈଜ୍ଞାନିକମାନେ କହିଛନ୍ତି । ଦକ୍ଷିଣ କ୍ୟୁଇନ୍‌ସଲାଣ୍ଡ ବିଶ୍ୱବିଦ୍ୟାଳୟର ଜ୍ୟୋତିର୍ବିଜ୍ଞାନୀ ଏମ୍ମା ନାବିଙ୍କ ନେତୃତ୍ୱରେ ବୈଜ୍ଞାନିକଙ୍କ ଏକ ଟିମ ଏହି ବିରଳ ଗ୍ରହର ଆବିଷ୍କାର କରିଛନ୍ତି। ସର୍ଭାଇଭିଂ ଇନ ଦି ହଟ ନେପଚ୍ୟୁନ ଡେଜର୍ଟ ଶୀର୍ଷକ ଏହି ଗବେଷଣାର ରିପୋର୍ଟ ଦି ଆଷ୍ଟ୍ରୋନୋମିକାଲ ପତ୍ରିକାରେ ପ୍ରକାଶିତ ହୋଇଛି।

ବୈଜ୍ଞାନିକମାନଙ୍କ କହିବା ଅନୁଯାୟୀ, ଟିଓଆଇ-୩୨୬୧ ବି ଗ୍ରହ ତାରାଗୁଡ଼ିକର ଅତି ନିକଟ କକ୍ଷପଥରେ ଅତିକ୍ରମ କରିଥାଏ। ଫଳରେ ଏହା ମାତ୍ର ୨୧ ଘଣ୍ଟାରେ ବର୍ଷେ ପୂରଣ କରିଥାଏ। ଏହି ବୈଶିଷ୍ଟ୍ୟ ସମ୍ପ୍ରତି ଗ୍ରହଗୁଡ଼ିକର ଗଠନକୁ ନେଇ ରହିଥିବା ପ୍ରଚଳିତ ତତ୍ତ୍ୱକୁ ଚ୍ୟାଲେଞ୍ଜ କରୁଛି। ସାଧାରଣତଃ ତାରାଗୁଡ଼ିକର ଏତେ ନିକଟରେ ଘନ ଗ୍ୟାସୀୟ ବାୟୁମଣ୍ଡଳକୁ ବଜାୟ ରଖିବା *(ପୃଷ୍ଠା ୭ରେ)*

# ଭୟଙ୍କର ରୂପ ଧାରଣ କଲା ବାତ୍ୟା



ନୂଆଦିଲ୍ଲୀ, ୨୯।୧୧

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହେଲା ବାତ୍ୟା ଫେଙ୍ଗାଲ। ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ଫେଙ୍ଗାଲ ଭୟଙ୍କର ରୂପ ଧାରଣ କରିଛି । ଅପରାହ୍ଣ ୨ଟା ୩୦ରେ ବାତ୍ୟାର ରୂପ ନେଇଛି ଗଭୀର ଅବପାତ। ତେବେ ତାମିଲନାଡୁରେ ଯେଉଁ ଝଡ଼ ସୃଷ୍ଟି ହେବାର ଆଶଙ୍କା ରହିଛି ହଠାତ ଏହାର ଦିଗ ବଦଳାଇଥିବା ସୂଚନା ମିଳିଛି । ଏହା ଘଣ୍ଟା ପ୍ରତି ୩ କିଲୋମିଟରରୁ ୧୦ କିଲୋମିଟର ବେଗରେ ଗତି କରୁଛି । ତେବେ ଭାରତୀୟ ପାଣିପାଗ ବିଭାଗ *(ପୃଷ୍ଠା ୭ରେ)*



# ଡିସେମ୍ବର ୧୮ରୁ ଆଠଗଡ ମହୋତ୍ସବ



**ଆଠଗଡ଼, ନ୍ୟୁଜ ବ୍ୟୁରୋ**
ଆଠଗଡ଼ ମହୋତ୍ସବ ନିମନ୍ତେ ଦ୍ୱିତୀୟ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଉପଜିଲ୍ଲାପାଳ ତଥା ଆଠଗଡ଼ ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ପ୍ରହଲ୍ଲାଦ ନାରାୟଣ ଶର୍ମାଙ୍କ ଅଧ୍ୟକ୍ଷତାରେ ଆଠଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଆଠଗଡ଼ ମହୋତ୍ସବ ଆସନ୍ତା ଡିସେମ୍ବର ମାସ ୧୮ ତାରିଖରୁ ଆରମ୍ଭ ହୋଇ ୨୨ତାରିଖରେ ଶେଷ ହେବା ପାଇଁ ସ୍ଥିର କରାଗଲା । ପୂର୍ବ ପ୍ରସ୍ତୁତି ବୈଠକ ନିଷ୍ପତ୍ତି ଆନୁସାରେ ବିଗତ କମିଟିକୁ ଭଙ୍ଗ କରାଯାଇ ବଜାର କମିଟି ଦ୍ୱାରା ନୂତନ କମିଟି ଗଠନ କରାଯାଇ ପ୍ରଶାସନକୁ ହସ୍ତଗତ କରାଯାଇଥିଲା । ଆଠଗଡ଼ ମହୋତ୍ସବ ନିମନ୍ତେ ସଭାପତି ଭାବେ ମାନ୍ୟବର ବିଧାୟକ, ଆଠଗଡ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସେହିପରି କାର୍ଯ୍ୟକାରୀ ସଭାପତି ଭାବେ ଉପଜିଲ୍ଲାପାଳ ଆଠଗଡ଼ ପ୍ରହଲ୍ଲାଦ ନାରାୟଣ ଶର୍ମା, ଆବାହକ ରୂପେ ଫଣୀ ଭୂଷଣ ରଥ, ବରିଷ୍ଠ ଆଇନଜୀବୀ, ଉପସଭାପତି ମିନତୀ ଆଚାର୍ଯ୍ୟ, ଅଧ୍ୟକ୍ଷା ପଂଚାୟତ ସମିତି ଆଠଗଡ଼, ସମ୍ପାଦକ ସସ୍ମିତା ରାଉତ, ଅଧ୍ୟକ୍ଷା ବିଜ୍ଞାପିତ ଅଞ୍ଚଳ ପରିଷଦ ଆଠଗଡ଼, କ୍ଷେତ୍ରମୋହନ ସ୍ୱାଇଁ, ତହସିଲଦାର ଆଠଗଡ଼ଙ୍କୁ ସଂଯୋଜକ ନିମନ୍ତେ ବୈଠକରେ ସ୍ଥିର କରାଗଲା । ମହୋତ୍ସବକୁ ସଫଳ ଓ ସରସ ସୁନ୍ଦର କରିବା ନିମନ୍ତେ ୧୩ ଗୋଟି କମିଟି ଗଠନ କରାଗଲା । ଯଥା ସମନ୍ୱୟ କମିଟି, ଉପଦେଷ୍ଟା ମଣ୍ଡଳୀ, ସ୍ମରଣିକା ସମ୍ପାଦନ ମଣ୍ଡଳୀ, ଆଇନ ପରାମର୍ଶ ଦାତା, ପ୍ରତିଯୋଗିତା ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ, ବିଜ୍ଞାପନ ସଂଗ୍ରହ ଓ ପ୍ରଶାରଣ, ଅତିଥି ଚୟନ ଓ ନିମନ୍ତ୍ରଣ, ଆଇନ ଶୃଙ୍ଖଳା ଓ ପରିଚାଳନା, ଅଭ୍ୟର୍ଥନା, ଖାଦ୍ୟ ଓ ଜଳଯୋଗାଣ, ଅର୍ଥକମିଟି, ବ୍ୟୟ ଓ ସମୀକ୍ଷା କମିଟି ଏବଂ ସ୍ୱାସ୍ଥ୍ୟ ଓ ପରିମଳ । ଆଜିର ଏହି ପ୍ରସ୍ତୁତି ବୈଠକରେ ଆଠଗଡ଼ ମହୋତ୍ସବ କିପରି ଶାନ୍ତି ଶୃଙ୍ଖଳା ଓ ସଫଳତାର ସହ ପାଳନ କରାଯିବ ତାହା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା । ଆଜିର ଏହି ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷା, ଆଠଗଡ଼ ବିଜ୍ଞାପିତ ଅଂଚଳ ପରିଷଦ ଶ୍ରୀମତୀ ସସ୍ମିତା ରାଉତ, ମଣ୍ଡଳ ଉନ୍ନୟନ ଅଧିକାରୀ, ବିଜୟ କେତନ ଚୌଧୁରୀ, ତହସିଲଦାର, ଆଠଗଡ କ୍ଷେତ୍ରମୋହନ ସ୍ୱାଇଁ, ଉପକୋଷାଗାର ଅଧିକାରୀ ନୃସିଂହ ପ୍ରଶାଦ ଦାଶ, ମଣ୍ଡଳ ବିତ୍ତ ଅଧିକାରୀ, ଆଠଗଡ଼ ନବକୁମାର କଟକିଆଙ୍କ ସମେତ ବଜାର କମିଟିର ସଦସ୍ୟ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିବାବେଳେ ବରିଷ୍ଠ ଆଇନଜୀବୀ ଶ୍ରୀ ଫଣୀ ଭୂଷଣ ରଥ ଧନବାଦ ଅର୍ପଣ କରିଥିଲେ ।

# ପ୍ରାଣୀ ସମ୍ପଦ ବିଭାଗରେ ମାନବ ସମ୍ବଳ ସଂକଟ

**କଟକ, ନ୍ୟୁଜ ବ୍ୟୁରୋ**
ରାଜ୍ୟରେ ପ୍ରାଣୀଧନ ଗଣନା ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟରେ କଟକ, ଖୋର୍ଦ୍ଧା, ସୋନପୁର ଆଦି କେତେକ ଜିଲ୍ଲାରେ ପରୀକ୍ଷାମୂଳକ ଭାବେ ଗଣନା ଆରମ୍ଭ ହୋଇଛି । ଭାରତ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଦେଶବ୍ୟାପୀ ଆରମ୍ଭ ହୋଇଥିବା ଏହି ପ୍ରାଣୀଧନ ଗଣନା କାର୍ଯ୍ୟ ପାଇଁ ପ୍ରାଣୀ ସମ୍ପଦ ବିଭାଗକୁ ଏବେ ଚିନ୍ତା ଘାରିଛି । କାରଣ ଗାଁଠୁ ସହର ଯାଏ ଘରକୁ ଘର ବୁଲି ଏହି ସର୍ଭେ କାର୍ଯ୍ୟ ପାଇଁ ପ୍ରାଣୀ ସମ୍ପଦ ବିଭାଗରେ ବ୍ଲକ୍‌ସ୍ତରରେ କର୍ମଚାରୀଙ୍କ ଘୋର ଅଭାବ ପଡ଼ିଛି । ବ୍ଲକ୍ ସ୍ତରରେ ଥିବା ପ୍ରାଣୀ ଚିକିତ୍ସାଳୟ (ଭେଟେରିନାରୀ ହସ୍ପିଟାଲ୍)ରେ ଡାକ୍ତର ଅଭାବ ସାଙ୍ଗକୁ ପଞ୍ଚାୟତ ସ୍ତରରେ ଥିବା ଏଲ୍‌ଆଇ ସେଣ୍ଟରରେ ଲାଇଭ୍‌ଷ୍ଟକ୍ ଇନ୍ସପେକ୍ଟର (ଏଲ୍‌ଆଇ) ମରୁଡ଼ି ପଡ଼ିଛି । ପ୍ରାଣୀଧନ ଗଣନା (ସର୍ଭେ) କାର୍ଯ୍ୟ ଏଲ୍‌ଆଇଙ୍କ ଉପରେ ଗୁରୁ ଦାୟିତ୍ୱ ରହିଥିଲେ ରାଜ୍ୟରେ ସମ୍ପୃକ୍ତ କର୍ମଚାରୀଙ୍କର ଘୋର ସଂକଟ ଥିବାରୁ ଅଧିକାରୀଙ୍କ ଚିନ୍ତା ବଢ଼ିଛି । ଏପରିସ୍ଥଳେ ସର୍ଭେ କାର୍ଯ୍ୟ ପାଇଁ ରାଜ୍ୟବ୍ୟାପୀ ବିଭିନ୍ନ ବ୍ଲକ୍ ଓ ପୌରାଞ୍ଚଳରେ ଠିକାରେ ନିୟୋଜିତ ଥିବା ପ୍ରାଣୀ ମିତ୍ର ଓ ଗୋମିତ୍ରଙ୍କ ଦ୍ୱାରା ପ୍ରାଣୀଧନ ଗଣନା ଆରମ୍ଭ କରାଯାଇଛି । ପ୍ରାଣୀଧନ ଗଣନା ଜାତୀୟ କାର୍ଯ୍ୟକ୍ରମ । ଗାଈ, ବଳଦ, ମଇଁଷି, ଷଣ୍ଢ, ଛେଳି, ମେଣ୍ଢା, ଘୁଷୁରି, କୁକୁର, ବିଲେଇ, କୁକୁଡ଼ା, ବତକ ଆଦି ବିଭିନ୍ନ ଗୃହପାଳିତ ତଥା ପ୍ରାଣୀଧନ ସର୍ଭେ



ପ୍ରତି ୫ ବର୍ଷରେ ଥରେ ହୋଇଥାଏ । ରାଜ୍ୟସ୍ତରରେ ହେଉଥିବା ପ୍ରାଣୀ ସମ୍ପଦର ଗଣନା ଅନୁସାରେ ସରକାର ତଥା ପାଣୀ ସମ୍ପଦର ସୁରକ୍ଷା, ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ପାଇଁ ବିଭିନ୍ନ ଯୋଜନାଠାରୁ ଆରମ୍ଭ କରି ନୀତିନିୟମ ପ୍ରଣୟନ କରିଥାନ୍ତି । ସେ ଦୃଷ୍ଟିରୁ ବିଭାଗ ପାଇଁ ପ୍ରାଣୀଧନ ସର୍ଭେ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ଏହି କାର୍ଯ୍ୟ ପାଇଁ ପ୍ରାଣୀ ସମ୍ପଦ ବିଭାଗରେ ମାନବ ସମ୍ବଳର ଅଭାବ ପଡ଼ିଛି । ରାଜ୍ୟରେ ୫୧୬ଟି ପ୍ରାଣୀ ଚିକିତ୍ସାଳୟରେ ମଞ୍ଜୁରୀପ୍ରାପ୍ତ ୧୯୧୦ ପ୍ରାଣୀ ଚିକିତ୍ସକ ପଦବି ଥିବାବେଳେ ୬୦୦ରୁ ଅଧିକ ପଦବି ଖାଲି ପଡ଼ିଛି । ସେହିପରି ରାଜ୍ୟରେ ୩ ହଜାର ୨୩୯ଟି ଏଲ୍‌ଆଇ ସେଣ୍ଟରରୁ ଅଧା ପଦବି ଖାଲି ପଡ଼ିଛି । ଆବଶ୍ୟକ ସଂଖ୍ୟକ ଏଲ୍‌ଆଇ ନଥିବାରୁ ସର୍ଭେ କାର୍ଯ୍ୟ ବାଟବଣା ହେବ ବୋଲି ବିଭାଗୀୟ କର୍ମଚାରୀମାନେ ଆକଳନ କରିଛନ୍ତି । ଏପରିସ୍ଥଳେ ଘରକୁ ଘର ବୁଲି ଅନ୍‌ଲାଇନ୍ ପ୍ରକ୍ରିୟାରେ ହେଉଥିବା ସର୍ଭେ କାର୍ଯ୍ୟ ପାଇଁ ବିଭାଗୀୟ ସ୍ତରରେ ଗୋ ମିତ୍ର ଓ ପ୍ରାଣୀ ମିତ୍ରମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି । ଉକ୍ତ କାର୍ଯ୍ୟକୁ ସରକାରୀ ଚାକିରିରେ ଥିବା ଏଲ୍‌ଆଇମାନେ ସର୍ଭେ କରିବାର ନିୟମ ରହିଛି । ଏହି କାର୍ଯ୍ୟ ଠିକ୍ ଭାବେ ହେଉଛି କି ନାହିଁ ତାହାକୁ ବ୍ଲକ୍ ସ୍ତରରେ ତଦାରଖ କରିବା ଦାୟିତ୍ୱ ପ୍ରାଣୀ ଚିକିତ୍ସା ଅଧିକାରୀମାନଙ୍କ ଉପରେ ନ୍ୟସ୍ତ ରହିଛି । ମାତ୍ର ପ୍ରାଣୀ ଚିକିତ୍ସକଙ୍କଠାରୁ ଆରମ୍ଭ କରି ଏଲ୍‌ଆଇଙ୍କ ଅଭାବ ଥିବାରୁ ସଠିକ୍ ପ୍ରାଣୀଧନ ଗଣନା ହେବା ନେଇ ଏବେ ଆଶଙ୍କା ପ୍ରକାଶ ପାଇଛି । ୨୦୧୯ରେ ହୋଇଥିବା ଏହି ଗଣନା କାର୍ଯ୍ୟ ତୁଳନାରେ ୨୦୨୪ରେ ହେଉଥିବା ସର୍ଭେରେ ଅଧିକ ସୂଚନା ଓ ତଥ୍ୟ ସଂଗ୍ରହ ପାଇଁ ବ୍ୟବସ୍ଥା ରହିଛି । ଏଥିରେ ପାଖାପାଖି ୪୦ରୁ ୫୦ଟି ସ୍ତମ୍ଭ ବା କଲମ୍ ପୂରଣ ପାଇଁ ବ୍ୟବସ୍ଥା ରହିଛି । ସର୍ଭେରେ ନିୟୋଜିତ କର୍ମଚାରୀମାନଙ୍କ ମୋବାଇଲ୍‌ରେ ସ୍ୱତନ୍ତ୍ର ଭାବେ ଆପ୍ ଡାଉନ୍‌ଲୋଡ୍ କରାଯାଇଛି । କଟକ ଜିଲ୍ଲାରେ ଏବେ ସର୍ଭେ କାର୍ଯ୍ୟ ମହାନଗର ନିଗମର ୫୦ ଓ ୫୨ ନଂ ୱାର୍ଡରୁ ଆରମ୍ଭ ହୋଇଥିବା ସୂଚନା ମିଳିଛି । ମାତ୍ର ଘରକୁ ଘର ବୁଲି ପ୍ରାଣୀଧନ ଗଣନା କରିବାରେ ବହୁ ବିଭ୍ରାଟ ହେଉଥିବା କିଛି ଗୋପାଳକ ଅଭିଯୋଗ କରିଛନ୍ତି । କଟକ ଜିଲ୍ଲାରେ ୨୦୧୯ରେ ହୋଇଥିବା ଗଣନାରେ ୮ ଲକ୍ଷ ୩୯ ହଜାର ୬୬୦ ପ୍ରାଣୀଧନ ରହିଥିଲେ । ଏଥିରେ ସର୍ବାଧିକ ପ୍ରାୟ ୫ ଲକ୍ଷ ୫୦ ହଜାର ଗାଈ ରହିଥିବା ବେଳେ ଛେଳି ମେଣ୍ଢା ମିଶି ୨ ଲକ୍ଷ ୯୦ ହଜାର ଥିଲେ । ସେହିପରି ଘୁଷୁରି ୯୧୮ ଓ କୁକୁଡ଼ା ୨୭ ଲକ୍ଷ ଥିବା ଗଣତି ହୋଇଥିଲା । ଚଳିତ ସର୍ଭେ ଗୃହପାଳିତ ପଶୁଙ୍କଠାରୁ ଆରମ୍ଭ କରି କୁକୁଡ଼ା, ବତକ ଆଦି ସଂଖ୍ୟା ବଢ଼ିଛି ବୋଲି ପ୍ରାଣୀ ସମ୍ପଦ ବିଭାଗ ଆକଳନ କରିଛି ।

# ବିଶିଷ୍ଟ ତବଲା ବାଦକ (ଖତୁ ବଢେଇ)ଙ୍କ ପରଲୋକ



**ସମ୍ବଲପୁର ନ୍ୟୁଜ ବ୍ୟୁରୋ**
ସୁରେନ୍ଦ୍ର ସାଏଙ୍କ ଜନ୍ମ ଭୂମି ଖଣ୍ଡା ନିବାସୀ ଦୟାସାଗର ରାଉତ (ଖତୁ ବଢେଇ)ଙ୍କ ଝାରସୁଗୁଡା ସଞ୍ଜିବନିରେ ୭୫ବର୍ଷ ବୟସରେ ପରଲୋକ ହେଇଯାଇଛି । ସେ ବାଲ୍ୟକାଳରୁ ତାଙ୍କ ପିତାଙ୍କ ଠାରୁ ତବଲା ବାଦ୍ୟ ଶିକ୍ଷା ଲାଭ କରି ବେଶ୍ ନାମ ରଖିଛନ୍ତି । ତାଙ୍କୁ ସମସ୍ତେ ଖତୁ ବଢେଇ ବୋଲି ଜାଣନ୍ତି, କାରଣ ସେ ବଢେଇ କାମ କରି ବି ଅଞ୍ଚଳରେ ବେସ୍ ଜଣା ଶୁଣା, ୟୁଟୁବ୍‌ରେ 'ଖଣ୍ଡା ଭାଗବତ' ନାମରେ ତାଙ୍କର ଅନେକ ଭାଗବତ ଆସୁଛି । ନିକଟରେ 'ସୁରେନ୍ଦ୍ର ସାଏ ଭାଗବତ'ରେ ତବଲା ବଜାଇ ଭାଗବତ ନନ୍ଦଙ୍କ ଠାରୁ ମାନପତ୍ର ପାଇଥିଲେ । ତାଙ୍କର ବଡପୁଅ ଦୋଳଗୋବିନ୍ଦ ମୁଖାଗ୍ନୀ ଦେଇଥିଲେ । ତାଙ୍କର ତିନିପୁଅ ଦୁଇ ଝିଅ ଥିବା ବେଳେ ଧର୍ମପତ୍ନୀ ଅର୍ସପି ଏବଂ ପୁତ୍ରବଧୂ ଏବଂ ନାତି ନାତୁଣିମାନେ ଉପସ୍ଥିତ ରହିଥିଲେ । ଶେଷ ଦର୍ଶନ ପାଇଁ ଭାଗବତ ପ୍ରେମୀମାନଙ୍କ ସହ ଅନେକ ଲୋକ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶୁକ୍ରବାର (୨୯)ଦଶାହ କାର୍ଯ୍ୟ ଓ ଶନିବାର (୩୦)ଏକଦଶାହ କାର୍ଯ୍ୟ ଥିବା ନେଇ ପରିବାର ପକ୍ଷରୁ ସୂଚନା ଦେଇଛନ୍ତି ।

### ଯାଜପୁର ଜିଲ୍ଲା ସ୍ତରୀୟ ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନର ଶୁଭାରମ୍ଭ

# ଉତ୍ତମ ସମନ୍ୱୟ ରହିଲେ ବାଲ୍ୟ ବିବାହ ମୁକ୍ତ ସମ୍ଭବ ହୋଇପାରିବ




**ଯାଜପୁର, ନ୍ୟୁଜ ବ୍ୟୁରୋ**
ଯାଜପୁର ଜିଲ୍ଲାର ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଜିଲ୍ଲାସ୍ତରୀୟ ବାଲ୍ୟବିବାହ ମୁକ୍ତ ଭାରତ ଅଭିଯାନ ଯାଜପୁର ଜିଲ୍ଲା ପ୍ରଶାସନ ଓ ରୁଚିକା ସମାଜ ମଙ୍ଗଳ ସଂଗଠନ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଏକ ବିଶାଳ ଶୋଭାଯାତ୍ରା ଓ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ସବିତା ଚ୍ୟାଉପଟ୍ଟନାୟକ ସଭାପତିତ୍ୱ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲ ଯୋଗଦେଇ ଏକ ବିଶାଳ ମହମବତୀ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ମୁଖ୍ୟ ଅତିଥି ବକ୍ତବ୍ୟରେ କହିଲେକି ଅଂଶୀଦାର ସମୂହଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରହିଲେ ଯାଜପୁର ଜିଲ୍ଲାକୁ ବାଲ୍ୟ ବିବାହ ମୁକ୍ତ ସମ୍ଭବ ହୋଇପାରିବ । ଅନ୍ୟ ସମ୍ମାନିତ ଅତିଥି ରୂପେ ଉପଜିଲ୍ଲାପାଳ ଅଂଶୁମାନ ଶତପଥି ବାଲ୍ୟ ବିବାହର କୁପରିଣତି ବିଷୟରେ ଅଂଶଗ୍ରହଣକାରୀଙ୍କ ଉଦ୍ଦେଶ୍ୟରେ ମତ ରଖିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ରୂପେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ବାଲ୍ୟ ବିବାହ ସମ୍ପର୍କିତ ବକ୍ତବ୍ୟ ରଖିଥିଲେ । ଜିଲ୍ଲା ପକଳ୍ପ ସଂଯୋଜକ, ମିଶନ ଶକ୍ତି, ସୀତାଂଶୁ ଶେଖର ସାହୁ, ଭାରପ୍ରାପ୍ତ ଅଧିକାରୀ ଟାଉନ ଥାନା, ଯାଜପୁର ଶରତ ଚନ୍ଦ୍ର ପାତ୍ର ଓ ରୁଚିକା ସମାଜ ମଙ୍ଗଳ ସଂଗଠନର ଜିଲ୍ଲା ସଂଯୋଜକ ଦେବପ୍ରସାଦ ପାଠକ ଓ ଅନ୍ୟତମ ସଂଯୋଜକ ଶୁଭସ୍ମିତ ମହାନ୍ତି, ଶ୍ରୀଧର ସାହୁ, ନିରଞ୍ଜନ ମହାରଣା, ସସ୍ମିତା ସାହୁ, ଅରୁଣ ଦାସ, ପ୍ରତାପ ନାୟକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ୩୦୦ରୁ ଉର୍ଦ୍ଧ୍ୱ ମହିଳା ଓ ମିଶନ ଶକ୍ତି କର୍ମକର୍ତ୍ତା ମହମ ବତୀ ଶୋଭାଯାତ୍ରା କରିବାସହ ବାଲ୍ୟ ବିବାହ ମୁକ୍ତ ଉଦ୍ଦେଶ୍ୟରେ ଶପଥ ପାଠ କରିଥିଲେ । କାର୍ଯ୍ୟ କ୍ରମରେ ଆକ୍ସନଏଡ଼ର ରୋଜାଲିନ ପଣ୍ଡା ଓ ଚାଇଲ୍ଡ ହେଲ୍ପଲାଇନର ସଂଯୋଜକ ବରେନ୍ଦ୍ର ଦାଶ ଓ ଶିଶୁ ସୁରକ୍ଷା ଇଉନିଟର କର୍ମଚାରୀ ଉପସ୍ଥିତ ରହିଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ଧନ୍ୟବାଦ ଅର୍ପଣ କରିଥିଲେ ।

# ୯.୬୫ଗ୍ରାମ ବ୍ରାଉନସୁଗାର ସହ ୫୮୨୦ ଟଙ୍କା ଜବତ : ଜଣେ ଗିରଫ, ୨ ଫେରାର



**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**
ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଚାଟ୍ରା ହାଟବଜାର ସ୍ଥିତ ଚିଲ୍ଡ୍ରେନ ପାର୍କରେ ୩ଜଣ ଯୁବକ ବ୍ରାଉନସୁଗାର ବ୍ୟବସାୟ କରୁଥିବା ବେଳେ ସଦର ପୁଲିସ ଅଚାନକ ଚଢାଉ କରି ୩ଜଣ ଯୁବକଙ୍କ ମଧ୍ୟରୁ ଜଣଙ୍କୁ ଗିରଫ କରିବା ସମ୍ଭବ ହୋଇଥିଲା । ବାକି ୨ଜଣ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲେ । ତେବେ ଗିରଫ ଯୁବକ ଜଣଙ୍କ ସ୍ଥାନୀୟ ଚାଟ୍ରା ଗ୍ରାମର ଲକ୍ଷ୍ମୀଧର ବିଶୋଇଙ୍କ ପୁଅ ହାପି ଓରଫ୍ ଶୋମେଶ ବିଶୋଇ(୩୦) । ଏଥି ସହିତ ତା'ପାଖରୁ ୯.୬୫ ଗ୍ରାମର ବ୍ରାଉନ ସୁଗାର୍ ସହିତ ନଗଦ ୫ହଜାର ୮୨୦ ଟଙ୍କା ଜବତ କରାଯିବା ସହିତ ବ୍ୟବସାୟରେ ବ୍ୟବହାର କରୁଥିବା ଓଡି -୩୪ଏଲ୍ -୬୩୫୮ ନମ୍ବର ବିଶିଷ୍ଟ ସ୍ପ୍ଲେଣ୍ଡର ପ୍ଲସ ବାଇକ ସହିତ ଏକ ମୋବାଇଲ ଫୋନ୍ ଜବତ କରିଥିଲେ । ଫେରାର ହୋଇଥିବା ୨ଜଣ ହେଲେ, ସ୍ଥାନୀୟ ପାଣିସାଳିଆ ଗ୍ରାମର ବାବୁନା ବିଶ୍ୱାଳ ଓ ଜୟବଡ ଗ୍ରାମର ପିନ୍ଟୁ ଓରଫ୍ ରଞ୍ଜିତ ମହାନ୍ତି ବୋଲି ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀ ଏସପି ଭବାନୀ ଶଙ୍କର ଉଦଗାତା ସୂଚନା ପ୍ରଦାନ କରିଛନ୍ତି ।

# ହାତୀ ଗଣନା ରିପୋର୍ଟ: ୬ ମାସରେ ବଢ଼ିଛନ୍ତି ୫ ହାତୀ, ମରିଛନ୍ତି ୪୮ ହାତୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ରାଜ୍ୟରେ ଶୀତକାଳୀନ ହାତୀ ଗଣନା ରିପୋର୍ଟ ପ୍ରକାଶ ପାଇଛି । ରିପୋର୍ଟ ଅନୁସାରେ ରାଜ୍ୟରେ ଗତ ୬ ମାସରେ ବଢ଼ିଛନ୍ତି ମାତ୍ର ୫ ହାତୀ । ଗତ ଖରାଦିନିଆ (ମେ'ମାସ) ଗଣନାରେ ଥିଲେ ୨୦୯୮ ହାତୀ । ଶୀତଦିନିଆ (ନଭେମ୍ବର ମାସ) ଗଣନାରେ ୩୮ଟି ବନଖଣ୍ଡରେ ସମୁଦାୟ ୨୧୦୩ଟି ହାତୀ ଅଛନ୍ତି । ୧୩ଟି ଡିଭିଜନ ହାତୀ ଶୂନ୍ୟ ରହିଛି । ଏହି ସମୟ ମଧ୍ୟରେ ୪୮ ହାତୀ ବିଭିନ୍ନ କାରଣରୁ ମୃତ୍ୟୁବରଣ କରିଛନ୍ତି । ସମୁଦାୟ ୨୧୦୩ ହାତୀଙ୍କ ମଧ୍ୟରୁ ୩୩୪ଟି ପ୍ରାପ୍ତବୟସ୍କ ଦନ୍ତା ହାତୀ, ୧୨ଟି ପ୍ରାପ୍ତବୟସ୍କ ମାଖନା ହାତୀ, ୬୭୮ଟି ପ୍ରାପ୍ତବୟସ୍କା ମାଈ ହାତୀ, ୪୦୩ଟି ଛୁଆ (ମା'ପେଟତଳେ ଗଳି ଯାଉଥିବା), ୧୮୬ଟି ଯୁବ ଦନ୍ତା, ୪ଟି କମ୍ ବୟସ୍କ ମାଖନା, ୩୦୫ଟି କମ୍ ବୟସ୍କ ମାଈ, ୧୮୧ ଛୁଆ (ମା' କାନ୍ଧ ଉଚ୍ଚ) ହାତୀ ରହିଛନ୍ତି । ରାଜ୍ୟରେ ୫ଟି ଡିଭିଜନରେ ଅଧିକ ହାତୀ ଚଳପ୍ରଚଳ କରୁଥିବା ଗଣନାରୁ ଜଣାପଡ଼ିଛି । ଢେଙ୍କାନାଳ ଡିଭିଜନରେ ସର୍ବାଧିକ ୨୯୧ଟି ହାତୀ ଥିବା ବେଳେ କେନ୍ଦୁଝର ଡିଭିଜନରେ ୧୬୦ଟି, ଆଠଗଡ଼ ଡିଭିଜନରେ ୧୨୪ଟି, ଦେବଗଡ଼ ଡିଭିଜନରେ ୧୨୩ ଓ ଅନୁଗୁଳ ଡିଭିଜନରେ ୧୧୭ଟି ହାତୀ ଅଛନ୍ତି । ସର୍କଲ ସ୍ତରରେ ଅନୁଗୋଳ ସର୍କଲରେ ସର୍ବାଧିକ ୬୮୦ ହାତୀ ଥିବା ବେଳେ ବାରିପଦାରେ ୩୮୪, ବ୍ରହ୍ମପୁର ସର୍କଲରେ ୧୭୨, ଭବାନୀପାଟଣା ସର୍କଲରେ ୧୪୦, ଭୁବନେଶ୍ୱର ସର୍କଲରେ ୧୨୦ ହାତୀ ଅଛନ୍ତି । କୋରାପୁଟ ସର୍କଲରେ ମାତ୍ର ଗୋଟିଏ ହାତୀ ବୁଲୁଛି । ରାଉରକେଲା ସର୍କଲରେ ୪୪୨ ଓ ସମ୍ବଲପୁର ସର୍କଲରେ ୧୪୪ ହାତୀ ଥିବା ଏହି ଗଣନାରୁ ଜଣାପଡ଼ିଛି । ୨୦୨୪ ବର୍ଷରେ ଦୁଇଥର ହାତୀ ଗଣନାରୁ ୪ଟି ପଡ଼ୋଶୀ ରାଜ୍ୟରୁ ଓଡ଼ିଶାରେ ଆସି ୧୮୬ ହାତୀ ଡେରା ପକାଇଥିବା ଜଣାପଡ଼ିଛି । ଝାଡ଼ଖଣ୍ଡରୁ ସର୍ବାଧିକ ୧୦୧ ହାତୀ ଆସିଥିବା ବେଳେ ପଶ୍ଚିମବଙ୍ଗରୁ ୮୦, ଛତିଶଗଡ଼ରୁ ଗୋଟିଏ ଓ ଆନ୍ଧ୍ରପ୍ରଦେଶରୁ ୪ଟି ହାତୀ ଆସି ଦୀର୍ଘଦିନ ଧରି ଡେରା ପକାଇଛନ୍ତି । ସବୁଠାରୁ ପରିତାପର ବିଷୟ ହେଉଛି, ଗତ ୬ ମାସ ମଧ୍ୟରେ ୪୮ ହାତୀଙ୍କର ମୃତ୍ୟୁ ଘଟିଲାଣି । ମୃତ୍ୟୁହାର ତୁଳନାରେ ଜନ୍ମହାର ଅତି ନଗଣ୍ୟ ରହିଛି । କିଛିବର୍ଷ ଧରି ଯେତିକି ହାତୀ ଓଡ଼ିଶାରେ ମୃତ୍ୟୁବରଣ କରୁଛନ୍ତି, ସେମାନଙ୍କର ହାରାହାରି ହିସାବକୁ ଯଦି ଆମେ ଦେଖିବା ତା'ହେଲେ ୧୯୯୦ରୁ ୨୦୦୦, ୧୦ ବର୍ଷ ଭିତରେ ବର୍ଷକୁ ହାରାହାରି ୩୩ଟି ହାତୀ ମୃତ୍ୟୁ ବରଣ କରୁଥିଲେ । ୨୦୦୦ରୁ ୨୦୧୦ ମସିହା ୧୦ ବର୍ଷ ଭିତରେ ହାରାହାରି ବର୍ଷକୁ ୪୬ଟି ହାତୀ ମୃତ୍ୟୁ ବରଣ କରିଥିଲେ । ୨୦୧୦ରୁ ଆଜି ପର୍ଯ୍ୟନ୍ତ ବର୍ଷକୁ ହାରାହାରି ୭୮ଟି ହାତୀ ମୃତ୍ୟୁ ବରଣ କରିଛନ୍ତି । କେତେବେଳେ ହାତୀଦାନ୍ତ ଶିକାରୀମାନେ ଗୁଳିକରି ଓ ତୀରମାଡ଼ କରି ଜୀବନ ନେଇଛନ୍ତି ତ କେଉଁଠି ବିଦ୍ୟୁତ୍ ଆଘାତାରେ ହାତୀଙ୍କ ଜୀବନ ଯାଉଛି । ଆଉ କେଉଁଠି ଟ୍ରେନ୍ ଓ ଗାଡ଼ି ଧକ୍କାରେ ହାତୀ ମୃତ୍ୟୁମୁଖରେ ପଡୁଛନ୍ତି ।

# ଶ୍ରୀକ୍ଷେତ୍ରରେ ନୌସେନା ଶୌର୍ଯ୍ୟର ଝଲକ : ଏୟାରକ୍ରାଫ୍ଟର ଗର୍ଜନରେ କମ୍ପିଲା ସହର

**ପୁରୀ, ନ୍ୟୁଜ ବ୍ୟୁରୋ**
ଶ୍ରୀକ୍ଷେତ୍ରରେ ନୌସେନା ଶୌର୍ଯ୍ୟର ଝଲକ । ଆକାଶରୁ ଖସିଲା ଗୋଳା ବାରୁଦ । ୧୫ରୁ ଉର୍ଦ୍ଧ୍ୱ ଯୁଦ୍ଧ ଜାହାଜ ପୁରୀ ସହର ଉପକୂଳରେ ଧାଡ଼ି ହୋଇଥିଲେ । ଏୟାରକ୍ରାଫ୍ଟର ଗର୍ଜନରେ ପ୍ରକମ୍ପିତ ହେଉଥିଲା ସହର । ଉପକୂଳ ରଣକ୍ଷେତ୍ର ସଦୃଶ ପ୍ରତୀୟମାନ ହେଉଥିଲା । ନୌସେନା ଯବାନଙ୍କ ପରାକ୍ରମକୁ ଅପଲକ ନୟନରେ ଚାହିଁ ରହିଥିଲେ ହଜାର ହଜାର ଦର୍ଶକ । ଗୁରୁବାର ନୌସେନା ଦିବସ ପାଳନର ପ୍ରଥମ ଝଲକ ଦେଖିଛି ଶ୍ରୀକ୍ଷେତ୍ର । ଜଳ, ସ୍ଥଳ ଓ ଆକାଶ ସବୁଠି ନିଜର ପରାକ୍ରମକୁ ପ୍ରଦର୍ଶନ କରିଛନ୍ତି ବୀର ଯବାନ । ଆସନ୍ତା



ଡିସେମ୍ବର ୪ ନୌସେନା ଦିବସ ପାଳନ ପାଇଁ ଆରମ୍ଭ ହୋଇଯାଇଛି ପ୍ରଦର୍ଶନ । ଜାତୀୟ ସଙ୍ଗୀତ ଗାୟନରୁ ପ୍ରଦର୍ଶନ ଆରମ୍ଭ ହୋଇଥିଲା । ଗୋଟିଏ ପରେ ଗୋଟିଏ ରଣକୌଶଳ ପ୍ରଦର୍ଶନ କରାଯାଇଥିଲା । ନୌସେନା କେମିତି ଶତ୍ରୁଙ୍କୁ ନିପାତ କରେ ତାହା ଦେଖାଇଥିଲେ । ଲଢୁଆ ବିମାନ ଆକାଶରୁ ଗୋଳାବାରୁଦ ବର୍ଷା କରିଥିଲା । ଜାହାଜରୁ ବୀର ନୌସେନା ଯବାନ ଆସି ସ୍ଥଳ ଭାଗରେ ଶତ୍ରୁକୁ ନିପାତ କରିବାର ଦୃଶ୍ୟ, ଶତ୍ରୁ ନିପାତ ହେବା ପରେ ନୌସେନା କେମିତି ବିଜୟ ଉତ୍ସବ ପାଳନ କରେ ତାହାର ଝଲକ ମଧ୍ୟ ଦେଖିବାକୁ ମିଳିଥିଲା । ହେଲିକପ୍ଟର ଉଡାଣ ସମୟରେ ରଙ୍ଗର ଫୁଆର ଉଡ଼ାଇ ଯବାନମାନେ ନିଜର ଶକ୍ତି ଓ ଶୌର୍ଯ୍ୟ ଦର୍ଶକଙ୍କୁ ଦେଖାଇଥିଲେ । ହେଲିକପ୍ଟରରେ ଜାତୀୟ ପତାକା ତ୍ରିରଙ୍ଗା ଉଡୁଥିବାର ଦୃଶ୍ୟ ଜାତୀୟତାବୋଧ ଜାଗ୍ରତ କରିଥିଲା । ପ୍ରଦର୍ଶିତ ହେଉଥିବା କଳା କୌଶଳ ଅନୁଯାୟୀ ବ୍ଲୁ ଫ୍ଲାଗ୍ ବିଚ୍‌ରେ ଇଂରାଜୀ, ହିନ୍ଦୀ ଏବଂ ଓଡ଼ିଆରେ ବିବରଣୀ ଦିଆଯାଇଥିଲା । ଯବାନମାନେ କ'ଣ କରୁଛନ୍ତି ସେନେଇ ବିବରଣୀ ଦର୍ଶକମାନଙ୍କୁ ଦିଆଯାଉଥିଲା । ଲଢୁଆ ବିମାନ ଆକାଶରେ ପକ୍ଷୀ ଭଳି ବୁଲିବୁଲି ଉଡ଼ିବା ଦୃଶ୍ୟ ସମସ୍ତଙ୍କୁ ଚକିତ କରିଥିଲା । ଧାଡ଼ିଧାଡ଼ି ହୋଇ ହେଲିକପ୍ଟରରୁ ନିଆଁ ଗୋଳା ଖସୁଥିଲା ।

## ପର୍ଯ୍ୟଟକଙ୍କ ପାଇଁ ଦୁଃଖ : ନନ୍ଦନକାନନ ଉଦ୍ଭିଦ ଉଦ୍ୟାନରେ ବଣଭୋଜି ମନା

**ବାରଙ୍ଗ, ନ୍ୟୁଜ ବ୍ୟୁରୋ**
ଆରମ୍ଭ ହୋଇଯାଇଛି ପର୍ଯ୍ୟଟନ ଋତୁ । ନନ୍ଦନକାନନର ଉଦ୍ଭିଦ ଉଦ୍ୟାନରେ ବଣଭୋଜି କରିବାକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଦୁଃଖ ଖବର । ସେମାନେ ଆଉ ଆଗଭଳି ସୁନ୍ଦର ସବୁଜିମା ମଧ୍ୟରେ ବଣ ଭୋଜି କରିବାର ସୁଯୋଗ ପାଇ ପାରିବେ ନାହିଁ । କାରଣ ବନବିଭାଗ ନନ୍ଦନକାନନର ଉଦ୍ଭିଦ ଉଦ୍ୟାନ(ବଟାନିକାଲ ଗାଡ଼େନ)ରେ ବଣଭୋଜିକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ରଖିବାକୁ ନିଷ୍ପତି ନେଇଛନ୍ତି । ବଣଭୋଜି ସମୟରେ ପର୍ଯ୍ୟଟକଙ୍କ ପ୍ଲାଷ୍ଟିର ବହୁଳ ବ୍ୟବହାର ଓ ଶବ୍ଦ ପ୍ରଦୂଷଣ ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି । ପ୍ରତ୍ୟେକ ବର୍ଷ ବଟାନିକାଲ ଗାଡ଼େନକୁ ହଜାର ହଜାର ପର୍ଯ୍ୟଟକ ବଣ ଭୋଜି କରିବାକୁ ଆସିଥାନ୍ତି । ମାତ୍ର ଅଧିକ ଶବଦରେ ସାଉଣ୍ଡ ବକ୍ସ ବଜାଇବା ଦ୍ୱାରା ଜୀବଜନ୍ତୁଙ୍କ ଉପରେ ଖରାପ ପ୍ରଭାବ ପକାଉଛି । ବଟାନିକାଲ ଗାଡ଼େନ ନିକଟରେ ରହିଛି ଦେଶର ବୃହତ ପ୍ରାଣୀ ଉଦ୍ୟାନ । ଏଠାରେ ରହିଛନ୍ତି ଦେଶ ବିଦେଶର ୧୬୯ ପ୍ରଜାତୀର ୪୨୮୫ ଜୀବଜନ୍ତୁ । ସେଥିମଧ୍ୟରୁ ୧୦୯ଟି ଭାରତୀୟ ଓ ୬୦ଟି ବିଦେଶୀ ପ୍ରଜାତୀର ଜୀବଜନ୍ତୁ ।

# ଡିସେମ୍ବର ୬ରୁ ଆରମ୍ଭ ହେବ ସୁବର୍ଣ୍ଣ ଲୋକ ମହୋତ୍ସବ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**
ସୁବର୍ଣ୍ଣପୁର ଜିଲ୍ଲାର ସୁବର୍ଣ୍ଣ ଲୋକ ମହୋତ୍ସବ ୨୦୨୫ ଅନୁଷ୍ଠିତ କରିବା ପାଇଁ ପ୍ରସ୍ତୁତି ବୈଠକ । ସମୟରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀଙ୍କ ସଭାପତିତ୍ୱରେ ସୁବର୍ଣ୍ଣ ଲୋକ ମହୋତ୍ସବ ୨୦୨୫ ଅନୁଷ୍ଠିତ କରିବା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀମତୀ ଆଞ୍ଜେଲିନା ପଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, ଉପଜିଲ୍ଲାପାଳ, ସୋନପୁର, ଜିଲ୍ଲାର ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ବୃନ୍ଦ, ଜିଲ୍ଲାର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୃନ୍ଦ, ଜିଲ୍ଲାର ତହସିଲଦାର ବୃନ୍ଦ, ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ମ୍ୟୁନିସିପାଲଟିର ନିର୍ବାହୀ ଅଧିକାରୀ ବୃନ୍ଦ, ଜିଲ୍ଲା ସଂସ୍କୃତି ପରିଷଦ ସମସ୍ତ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ । ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ବୁଦ୍ଧିଜୀବୀ, କଳାକାରମାନେ ଉପସ୍ଥିତ ରହି ସେମାନଙ୍କର ମୂଲ୍ୟବାନ ଓ ଉପାଦେୟ ପ୍ରସ୍ତାବ ଓ ମତାମତ ପ୍ରଦାନ କରିଥିଲେ । ଏହି ପ୍ରସ୍ତୁତି ବୈଠକରେ ଆଗାମୀ ଜାନୁୟାରୀ ୨୦୨୫ ମାସର ୦୬.୦୧.୨୦୨୫ରୁ ୧୦.୦୧.୨୦୨୫ ପର୍ଯ୍ୟନ୍ତ ସୁବର୍ଣ୍ଣପୁର ସ୍ଥିତ ରାମେଶ୍ୱର ପଡିଆରେ ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସୁବର୍ଣ୍ଣ ଲୋକ ମହୋତ୍ସବ ଅନୁଷ୍ଠିତ କରିବା ପାଇଁ ସର୍ବ ସମ୍ମତି କ୍ରମେ ସ୍ଥିରୀକୃତ କରାଗଲା । ଉକ୍ତ ପ୍ରସ୍ତୁତି ବୈଠକରେ ଗତ ସୁବର୍ଣ୍ଣ ଲୋକ ମହୋତ୍ସବ ୨୦୨୪ର ପାଣ୍ଠି ସଂଗ୍ରହ ଓ ଖର୍ଚ୍ଚର ବିବରଣୀ ସମସ୍ତଙ୍କ ଅବଗତି ନିମନ୍ତେ ପାଠ କରାଯାଇଥିଲା । ସୁବର୍ଣ୍ଣଲୋକ ମହୋତ୍ସବ ୨୦୨୫ ଅନୁଷ୍ଠିତ କରିବା ପାଇଁ ଯେପରି ଅଧିକ ପାଣ୍ଠି ସଂଗ୍ରହ କରାଯାଇପାରିବ ସେଥି ପାଇଁ ବିଶଦ ଭାବେ ଆଲୋଚନା କରାଯାଇଥିଲା । ସୁବର୍ଣ୍ଣଲୋକ ମହୋତ୍ସବ ୨୦୨୫ ଅନୁଷ୍ଠିତ କରିବା ପାଇଁ ସମସ୍ତ କମିଟି ଗଠନ ଓ କମିଟି ଗୁଡ଼ିକର କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା । ସୁବର୍ଣ୍ଣ ଲୋକ ମହୋତ୍ସବ ୨୦୨୫ ଅନୁଷ୍ଠିତ କରିବା ଅବସରରେ ସ୍ମରଣିକା ପ୍ରକାଶନ ପାଇଁ ଲେଖକ, କବି ଓ ଜନସାଧାରଣଙ୍କ ଠାରୁ ସୁବର୍ଣ୍ଣପୁର ଜିଲ୍ଲାର ଇତିହାସ, ସଂସ୍କୃତି, କଳା ଓ ପରମ୍ପରା ଉପରେ ପ୍ରବନ୍ଧ, କାହାଣୀ ଓ କବିତାର ଲେଖା ଗୁଡିକ districtculture.subarnapur@gmail.com ଇମେଲ ଠିକଣାରେ ପଠାଇବା ପାଇଁ ଅନୁରୋଧ କରାଗଲା । ସୁବର୍ଣ୍ଣଲୋକ ମହୋତ୍ସବ ୨୦୨୫ ପୂର୍ବରୁ ରିଙ୍ଗ ରୋଡ ସମେତ ସୁବର୍ଣ୍ଣପୁର ସହରର ସମସ୍ତ ରାସ୍ତା ଓ ଛକ ଜାଗା ମାନଙ୍କରେ ଆଲୋକିକରଣ କରିବାର ଆବଶ୍ୟକତା ଅଛି ବୋଲି ବୁଦ୍ଧିଜୀବୀ ତଥା ସାମ୍ବାଦିକ ଦିଲୀପ କୁମାର ପାତ୍ର ବୈଠକର ଦୃଷ୍ଟି ଆକର୍ଷଣ କରିଥିଲେ । ଏ ବିଷୟରେ ନିର୍ବାହୀ ଅଧିକାରୀ, ମ୍ୟୁନିସପାଲିଟି, ସୋନପୁରଙ୍କୁ ଆବଶ୍ୟକୀୟ ଦିଆଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା । ସୁବର୍ଣ୍ଣ ଲୋକ ମହୋତ୍ସବ ୨୦୨୫ ଅନୁଷ୍ଠିତ କରିବା ଅବସରରେ ରାଜ୍ୟ ସ୍ତରୀୟ ପଲ୍ଲୀଶ୍ରୀ ମେଳା ଓ ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପତି ମେଳା ମଧ୍ୟ ପାଞ୍ଚ ଦିନବ୍ୟାପି ଅନୁଷ୍ଠିତ ହେବ । ପ୍ରସ୍ତୁତି ବୈଠକ ଶେଷରେ ସଭାପତି ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ, ସୁବର୍ଣ୍ଣପୁର ସମସ୍ତଙ୍କ ଉପସ୍ଥିତି ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବୁଗୁଡ଼ାରେ କାମରେ ଆସୁନି ସିସିଟିଭି କ୍ୟାମେରା : ଅପରାଧ ବଢୁଛି

**ବୁଗୁଡା, ନ୍ୟୁଜ ବ୍ୟୁରୋ**
ବୁଗୁଡା ସହରରେ ନାମକୁ ମାତ୍ର ଲାଗିଛି ମାଳ ମାଳ ସିସିଟିଭି କ୍ୟାମେରା । ସେଥିରୁ ଅଧାରୁ ଅଧିକ କ୍ୟାମେରା କାମରେ ଆସୁନି । ଫଳରେ ଅପରାଧିକ କାର୍ଯ୍ୟକଳାପରେ ବ୍ରେକ୍ ଲାଗି ପାରୁନି । ସଂପ୍ରତି ଦୁଗୁଡ଼ା ସହର ସିସିଟିଭି ଅଧିନରେ ରହିଥିବା ସାଙ୍ଗକୁ ଅସାମାଜିକ କାର୍ଯ୍ୟକଳାପକୁ ମୁକାବିଲା କରିବାର କ୍ଷମତା ରଖୁଥିଲେ ହେଁ କାର୍ଯ୍ୟକାରୀ ହେବାର ଅଳ୍ପ କେତେ ମାସ ମଧ୍ୟରେ ସେଥିରୁ ଅନେକ କାମରେ ଲାଗୁନଥିବାରୁ କୌଣସି ସୁଫଳ ମିଳୁନି । ଏହି ସବୁ କ୍ୟାମେରା ମଧ୍ୟରୁ କେତେକ ୨୪ ଘଣ୍ଟା କାମ କରୁନଥିବା ବେଳେ ଯେଉଁ କେତେକ ଚାଲୁଛି ତାହା ମଧ୍ୟରୁ ପୁଣି କେତେକ ଲାଇଭ୍ ଚାଲୁଥିଲେ ମଧ୍ୟ ରେକର୍ଡିଂ ହେଉନାହିଁ । ସୂଚନା ଅନୁସାରେ, ଗତ ୨୦୨୩ ଜାନୁଆରୀ ୬ ତାରିଖରେ ସ୍ଥାନୀୟ ପୋଲିସ ଥାନା ପକ୍ଷରୁ ଆୟୋଜିତ 'ବୁଗୁଡ଼ା ସହରକୁ ସି.ସି.ଟିଭି ଦ୍ୱାରା ସମ୍ପୂର୍ଣ୍ଣ ଅନ୍ତର୍ଭୁକ୍ତିକରଣ' କାର୍ଯ୍ୟକ୍ରମ ଅବସରରେ ସହରାଞ୍ଚଳର ବଡଶଙ୍ଖ, ନୂଆଁ ବସଷ୍ଟାଣ୍ଡ, ହାଇସ୍କୁଲ ଛକ, ପୁରୁଣା ବସଷ୍ଟାଣ୍ଡ, ମଦନ ମୋହନ ଛକ, ବୁଦ୍ଧଖୋଲ ଗେଟ୍ ଛକ, ସିନେମା ହଲ୍ ଛକ, ବଡଦାଣ୍ଡ, ବାଗଦେବୀ ରୋଡ଼, ଖଦାଳସାହି ଛକ, ଥାନା ରୋଡ ସମେତ ବିଭିନ୍ନ ସ୍ଥାନରେ ପୋଲସରା ବିଧାୟକଙ୍କ ହାତପାଣ୍ଠି ବିନିଯୋଗରେ ୨୨ଟି ସି.ସି.ଟିଭି କ୍ୟାମେରା ଖଞ୍ଜା ଯାଇଥିଲା । ସେହିପରି ଗ୍ରାମାଞ୍ଚଳର କରସିଙ୍ଗି, ଗୋଳିଆ, ମୋଟାବାର୍ଡ଼ି, ମାଣିତରା, ଷୋଳମଇଲି ଆଦି ଗାଁ ଛକରେ ମଧ୍ୟ ସି.ସି.ଟିଭି କ୍ୟାମେରା ଲଗାଯାଇ ଅପରାଧିକ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯାଉଥିବା ନେଇ ପୋଲିସ ସୂତ୍ରରୁ ପ୍ରକାଶ ପାଇଥିଲା । ଏହି କ୍ୟାମେରା ଗୁଡିକର ଦାୟିତ୍ୱ ବୁଗୁଡା ପୋଲିସ ହାତରେ ରହିଥିବା ବେଳେ ବୁଗୁଡା ସହରରେ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପକୁ ରୋକା ଯାଇ ସହରରେ ଶାନ୍ତି ଶୃଙ୍ଖଳାକୁ ବଳବତ୍ତର ରଖିବା ଲକ୍ଷ୍ୟ ରହିଥିଲା । ଏହି କ୍ୟାମେରା ମାଧ୍ୟମରେ ବାହାରୁ ବୁଗୁଡା ସହରକୁ ପ୍ରବେଶ କରୁଥିବା ଏବଂ ସହରରୁ ବାହାରକୁ ଯାଉଥିବା ଯାନବାହାନ ଠାରୁ ଆରମ୍ଭ କରି ଅସାମାଜିକ ବ୍ୟକ୍ତିଙ୍କ ଉପରେ ନଜର ରଖାଯାଇ ପାରୁଥିଲା । ତେବେ ଅଧିକାଂଶ ସ୍ଥାନରେ ଲାଗିଥିବା କ୍ୟାମେରା କାମ ଦେଉନାହିଁ । କେତେକ ସ୍ଥାନରେ ଦୁର୍ବୃତ୍ତଙ୍କ ଦ୍ୱାରା କ୍ୟାମେରାକୁ ଅକାମୀ କରାଯାଇଥିବା ହେତୁ ସେଗୁଡିକ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରିପାରୁନଥିବା ଜଣାଯାଇଛି । ଫଳରେ କୌଣସି ଅସାମାଜିକ ଘଟଣାର ତଦନ୍ତ ପାଇଁ ବିଭିନ୍ନ ଦୋକାନରେ ଲାଗିଥିବା କ୍ୟାମେରାର ସହାୟତା ଲୋଡ଼ା ଯାଉଛି । ତେବେ ଅକାମୀ କ୍ୟାମେରାଗୁଡିକୁ ସ୍ଥାନୀୟ ପ୍ରଶାସନ ଯଥାଶୀଘ୍ର ସଜାଡିବାକୁ ସାଧାରଣରେ ଦାବି ହେଉଛି ।

# ଖାଉଟି ବିବ୍ରତ : ପାର୍ବଣ ଋତୁ ଆଗମନ ପରେ ଖାଇବା ତେଲର ଦର ବୃଦ୍ଧି

**କେନ୍ଦୁଝର, ନ୍ୟୁଜ**

ପାର୍ବଣ ଋତୁର ଆଗମନ ପରେ ପରେ ବିଭିନ୍ନ ଖାଇବା ତେଲର ଦର ବୃଦ୍ଧି ଖାଉଟି ମାନଙ୍କୁ ବିବ୍ରତ କରିଛି । ମିଳିଥିବା ସୂଚନାରୁ ପ୍ରକାଶ ଯେ ଗତ ୨ ମାସ ମଧ୍ୟରେ ବିଭିନ୍ନ ଖାଇବା ତେଲର ଦର ୨୫ ରୁ ୩୦ପ୍ରତିଶତ ମହଙ୍ଗା ହୋଇଛି । ପାର୍ବଣ ଦିନ ମାନଙ୍କରେ ଓ ହୋଟେଲ ମାନଙ୍କରେ ସାଧାରଣତଃ ପାମ ତେଲର ବ୍ୟବହାର ଓ କାର୍ତ୍ତିକ ମାସପରେ ଏବଂ ଭୋଜି ମାନଙ୍କରେ ସୋରିଷ ତେଲର ବ୍ୟବହାର ଅଧିକ ଥାଏ, ଯାହାକି ତେଲର ଦର ବୃଦ୍ଧି ଲୋକମାନଙ୍କୁ ବିଶେଷଭାବେ ପ୍ରଭାବିତ କରିଛି । ଅକ୍ଟୋବର ମାସ ତୁଳନାରେ ନଭେମ୍ବର-ଡିସେମ୍ବର ମାସରେ ବିଭିନ୍ନ ଖାଇବା ତେଲ ୨୫ ରୁ ୩୦ ପ୍ରତିଶତ ମହଙ୍ଗା ହୋଇଛି । ଖୋଲା ବଜାରରେ ବିକ୍ରି ହେଉଥିବା ସଂଗୃହିତ ଦରରୁ ପ୍ରକାଶ ଯେ ଗତ ସେପ୍ଟେମ୍ବର ମାସରେ ପାମ ତେଲ ଲିଟର ୧୦୦ ଟଙ୍କା, ସୋରିଷ ତେଲ ୧୪୫ ଟଙ୍କା, ସୂର୍ଯ୍ୟମୁଖୀ ତେଲ ୧୨୦ଟଙ୍କା ଓ ସୋୟାବିନ ତେଲ ଲିଟର ୧୨୦ଟଙ୍କାରେ ବିକ୍ରି ହେଉଥିବା ବେଳେ ଗତ ୨/୩ ମାସରେ ଅର୍ଥାତ ବର୍ତ୍ତମାନ ପାମ ତେଲ ଲିଟର ୧୩୫ ଟଙ୍କା, ସୋରିଷତେଲ ଲିଟର ୧୭୦ଟଙ୍କା, ସୂର୍ଯ୍ୟମୁଖି ତେଲ ଲିଟର ୧୫୫ ଟଙ୍କା ଏବଂ ସୋୟାବିନ ତେଲ ଲିଟର ୧୫୦ ଟଙ୍କାରେ ବିକ୍ରି ହେଉଛି । ଆମ ଦେଶରେ ଆବଶ୍ୟକ ପଡ଼ିଥିବା ତେଲର ପ୍ରାୟ ୫୮ ପ୍ରତିଶତ ତେଲ ଅନ୍ୟଦେଶ ଉପରେ ନିର୍ଭର କରିବାକୁ ପଡିଥାଏ, ଯାହାକି ଆମଦାନୀ ଦେଶରେ ତେଲର ଦରବୃଦ୍ଧି ଘଟିଲେ ତାହାର ପ୍ରଭାବ ଆମଦେଶରେ ପଡେ ଫଳସ୍ୱରୂପ ତେଲର ଦରବୃଦ୍ଧି ଘଟି ଖାଉଟିଙ୍କ ଉପରେ ପଡିଥାଏ । ଏହା ବ୍ୟତୀତ ଆମଦାନୀ ଶୁଳ୍କ ବୃଦ୍ଧି ହେବା, ଅର୍ଥାତ ପୂର୍ବରୁ ଅଶୋଧିତ ଖାଇବା ତେଲ ଉପରେ ଆମଦାନୀ ଶୁଳ୍କ ୫.୫ ଥିବାବେଳେ କେନ୍ଦ୍ରସରକାର ସେପ୍ଟେମ୍ବର ମାସରେ ଏହା ୧୩.୭ରେ ରଖିଥିବାବେଳେ ସରକାର ଏବେ ୩୫.୭କୁ ବୃଦ୍ଧି କରିଛନ୍ତି । ଯାହାକି ତେଲ ବୃଦ୍ଧିର ଅନ୍ୟ ଏକ ମୁଖ୍ୟ କାରଣ । ବିଶ୍ୱ ସ୍ତରରେ ମଧ୍ୟ ଅଶୋଧିତ ତେଲ ପାମ, ସୋୟାବିନ, ସୂର୍ଯ୍ୟମୁଖୀ ତେଲର ଦର ଯଥା କ୍ରମେ ୧୦.୬ ପ୍ରତିଶତ, ୧୬.୮ ପ୍ରତିଶତ, ୧୨.୩ ପ୍ରତିଶତ ବୃଦ୍ଧି ଘଟିଛି । ଆମ ଦେଶରେ ତୈଳଜାତୀୟ ଫସଲ ଉତ୍ପାଦନ ପାଇଁ ଆବଶ୍ୟକୀୟ ଭିତ୍ତିଭୂମି, ଅନୁକୂଳ ଜଳବାୟୁ, ଓ କୃଷି ଶ୍ରମିକ ରହିଥିବାହେଁ ଉତ୍ପାଦନ ଦିଗ ପ୍ରତି ଦୃଷ୍ଟି ଦିଆ ନଯାଇ ଆବଶ୍ୟକତାକୁ ମେଣ୍ଟାଇବାଲାଗି ଆମଦାନୀ ଉପରେ ଗୁରୁତ୍ୱ ଦିଆଯାଉଛି । ଯାଫଳରେ ଆମଦାନୀ ଦେଶ ମାନଙ୍କରେ ତେଲର ଦର ବୃଦ୍ଧି ଘଟିଲେ ଆମ ଦେଶରେ ମଧ୍ୟ ତାର ପ୍ରଭାବ ପଡୁଛି । ତେଣୁ ଏପରି ସ୍ଥଳେ ଅନ୍ୟଉପରେ ନିର୍ଭର ନକରି ନିଜ ଗୋଡ଼ରେ ନିଜେ ଛିଡା ହେବାର ନୀତିର ଆବଶ୍ୟକତା ରହୁଛି ବୋଲି ବୁଦ୍ଧିଜୀବି ମହଲରେ ମତପ୍ରକାଶ ପାଇଛି ।

# ବିଚାରାଧୀନ ଭିଜିଲାନ୍ସ ମାମଲା ଆଧାରରେ ବନ୍ଦ ହେବନାହିଁ ପେନସନ : ହାଇକୋର୍ଟ

**କଟକ, ନ୍ୟୁଜ ବ୍ୟୁରୋ**

ବିଚାରାଧୀନ ଭିଜିଲାନ୍ସ ମାମଲା ଆଧାରରେ ପେନସନ୍ ସୁବିଧା ବନ୍ଦ କରିବା ଘଟଣାକୁ ଓଡିଶା ହାଇକୋର୍ଟ ମନମୁଖୀ ଓ ଅବୈଧ ବୋଲି ଦର୍ଶାଇଛନ୍ତି । ମାମଲାରେ ପ୍ରାୟ ୭ ବର୍ଷ ତଳେ ଅବସର ନେଇଥିବା କର୍ମଚାରୀଙ୍କ ପେନସନ୍ ଓ ଗ୍ରାଚ୍ୟୁଇଟି ୩ ମାସ ମଧ୍ୟରେ ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବିଜୟ କୃଷ୍ଣ ପାଣିଗ୍ରାହୀ ୧୯୮୪ ମସିହାରେ ଅର୍ଥ ବିଭାଗ ଅଧୀନରେ ବାଣିଜ୍ୟକର ନିରୀକ୍ଷକ ଭାବେ ଯୋଗ ଦେଇଥିଲେ । ୨୦୧୦ରେ ସେ ବାଣିଜ୍ୟକର ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା ଏବଂ ତାଙ୍କ ବିରୋଧରେ ଦୁଇଟି ଅପରାଧିକ ମାମଲା ରୁଜୁ ହୋଇଥିଲା । ବିଭାଗୀୟ ପ୍ରକ୍ରିୟାରେ



ତାଙ୍କ ଉପରେ କୌଣସି ଜରିମାନା ଆଦାୟ କରାଯାଇ ନାହିଁ । ଭିଜିଲାନ୍ସ ମାମଲା ବିଚାରାଧୀନ ଥିବା ବେଳେ ଶ୍ରୀ ପାଣିଗ୍ରାହୀ ୨୦୧୭ ଡିସେମ୍ବର ୩୧ରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସହକାରୀ ଆର୍ଥିକ ପରାମର୍ଶଦାତା ପଦରୁ ଅବସର ନେଇଥିଲେ । ସେ ୨୦୨୦ରେ ଭିଜିଲାନ୍ସ ପ୍ରକ୍ରିୟା ଆଧାରରେ ତାଙ୍କ ଅବସର ସୁବିଧା ଏବଂ ନିୟମିତ ପେନସନ ବନ୍ଦ କରିବା ବିରୋଧରେ ହାଇକୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ । ମାମଲାର ଶୁଣାଣି କରି ଜଷ୍ଟିସ୍ ଏସ୍ କେ ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ବର୍ତ୍ତମାନ ମାମଲାରେ ସମ୍ପୃକ୍ତ କର୍ତ୍ତୃପକ୍ଷ କୌଣସି ଆଇନଗତ ବ୍ୟବସ୍ଥା ପ୍ରୟୋଗ ନକରି ଆବେଦନକାରୀଙ୍କ ନିୟମିତ ପେନସନ ଓ ପେନସନ ସୁବିଧାକୁ ଅଟକାଇ ରଖିଛନ୍ତି । ଜଷ୍ଟିସ ପାଣିଗ୍ରାହୀ ନଭେମ୍ବର ୮ ତାରିଖରେ ଜାରି କରିଥିବା ରାୟରେ କହିଛନ୍ତି ଯେ, ଆବେଦନକାରୀଙ୍କ ବିରୋଧରେ କେବଳ ଭିଜିଲାନ୍ସ ମାମଲା ବିଚାରାଧୀନ ରହିବା ଅପରାଧିକ ପ୍ରକ୍ରିୟା ଆରମ୍ଭ କରିବା ସହ ସମାନ ନୁହେଁ, ତେଣୁ ଆବେଦନକାରୀଙ୍କ ପେନସନ୍ ରୋକିବା ପାଇଁ ଏହାକୁ ଆଧାର ଭାବେ ବ୍ୟବହାର କରାଯାଇପାରିବ ନାହିଁ । କେବଳ ଭିଜିଲାନ୍ସ ଶାଖାରୁ ମଞ୍ଜୁରୀ ନ ମିଳିବା ନେଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ପେନସନ ସୁବିଧା ପ୍ରଦାନକୁ ରୋକିବା ଯୁକ୍ତିଯୁକ୍ତ ହୋଇପାରିବ ନାହିଁ ବୋଲି କୋର୍ଟ କହିଛନ୍ତି । ତେଣୁ ଏଭଳି କାର୍ଯ୍ୟକୁ ମନମୁଖୀ ଓ ଅବୈଧ ବୋଲି କୁହାଯାଇପାରିବ ବୋଲି ଜଷ୍ଟିସ୍ ପାଣିଗ୍ରାହୀ କହିଛନ୍ତି । ତଦନୁଯାୟୀ ଆବେଦନକାରୀଙ୍କ ପେନସନ୍ ନିର୍ଦ୍ଧାରଣ କରିବା, ବକେୟା ବକେୟା ଓ ପ୍ରଯୁଜ୍ୟ ଇନକ୍ରିମେଣ୍ଟର ହିସାବ କରିବା ଏବଂ ଚୂଡ଼ାନ୍ତ ହେବା ପରେ ନିୟମିତ ପେନସନ, ଗ୍ରାଚ୍ୟୁଇଟି, ଲିଭ୍ ଏନ୍ କ୍ୟାସମେଣ୍ଟ ଏବଂ ଅନ୍ୟାନ୍ୟ ସୁବିଧା ପ୍ରଦାନ କରିବାକୁ ସେ ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଆଦେଶର ନକଲ ପାଇବା କିମ୍ବା ଦାଖଲ କରିବା ତାରିଖଠାରୁ ତିନି ମାସ ମଧ୍ୟରେ ଆଇନ ଅନୁଯାୟୀ ଦେୟ ପ୍ରଦାନ କରାଯିବ ବୋଲି ମଧ୍ୟ ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି । ମାମଲାରେ ହାଇକୋର୍ଟ ସୁପ୍ରିମକୋର୍ଟଙ୍କ ରାୟକୁ ଉଦାହରଣ ଦେଇ କହିଛନ୍ତି ଯେ ପେନସନ୍ ଓ ଗ୍ରାଚ୍ୟୁଇଟି କେବଳ ନିଯୁକ୍ତିଦାତାଙ୍କ ଦ୍ୱାରା ପୁରସ୍କାର କିମ୍ବା ଉଦାରତା ପାଇଁ ଦିଆଯାଉନାହିଁ, ବରଂ ବର୍ଷ ବର୍ଷର ଉତ୍ସର୍ଗୀକୃତ ଜନସେବାର ପ୍ରତିନିଧିତ୍ୱ କରି ଅର୍ଜିତ ଆୟର ଏକ ଅଂଶ ଭାବେ ପ୍ରଦାନ କରାଯାଉଛି ।

## ଡ଼ିସେମ୍ବର ମାସ ପାଇଁ ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ସୂଚୀ ପ୍ରକାଶିତ

**କେନ୍ଦୁଝର, ନ୍ୟୁଜ**

ଆସନ୍ତା ଡ଼ିସେମ୍ବର ମାସ ପାଇଁ ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ସୂଚୀ ପ୍ରକାଶ ପାଇଛି । ସ୍ଥିରୀକୃତ ହୋଇଥିବା କାର୍ଯ୍ୟକ୍ରମର ସୂଚୀ ଅନୁଯାୟୀ ଆସନ୍ତା ସୋମବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍, ତା. ୦୯.୧୨.୨୦୨୪ରିଖ ସୋମବାର ଦିନ ହରିଚନ୍ଦନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ତା.୧୬.୧୨.୨୦୨୪ରିଖ ସୋମବାର ଦିନ ଚମ୍ପୁଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ତା. ୨୩.୧୨.୨୦୨୪ ରିଖ ସୋମବାର ଦିନ ହାଟଡିହି ପଞ୍ଚାୟତ ସମିତି କାର୍ଯ୍ୟାଳୟ ଏବଂ ୩୦.୧୨.୨୦୨୪ ସୋମବାର ଦିନ ସାହାରପଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି କେନ୍ଦୁଝର ଜିଲ୍ଲାପାଳଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଏହି ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସଂପର୍କରେ ବିହିତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ବିଶାଳ ସିଂହ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏତଦ୍‌ବ୍ୟତୀତ କାର୍ଯ୍ୟସୂଚୀ ଅନୁଯାୟୀ ଅଭିଯୋଗ ଶୁଣାଣି ସ୍ଥାନମାନଙ୍କରେ ଚିକିତ୍ସା, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଶ୍ରମ, ମହିଳା ଓ ଶିଶୁ ବିକାଶ, ସାମାଜିକ ସୁରକ୍ଷା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ଜଳଛାୟା, ଯୋଗାଣ ବିଭାଗ ତରଫରୁ (ନିର୍ଦ୍ଧାରିତ ସ୍ଥାନମାନଙ୍କରେ) ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ସଂପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଛନ୍ତି ।

## ବେଧଡକ ଚାଲିଛି ପଲିଥିନ କାରବାର : ଗୃହପାଳିତ ପଶୁ ପ୍ରଭାବିତ

**ବୁଗୁଡ଼ା, ନ୍ୟୁଜ ବ୍ୟୁରୋ**

ବୁଗୁଡ଼ା ଏନଏସିରେ ପଲିଥିନ ବ୍ୟବହାର ଉପରେ କଟକଣା ରହିଥିଲେ ବି ବେଧଡକ ଭାବେ ବିକ୍ରି ଓ ବ୍ୟବହାର ହେଉଛି । ବିଶେଷ ଭାବରେ ଖାଦ୍ୟ ପଦାର୍ଥ ଲାଗିଥିବା ପଲିଥିନ ବର୍ତ୍ତମାନ ବୁଲା ଗାଈଗୋରୁଙ୍କ ଖାଦ୍ୟ ପାଲଟି ଗଲାଣି । ମାତ୍ର ଏନଏସି ପ୍ରଶାସନ ପକ୍ଷରୁ ଏଥି ପାଇଁ ବଳିଷ୍ଠ ପଦକ୍ଷେପ ନିଆଯାଉନାହିଁ । ପରିବେଶକୁ ପ୍ରଦୂଷଣ କରିବାର ମୁଖ୍ୟ ଭୂମିକା ଗ୍ରହଣ କରୁଥିବା ପଲିଥିନ ଏବେ ଗୃହପାଳିତ ପଶୁଙ୍କ ଉପରେ ପ୍ରଭାବ ପକାଇ ସାରିଲାଣି । ସୂଚନା ଅନୁସାରେ ବୁଗୁଡ଼ା ସହରର ମୁଖ୍ୟ ବଜାରରେ ଏନଏସି ପକ୍ଷରୁ ସର୍ବସାଧାରଣ ତଥା ବ୍ୟବସାୟୀଙ୍କ ବ୍ୟବହାର ନିମନ୍ତେ ବଜାର ମଧ୍ୟରେ ଥିବା ଡଷ୍ଟବିନ ରଖାଯାଇଥିଲା । ଉଠାଦୋକାନୀଠାରୁ ଆରମ୍ଭ କରି ବସା ଦୋକାନୀମାନେ ଦୋକାନରୁ ଦୈନିକ ବାହାରୁଥିବା ମଇଳା ଏହି ଡଷ୍ଟବିନରେ ପକାଉଥିଲେ । ମାତ୍ର ଦିନକୁ ଦିନ ଏହି ଡଷ୍ଟବିନ ସଂଖ୍ୟା କମିବାରେ ଲାଗିଛି । ଫଳରେ ଦୋକାନୀମାନେ ରାତି ହେଲେ ଦୋକାନରୁ ବାହାରୁଥିବା ଅଳିଆ ରାସ୍ତା ଉପରେ ଜମା କରୁଛନ୍ତି । ରାତି ହେଲେ ବୁଲା ଗାଈଗୋରୁ ବଜାର ଉପରେ ରୁଣ୍ଡ ହୋଇ ରାସ୍ତା ଉପରେ ପଡିଥିବା ପଲିଥିନଯୁକ୍ତ ଅଳିଆ ଗଦାରେ ଖାଦ୍ୟ ଅନ୍ୱେଷଣ କରିବା ସହିତ ପଲିଥିନରେ ଲାଗିଥିବା ଗୁଡ, ତେଲ ତଥା ଅନ୍ୟ ଖାଦ୍ୟ ପଦାର୍ଥ ଲାଗିଥିବା ପଲିଥିନକୁ ଖାଇ ଦେଉଥିବା ଦେଖିବାକୁ ମିଳୁଛି । ତେଣୁ ଏଥି ପ୍ରତି ଏନ୍ଏସି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ନାଉଗାଁ ବ୍ଲକରେ ନକଲି ସମାଜସେବୀଙ୍କ ଦୌରାତ୍ମ୍ୟ : ବ୍ଲକ କର୍ମଚାରୀଙ୍କ ଉଦାସୀନତା

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**

ନାଉଗାଁ ବ୍ଲକରେ କେତେଜଣ ବ୍ୟକ୍ତି ନିଜକୁ ସମାଜସେବୀ ଓ ସାମ୍ବାଦିକ ପରିଚୟ ଦେଇ ଦୌରାତ୍ମ୍ୟ ଆରମ୍ଭ କରିଛନ୍ତି । ସୂଚନା ଅଧିକାର ଆଇନି ବଳରେ ବିଭିନ୍ନ କର୍ମଚାରୀଙ୍କ ନାମରେ ତଥ୍ୟ ନପାଇ ବ୍ଲାକମେଲ କରିବା ସହିତ ଚାନ୍ଦା ଆଦାୟ କରୁଥିବା ଅଭିଯୋଗ ହେଉଛି । ଏହି ନକଲ ତଥା ସାମ୍ବାଦିକ ପରିଚୟ ଦେଉଥିବା ବ୍ୟକ୍ତିମାନଙ୍କୁ ବ୍ଲକର ଜଣେ ଉଚ୍ଚ ପଦସ୍ଥ ଅଧିକାରୀ ଓ କେତେକ କିରାଣୀ ସହଯୋଗ କରୁଥିବା ଦେଖାଯାଉଛି । ଏପରକି ଉକ୍ତ ୩/୪ ଜଣ ବ୍ୟକ୍ତି ଦୈନିକ ବ୍ଲକକୁ ଆସି ଦିନ ୧୦ ଘଟିକା ସୁଧା ପହଞ୍ଚି ବ୍ଲକ କର୍ମଚାରୀ ଭଳି ବ୍ଲକ କାର୍ଯ୍ୟାଳୟରେ ବସି ବ୍ଲାକ ମେଲ କାରବାର ଚଳାଇଥିଲେ ମଧ୍ୟ କର୍ତ୍ତୃପକ୍ଷ ଏମାନଙ୍କୁ ସହଯୋଗ କରୁଥିବା ଅଭିଯୋଗ ହେଉଛି । ମିଳିଥିବା ସୂଚନା ଅନୁସାରେ ନିଜକୁ ସମାଜସେବୀ ତଥା ସାମ୍ବାଦିକ ପରିଚୟ ଦେଉଥିବା ଜଣେ ଯୁବକ ଏକ ଖବର କାଗଜରେ ପୂର୍ବରୁ କାମ କରୁଥିଲେ । ବର୍ତ୍ତମାନ ତାଙ୍କ ପରିଚୟପତ୍ର ନବୀକରଣ ହୋଇନାହିଁ ଓ ଉକ୍ତ ସମ୍ବାଦ ପତ୍ର ଏକ ପ୍ରକାର ବନ୍ଦ ହୋଇଗଲାଣି । ମାତ୍ର ସେ ବ୍ୟକ୍ତି ଜଣକ ଦୈନିକ ବ୍ଲକ କର୍ମଚାରୀଙ୍କ ଭଳି ବ୍ଲକରେ ପହଂଚି ବ୍ଲାକମେଲ କରିବା ସହିତ ବିଭିନ୍ନ କର୍ମଚାରୀ ଓ ସମ୍ପର୍କରେ ସୂଚନା ଅଧିକାର ଆଇନି ବଳରେ ତଥ୍ୟ ମଗାଉଛନ୍ତି । ଏପରିକି କେତେକ କର୍ମଚାରୀ ତାଙ୍କୁ କମ୍ପୁଟରର ପାସୱାର୍ଡ ଓ ମେଲ ଆଇଡି ମଧ୍ୟ ଦେଇଛନ୍ତି । ତେଣୁ ବ୍ଲକରେ ବିଭିନ୍ନ ଯୋଜନାରେ ହେଉଥିବା ଜାଲିଆତି ସମ୍ପର୍କରେ ସେ କର୍ମଚାରୀଙ୍କ ଠାରୁ ସୂଚନା ପାଇ ବ୍ଲାକମେଲ କରୁଛନ୍ତି । କେବଳ ନାଉଗାଁ ବ୍ଲକ ନୁହେଁ ନାଉଗାଁ ତହସିଲ କାର୍ଯ୍ୟାଳୟ ଓ ଥାନାରେ ମଧ୍ୟ ଦଲାଲି ଚଳାଇଛନ୍ତି । ଏଭଳି ଜାଲିଆତି ପ୍ରସଙ୍ଗରେ ଜ଼ିଲ୍ଲାପ୍ରଶାସନ ଦୃଷ୍ଟି ଦେବା ସାହିତ ବ୍ଲକ କାର୍ଯ୍ୟାଳୟରେ କର୍ମଚାରୀଙ୍କ ସହାୟତାରେ ଚାଲିଥିବା ବ୍ଲାକମେଲ କାରବାର ବନ୍ଦ କରିବାପାଇଁ ପଦକ୍ଷେପ ନେବାପାଇଁ ଦାବି ହେଉଛି ।

### କୋର୍ଟ ପରିସରରେ ପୋକ୍ସୋ ମାମଲା ସମ୍ବନ୍ଧୀୟ ବରିଷ୍ଠ ଅଧିକାରୀଙ୍କ ବୈଠକ

## ବାଳ ଅପରାଧ ନ୍ୟାୟ ପରିଷଦରେ ବହୁ ପୁରୁଣା ମାମଲାର କାଗଜପତ୍ର ଯାଞ୍ଚ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା କୋର୍ଟ ସମ୍ମିଳନୀ କକ୍ଷରେ ବରିଷ୍ଠ ଅଧିକାରୀମାନଙ୍କ ବୈଠକ ଜିଲ୍ଲା ଓ ଦୌରାଜଜ ବିଶ୍ୱଜିତ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେଇଯାଇଛି। ଏହି ବୈଠକରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଜିଲ୍ଲା ଅଦାଲତରେ ବହୁ ଦିନରୁ ପଡି ରହିଥିବା ପୋକ୍ସୋ ମାମଲା ଓ ବାଳ ଅପରାଧ ନ୍ୟାୟ ପରିଷଦ ଅନ୍ତର୍ଗତ ମାମଲା ଗୁଡିକର ତ୍ୱରିତ ପରିଚାଳନା ଓ ଫଏସଲା ପାଇଁ ଆଲୋଚନା କରିଥିଲେ । ପକ୍ସୋ ମାମଲା ଗୁଡିକରେ ସମନ ଗୁଡିକ ପୋଲିସ ଠିକ୍ ଭାବରେ କାର୍ଯ୍ୟକାରୀ କରୁନଥିବା, ଜାମିନ ବିହିନ ପରୱାନା ଗୁଡିକ ଠିକ୍ ଭାବରେ କାର୍ଯ୍ୟକାରୀ ହେଉନଥିବା, ତଦନ୍ତ କାରୀ ଅଧିକାରୀମାନେ କୋର୍ଟରେ ହାଜର ହେଉ ନଥିବା ଓ ସାକ୍ଷ୍ୟପାଇଁ ସ୍ୱାସ୍ଥ୍ୟ ଅଧିକାରୀମାନେ ବିଳମ୍ବ କରୁଥିବା ପ୍ରଭୃତି ସମସ୍ୟା ଗୁଡିକର ଆଲୋଚନା କରିଥିଲେ । ଏହ ସହ ବାଳ ଅପରାଧ ନ୍ୟାୟ ପରିଷଦ ଅଧିନରେ ଥିବା ବହୁ ପୁରୁଣା ୫ଟି ମାମଲାର କାଗଜପତ୍ର ଯାଂଚ କରାଯିବା ସହ ସାକ୍ଷୀମାନଙ୍କର ଅସହଯୋଗକୁ ନେଇ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରା ଯାଇଥିଲା। ଏହି ପୁରୁଣା ମାମଲା ଗୁଡିକୁ କିଭଳି ଶିଘ୍ର ଫଏସଲା କରାଯିବ ସେ ସମ୍ବନ୍ଧରେ ବରିଷ୍ଠ ଅଧିକାରୀ ମାନେ ସମୀକ୍ଷା କରିଥିଲେ । ଆଜିର ଏହି ବୈଠକକୁ କୋର୍ଟ ରେଜିଷ୍ଟାର ରମାଦେବୀ ସୋରେନ ପରିଚାଳନା କରିଥିବା ବେଳେ ପୋକ୍ସୋ ବିଚାରପତି, ସରକାରୀ ଓକିଲ, ଅବକାରୀ ଅଧିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ ।

# ଫସଲ ଅମଳ ସରିଛି: ମରୁଡି କ୍ଷତିଗ୍ରସ୍ତ କ୍ଷେତ୍ରର ସଠିକ ଆକଳନ କରିବାକୁ ଚାଷୀଙ୍କ ଦାବି

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାରେ ଛଅଟି ବ୍ଲକ ମଧ୍ୟରୁ ୨ଟି ବିନିକା ଓ ଡୁଙ୍ଗୁରିପାଲି ହୀରାକୁଦ ନଦୀ ବନ୍ଧ ଦ୍ୱାରା ଜଳସେଚିତ ହୋଇଥାଏ । ଜିଲ୍ଲାର ଅନ୍ୟ ବ୍ଲକ ଗୁଡ଼ିକ ସୋନପୁର, ତରଭା, ଉଲୁଣ୍ଡା, ବୀରମହାରାଜପୁର ୪ଟି ବ୍ଲକ ଅଣଜଳସେଚିତ ରହିଛି । ଏହି ୪ଟି ବ୍ଲକ ଅଣ ଜଳସେଚିତ ଅଞ୍ଚଳର ପ୍ରାୟ ଚାଷ ଇନ୍ଦ୍ର ଦେବତାଙ୍କ ଭରସାରେ ଚାଷ ହୋଇଥାଏ । ଚଳିତ ବର୍ଷା ଅଣଜଳ ସେଚିତ ଜମିରେ ବର୍ଷା ଅଭାବରୁ ଧାନ ଗଛ ମରିଯାଇଛି । ରାଜ୍ୟ ସରକାରଙ୍କର ଘୋଷିତ କୁଣ୍ଟାଲ ପିଛା ୩୧୦୦ ଟଙ୍କା ଦର ନେଇ ଚାଷୀ ଉତ୍ସାହିତ ହୋଇଥିଲେ । ପ୍ରାରମ୍ଭିକ ବର୍ଷା ନେଇ ଚାଷୀ ମଧ୍ୟ ବହୁ ଆନନ୍ଦିତ ଓ ଆଶା କରିଥିଲେ । କିନ୍ତୁ ଜିଲ୍ଲାରେ ଅନାବୃଷ୍ଟି ଓ ଖଣ୍ଡିତ ବର୍ଷା ପରି ପାଣିପାଗ ବ୍ୟତିକ୍ରମ ନେଇ ଧାନ ଚାଷ ପାଇଁ ଶେଷ ମୁହୁର୍ତ୍ତ ଆବଶ୍ୟକ ବର୍ଷା ହେଲା ନାହିଁ । ବର୍ଷା ଅଭାବରୁ ମାଟି ଆଁ କରିଦେଇଥିଲା ।ଧାନ ଚାଷ ଅମଳ ଶେଷ ବେଳେ ବର୍ଷା ଅଭାବରୁ ଫସଲ ନଷ୍ଟ ହୋଇଗଲା । ଧାନ ଗଛ ମରିଗଲା । ଦାନା ପରି ଲଘୁଚାପଜନିତ ବର୍ଷା ମଧ୍ୟ ଜିଲ୍ଲାର ଚାଷୀମାନଙ୍କୁ ନିରାଶ କରିଛି । ଗତ ଅକ୍ଟୋବର ମାସରେ ଜିଲ୍ଲାରେ ୫୦.୨ମିମି ବର୍ଷା ଦରକାର ଥିଲା ଓ କିନ୍ତୁ ଜିଲ୍ଲାରେ ୪.୧ ମିମି ବର୍ଷା ହୋଇଛି । ତରଭା ବ୍ଲକରେ ବର୍ଷା ନାହି । ସୋନପୁର ବ୍ଲକ ୨ମିମି, ଉଲୁଣ୍ଡା ବ୍ଲକ ୪



ମିମି, ବୀରମହାରାଜପୁର ବ୍ଲକ ୩ ମିମି, ବିନିକା ବ୍ଲକ ୫ ମିମି, ଡୁଙ୍ଗୁରିପାଲି ବ୍ଲକ ୧୦ ମିମି ବର୍ଷା ହୋଇଛି । ଜିଲ୍ଲାରେ ଏହି ମାସ ୯୧.୮୩ ମିମି ପ୍ରତିଶତ ବର୍ଷା କମ୍ ହୋଇଛି । ଚଳିତ ନଭେମ୍ବର ମାସରେ ବର୍ତ୍ତମାନ ପର୍ଯ୍ୟନ୍ତ ବର୍ଷା ହୋଇ ନାହିଁ । ଧାନ ଚାଷ ପାଇଁ ଅଧିକ ବର୍ଷା ନିତାନ୍ତ ଜରୁରୀ ହୋଇଥାଏ । ଏତିକି କମ ବର୍ଷାରେ ଅଣ ଜଳସେଚିତ ଚାଷ କାର୍ଯ୍ୟ କେତେ ପଛେ ଯାଇଥିଲା । ତାହା ସାଧାରଣର ଅନୁମେୟ । ଚାଷୀ ସାହୁକାର ଆଦି କ୍ଷେତ୍ରରୁ କରଜ ଆଣି ଚାଷ କାର୍ଯ୍ୟ କରିଛି । ଚାଷର ଦୟନୀୟ ଅବସ୍ଥା ଦେଖି ମୁଣ୍ଡରେ ହାତ ଦେଲାଣି । ଜିଲ୍ଲାର ସୋନପୁର, ତରଭା, ବୀରମହାରାଜପୁର ଆଦି ଅଣ ଜଳସେଚିତ ଅଞ୍ଚଳରେ ଆବଶ୍ୟକ ବର୍ଷା ଅଭାବରୁ ଚାଷୀ ମଧ୍ୟରେ ଭାଲେଣି ପଡ଼ିଗଲାଣି । ସୋନପୁର ବ୍ଲକର ଖରଜୁରା ପଞ୍ଚାୟତ ମହୁଲେ ଗ୍ରାମର ଧାନ ଫସଲ ବିଶେଷ କ୍ଷତିଗ୍ରସ୍ତ ହୋଇଛି । ଖାରୀ ପଞ୍ଚାୟତରେ ବି ଫସଲ କ୍ଷତିଗ୍ରସ୍ତ ଅଭିଯୋଗ ହେଉଛି । ବୀରମହାରାଜପୁର ଉପଖଣ୍ଡରେ ମୁର୍ଷୁଣ୍ଡି, ପିତାମହୁଲ, କେନେଝିରିପାଲି, ବହଳପଦର, ଲୁପୁରପଙ୍କ ଅଞ୍ଚଳର ଚାଷୀମାନଙ୍କ ମଧ୍ୟ ଧାନ ଫସଲ କ୍ଷତିଗ୍ରସ୍ତ ଅଭିଯୋଗ କରୁଛନ୍ତି ।ତରଭା ବ୍ଲକର ପୁଆ, ଶିବ ତୁଳା, ରାଣୀ ସର୍ଡା, ମେଣ୍ଡା ଅଞ୍ଚଳ ଧାନ ଫସଲ କ୍ଷତି ଗ୍ରସ୍ତ ହୋଇଛି । ଏହି ବ୍ଲକର ସରଗଛ, ତୁଲୁଣ୍ଡା, କୁମ୍ଭାର ମୁଣ୍ଡା, ଚାରିଭଟା ଆଦି ଅଣ ଜଳସେଚିତ ବେର୍ଣ୍ଣା ଜାତୀୟ ଧାନ ଫସଲର କେତେ ଅଞ୍ଚଳରେ କ୍ଷତିଗ୍ରସ୍ତ ହୋଇଛି । ସୋନପୁର, ତରଭା, ବୀରମହାରାଜପୁର ପ୍ରମୁଖ ୩ଟି ବ୍ଲକର ଅଣ ଜଳ ସେଚିତ ଜମିର ଧାନ ଫସଲ ଦେଖି ଚାଷୀ ମୁଣ୍ଡରେ ଚଡକ ପଡିଲାଣି । ସୁନା ଫସଲ ଉଜୁଡି ଗଲାଣି । ଫସଲ ଆଶାନୁରୁପ ବାହାରି ପାରିବ ନାହିଁ । ଦୈନିକ ଗୁଜୁରାଣ ପାଇଁ ଚାଷୀ ଦାଦନ ଶ୍ରମିକ ପାଇଁ ବାହାରିଣି । ଜିଲ୍ଲାରେ ଚାଷୀ ଓ ଚାଷ ନେଇ ବିଷମ ପରିସ୍ଥିତି ହେଲାଣି । ଏବେ ଚାଷୀ କ୍ଷେତ୍ର ପରିଦର୍ଶନ ହୋଇ ସଠିକ ଆକଳନ କରିବାକୁ ଦାବି ହେଉଛି । ପ୍ରକାଶ ଥାଉ କି ସୁବର୍ଣ୍ଣପୁର ଜିଲ୍ଲାରେ ଖରିଫରେ ଏକ ଲକ୍ଷ ୨୭ ହଜାର ୭୨୮ ହେକ୍ଟର ଜମିରେ ଧାନ, କପା, ପନିପରିବା, ମୁଗ ଓ ବିରି ଆଦି ଚାଷ ହୋଇଛି । ସେଥିମଧ୍ୟରୁ ପ୍ରାୟ ୮୦ ହଜାର ହେକ୍ଟର ଜମିରେ ସାଧାରଣତଃ ଅଧିକ ପାଣି ଆବଶ୍ୟକ କରୁଥିବା ଧାନ ଚାଷ କରାଯାଇଛି । ଅଣଜଳସେଚିତ ଅଞ୍ଚଳରେ ବର୍ଷା ଅଭାବରୁ ଫସଲ ବଞ୍ଚାଇବାକୁ ଚାଷୀ ସଫଳ ହୋଇପାରିନାହିଁ । ଏବେ ଜିଲ୍ଲାର ଚାଷୀମାନେ ଅନେକ ଦୁର୍ଦ୍ଦଶା ସମ୍ମୁଖୀନ ହୋଇଛନ୍ତି । ଜିଲ୍ଲାର ଧାନ ଅମଳ ଫସଲ କ୍ଷତିଗ୍ରସ୍ତ ନେଇ ଜିଲ୍ଲା ପ୍ରଶାସନ କ୍ରିୟାଶୀଳ ହେବାକୁ ଦାବି ହେଉଛି । ଅନ୍ୟପକ୍ଷରେ ଜିଲ୍ଲାର ସ୍ଥାନୀୟ ରାଜନୈତିକ ନେତୃବୃନ୍ଦ ଧାନ ଅମଳ ସମୟରେ ଚାଷର ବିଷମ ପରିସ୍ଥିତିକୁ ଆନ୍ତରିକତା ସହ ଦୃଷ୍ଟି ଦେବାକୁ ଦାବି ହେଉଛି ।

### ଷୋଳ ଦିବସୀୟ ଲିଙ୍ଗ ଭିତ୍ତିକ ହିଂସା ଅଭିଯାନ ବିରୋଧି ଅଭିଯାନ

## ଲିଙ୍ଗ ଭିତ୍ତିକ ହିଂସା ସମାଜ ପାଇଁ ବିପଦ




**ଭଦ୍ରକ, ନ୍ୟୁଜ ବ୍ୟୁରୋ**

ମହିଳା ଶିଶୁ ବିକାଶ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ ସୋସାଇଟ୍ ଫର ଉଇକର କମ୍ୟୁନିଟି (ଆସିଆନା)ର ଶକ୍ତି ଶଦନ ପ୍ରକଳ୍ପ ଓ ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଭଦ୍ରକ ବସ୍ ସିଣ୍ଡିକେଟ୍ ସଭାଗୃହରେ ଆସିଆନ୍‌ର ସମ୍ପାଦିକ ସୋଫିଆ ସେକ୍‌ଙ୍କ ସଭାପତିତ୍ୱରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନ୍ୟ ପ୍ରମୁଖ ବ୍ୟକ୍ତିଙ୍କ ମଧ୍ୟରେ ବସ୍ ଆସୋସିଏସନ୍‌ର ସଭାପତି ଶ୍ରୀନିବାସ ପତି, ଟାଉନ୍‌ଥାନା ସବ୍‌ଇନିସସ୍ପେକ୍ଟର ଅରୁନ୍ଧତୀ ପରିଡ଼ା, ଏଗାର ନମ୍ବର ୱାର୍ଡ଼ର କାଉନ୍‌ସିଲର ପ୍ରତିନିଧି ପଙ୍କଜ ବଳ ଓ ଓନ୍ ଷ୍ଟପ୍ ସେଣ୍ଟର ଆର୍ଡ଼ମିନିଷ୍ଟେଟର ପୁଷ୍ପାଞ୍ଜଳି ବେହେରା ପ୍ରମୁଖ ଯୋଗ ଦେଇ ୧୧୨ ଜରୁରୀକାଳୀନ ସେବା, ୧୮୧ ମହିଳା ହେଲ୍ପଲାଇନ୍ ଏବଂ ୧୦୯୮ ଚାଇଲ୍ଡ୍ ହେଲପ୍ ଲାଇନ୍ ଉପଯୋଗିତା ଉପରେ ବିସ୍ତୃତ ଆଲୋଚନା କରିବା ସଂଗେ ସଂଗେ ଲିଙ୍ଗ ଭିତ୍ତିକ ହିଂସା ସମାଜ ପାଇଁ ବିପଦ ଏହାକୁ ରୋକିବା ପାଇଁ ଉଦ୍ୟମର ଆବଶ୍ୟକତା ଅଛି ବୋଲି ସମସ୍ତେ ମତବ୍ୟକ୍ତ ପ୍ରଦାନ କରିଥିଲେ । ପ୍ରାରମ୍ଭିକ ସୂଚନା ଆର୍‌ସିଆନାର ସଂଯୋଜକ ରିଆଜ ଅହମଦ୍ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବସ୍ ସିଣ୍ଡିକେଟ୍ ସଦସ୍ୟ ସୂତାର ରଞ୍ଜନ ସାହୁ, ଇନ୍ତେଆଜ୍ ଅଲ୍ଲିଖାନ୍, ସଫିରୁଦ୍ଦିନ୍ ଖାନ୍, କୈଳାସ ଚନ୍ଦ୍ର ସାହୁ, ସଲାମୁଦ୍ଦିନ୍ ଖାନ୍, ରବିନ୍ଦ୍ର କୁମାର ଦାସ ଏବଂ ଚାଇଲଡ଼ି ଲାଇନ୍‌ର ପରାମର୍ଶ ଦାତା ଲକ୍ଷ୍ମଣ ଜେନା, ସୁପରଭାଇଜର ଦିଗ୍‌ବିଜୟ ମହାନ୍ତି ପ୍ରମୁଖ ଏହି ସଭାପରେ ଉପସ୍ଥିତ ରହିଥିଲେ । ଏହି ଅବସରରେ ଏହା ନିଷ୍ପତ୍ତି ନିଆଗଲାଯେ ଏହି ହେଲ୍ପ ଲାଇନ୍ ନମ୍ବର ବା ଜରୁରୀ କାଳୀନ ନମ୍ବର ଗୁଡ଼ିକ ବସ୍ ଟରମିନାଲ୍ ନିକଟରେ ଲୋକମାନଙ୍କ ସଚେତନତା ପାଇଁ ଦୃଶ୍ୟ ଫଳକ ମାଧ୍ୟରେ ସଚେତନା କରାଯିବାକୁ ସ୍ଥିର କରାଗଲା । ଏହି କାର୍ଯ୍ୟକ୍ରମକୁ ଆସିଆନାର କର୍ମକର୍ତ୍ତା ଜନ୍ମଜ୍ୟୋତି ବେହେରା, ବିକାଶ ରାଉତ, ସାଧନା ସରଗମ୍ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ମୁକ୍ତାଶ୍ରୟ କେନ୍ଦ୍ରର ସଂଯୋଜକ ସନ୍ଦୀପ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ସଭା ସମାପ୍ତ ପରେ ବସ୍ ଟରମିନାଲ୍‌ର ଯାତ୍ରୀମାନଙ୍କୁ ଚାଇଲଡ଼ି ଲାଇନ୍, ଆରସିଆନ୍ ଶକ୍ତି ସଦନ, ଫେଲୋସିପ୍, ୱାନ୍ ଷ୍ଟପ୍ ସେଣ୍ଟର ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା

## ଆଜିର ଭଲମନ୍ଦ

**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଣ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୭ ବୃ / ୮ | ୬ | ରା ୫ / ଶ ୪ |
| ୯ ମ | ୧୬ / ୭ | ୩ |
| ୧୦ / ୧୧ କେ | ୧୨ ଚ | ୨ ଶୁ / ର ବୁ ଲ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୩୦।୧୧।୨୦୨୪, ମାର୍ଗଶିର ଦି୧୫ନ, ଶନିବାର**

**ସୂର୍ଯ୍ୟୋଦୟ-** ଘ୬।୦୪।୨୮ **ଚନ୍ଦ୍ରୋଦୟ-** ନିଘ ୬।୦୧।୦୨

**ଚତୁର୍ଦ୍ଦଶୀ** - ଦିଘ ୧୦/୩୧ ପର୍ଯ୍ୟନ୍ତ । **ବିଶାଖାନକ୍ଷତ୍ର** - ଦିଘ ୧୨।୩୪ ପର୍ଯ୍ୟନ୍ତ । **ବିଛା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ ଓ ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ଦିଘ ୧୦।୩୧ ପରେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ୭।୩୫ ଗତେ ଘ ୮।୫୧ ମଧ୍ୟେ । ଦିଘ ୨।୧୯ ଗତେ ଘ ୨।୫୨ ମଧ୍ୟେ । **ପର୍ବୋତ୍ସବ** - ନଷ୍ଟଚନ୍ଦ୍ରୋପବାସ, ନିଶାପାଳନ, ଦେବ ଦୀପାବଳି ଆରମ୍ଭ ।

**ମେଷ:** ମନରେ ଆନନ୍ଦ ଆସିବ । ବନ୍ଧୁ ସାଙ୍ଗେ ଅସହଯୋଗ । ପୁରୁଣା କାର୍ଯ୍ୟରେ ସଫଳତା ଦେଖାଦେବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଘରେ ଅଶାନ୍ତି ଦେଖାଦେଇପାରେ । ଦେହ ଭଲ ରହିବ ।

**ବୃଷ:** ଆଧ୍ୟାତ୍ମିକ ଚର୍ଚ୍ଚାରେ ସମୟ ଅତିବାହିତ କରିବେ । ଦେହ ଓ ମନରେ ଶାନ୍ତି ରହିବ । ଦେବ ଦର୍ଶନ ସହିତ ପୂଜାର ସୁଯୋଗ ସୃଷ୍ଟି ହେବ । ରୋଜଗାର ଭଲ ହେବ । ଗୃହେ ଆନନ୍ଦ ଲାଭ ହେବ ।

**ମିଥୁନ:** ଶରୀର ଅସୁସ୍ଥତା ଦେଖାଦେବ । ମନରେ ଅଶାନ୍ତି ଦେଖାଦେବ । ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ । ପରିବାରରେ କଳହ ଜାତ ହେବ । ପିଲାମାନେ ସୁଖୀ ହେବେ । ମହିଳାମାନେ ଗର୍ବୀ ହେବେ ।

**କର୍କଟ:** ନୂତନ ଦାୟିତ୍ୱ ହାତକୁ ଆସିପାରେ । ଦୂରକୁ ଯାତ୍ରା କରିପାରନ୍ତି । ଉତ୍ସାହ ବଢ଼ିବ । ବନ୍ଧୁ ମିଳନରେ ଆପ୍ୟାୟିତ ହେବେ । ରୋଜଗାର ବଢ଼ିବ । ଘରେ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ଦେହ ଓ ମନ ଭଲ ରହିବ ।

**ସିଂହ:** ଆଜି ଆପଣଙ୍କର ଦିନଟି ସେତେ ଭଲ ନୁହେଁ । ତେଣୁ ସାବଧାନ ସହକାରେ ରହିବେ । କାର୍ଯ୍ୟ ହାନୀ । ଦୁର୍ଘଟଣାର ଶିକାର ହୋଇପାରନ୍ତି । ଖର୍ଚ୍ଚର ମାତ୍ରା ଅଧିକ ହୋଇପାରେ । ଗୃହେ ଅଶାନ୍ତି ଦେଖାଦେଇପାରେ ।

**କନ୍ୟା:** ଆପଣ ସବୁ ଦେଖି ଶୁଣି ନିରବ ରହିବା ଭଲ । ଅନ୍ୟଥା କଳହ ଦେଖାଦେଇପାରେ । ବନ୍ଧୁଙ୍କ ଅକାଟ୍ୟ ଯୁକ୍ତି ଗ୍ରହଣ କରି ଖୁସି ହେବେ । ପାରିବାରିକ ଆନନ୍ଦ ଦେଖାଦେବ । ଶରୀର ସୁସ୍ଥ ରହିବ ।

**ତୁଳା:** ସତର୍କ ନ ହେଲେ ଠକାମିର ଶିକାର ହେବେ । କ୍ରୋଧ ବଢ଼ିବ । ଭୁଲାପଣ ଆପଣଙ୍କୁ ବ୍ୟଥିତ କରିବ । ଦ୍ରବ୍ୟ ନଷ୍ଟର ଆଶଙ୍କା । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଗୃହେ ଆନନ୍ଦ ଦେଖାଦେବ ।

**ବିଛା:** ନିଜର ପ୍ରତିଷ୍ଠାନ ପାଇଁ ଆତ୍ମତୃପ୍ତି ଅନୁଭବ କରିବେ । ସାମାଜିକ କାର୍ଯ୍ୟରେ ଯୋଗଦାନ କରି ପ୍ରଶଂସା ଲାଭ କରିବେ । ଆୟରେ ଉନ୍ନତି ହେବ । ପରିବାରରେ ଶ୍ରମ ବଢ଼ିବାର ସୂଚନା । ମନ ଭଲ ରହିବ ।

**ଧନୁ:** ଆୟ ଓ ବ୍ୟୟର ପରିମାଣ ସମାନ ରହିବ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ପୁରୁଣା କାର୍ଯ୍ୟ ହାତକୁ ଆସିବ । ଆଶାବାଦୀ ହୋଇ କାର୍ଯ୍ୟ କରିବେ । ଗୃହରେ ଜଞ୍ଜାଳ ବଢ଼ିବାର ସୂଚନା ।

**ମକର:** ଦୂରଯାତ୍ରା ସଫଳ ହେବ । ସମସ୍ତ କାର୍ଯ୍ୟରେ ସହଯୋଗ ତଥା ସୌଜନ୍ୟ ଲାଭ ହେବ । ସମସ୍ୟାର ସମାଧାନ ହେବ । ଘରେ ବନ୍ଧୁ ମିଳନର ଯୋଗ ରହୁଛି । ଆୟର ପରିମାଣ ବଢ଼ିବ । ଦେହ ଭଲ ରହିବ ।

**କୁମ୍ଭ:** ନିଜର ଲୋକ ଦ୍ୱାରା ପ୍ରତାରିତ ହେବେ । କ୍ରୋଧ ମନରେ ଆସିବ । ତଥାପି ନିଜକୁ ସଂଯତ ରଖିଲେ ଭଲ । ରୋଜଗାର ପୂର୍ବପରି ରହିବ । ପରିବାରରେ ବିରକ୍ତି ପ୍ରକାଶ ପାଇବ । ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ ।

**ମୀନ:** ଦୂର ସ୍ଥାନରୁ ସମ୍ବାଦ ପ୍ରାପ୍ତି । ମନରେ ଆନନ୍ଦ ଆସିବ । ଦ୍ରବ୍ୟ ଲାଭ ଯୋଗ ରହୁଛି । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପରିବାରରେ ହସ ଖୁସି ମିଳିବାର ସୂଚନା । ଉତ୍ତମ ଭୋଜନ ମିଳିବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୦୧।୧୨।୨୦୨୪, ମାର୍ଗଶିର ଦି୧୬ନ, ରବିବାର**

**ସୂର୍ଯ୍ୟୋଦୟ-** ଘ୬।୦୫।୦୬ **ଚନ୍ଦ୍ରୋଦୟ-** ନାସ୍ତି

**ଅମାବାସ୍ୟା** - ଦିଘ ୧୧/୫୧ ପର୍ଯ୍ୟନ୍ତ । **ଅନୁରାଧାନକ୍ଷତ୍ର** - ଦିଘ ୨।୨୩ ପର୍ଯ୍ୟନ୍ତ । **ବିଛା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ ଓ ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ପ୍ରତିପଦରର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧଖାଦ୍ୟ-** ଆମିଷ ଦିଘ ୧୧।୫୧ ପରେ ପାଣି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୫୨ ଗତେ ଘ ୯।୦୩ ମଧ୍ୟେ । ଦିଘ ୧୨।୫୭ ଗତେ ଘ ୨।୫୨ ମଧ୍ୟେ । **ପର୍ବୋତ୍ସବ** - ମଧ୍ୟ ଦୀପାବଳି, ମହୋଦଧି ଅମାବାସ୍ୟା ।

ସମ୍ପାଦକୀୟ
**ସମ୍ବାଦ କଳିକା**
30 YEARS

# ଭାରତରେ ଅଛନ୍ତି ୮୩ ପ୍ରତିଶତ ବେକାରୀ ଯୁବକ

ମାତ୍ର ୪ ବର୍ଷ ମଧ୍ୟରେ ଦେଶରେ ଶିକ୍ଷିତ ବେକାରିଙ୍କ ସଂଖ୍ୟା ଦୁଇଗୁଣ ବୃଦ୍ଧି ଘଟିଛି। ଦେଶର ରାଜ୍ୟଗୁଡିକ ମଧ୍ୟରେ ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ ଓ ଛତିଶଗଡ଼ରେ ବେକାରି ସ୍ଥିତି ଅତି ଦୟନୀୟ ବୋଲି ଏହି ରିପୋର୍ଟରେ କୁହାଯାଇଛି। ଅନ୍ତର୍ଜାତୀୟ ଶ୍ରମ ସଂଗଠନର ଏହି ରିପୋର୍ଟ ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ୍ ଦେଇଥିବା ମନ୍ତବ୍ୟକୁ ସଠିକ୍ ପ୍ରମାଣିତ କରୁଛି। ଅନ୍ତର୍ଜାତୀୟ ଶ୍ରମ ସଂଗଠନ ଏବଂ ଇନଷ୍ଟିଚ୍ୟୁଟ୍ ଅଫ୍ ହ୍ୟୁମାନ ଡେଭଲପମେଣ୍ଟ (ଆଇଏଚ୍ଡି)ର ଯୁଗ୍ମ ପ୍ରୟାସରେ ପ୍ରସ୍ତୁତ 'ଭାରତ ନିଯୁକ୍ତି ରିପୋର୍ଟ ୨୦୨୪' ଶୀର୍ଷକ ଏହି ରିପୋର୍ଟରେ ଦେଶର ବେକାରି ସ୍ଥିତିକୁ ନେଇ ବିସ୍ତୃତ ଭାବେ ତଥ୍ୟ ଦିଆଯାଇଛି। ଏହି ରିପୋର୍ଟକୁ ଆଜି ମୁଖ୍ୟ ଅର୍ଥନୀତିଜ୍ଞ ଉପଦେଷ୍ଟା (ସିଇଏ) ଭି. ଅନନ୍ତ ନାଗେଶ୍ୱରନ୍ ଉନ୍ମୋଚନ କରିଛନ୍ତି। ଯଦି ଭାରତରେ ୧୦୦ ଜଣେ ବେରୋଜଗାରି ଅଛନ୍ତି, ତେବେ ଏଥିରୁ ୮୩ ଜଣ କେବଳ ଯୁବ ବର୍ଗର ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏହାଛଡା ସେଥିରେ ଅଧିକାଂଶ ଯୁବ ଶିକ୍ଷିତ ବେକାରି। ଆଇଏଲ୍ଓର ରିପୋର୍ଟ ଅନୁସାରେ ୨୦୦୦ ମସିହା ତୁଳନାରେ ଦେଶରେ ବର୍ତ୍ତମାନ ଶିକ୍ଷିତ ବେକାରିଙ୍କ ସଂଖ୍ୟା ଦୁଇଗୁଣ ବୃଦ୍ଧି ହୋଇଛି। ୨୦୦୦ ମସିହାରେ ଶିକ୍ଷିତ ବେରୋଜଗାରୀଙ୍କ ସଂଖ୍ୟା ୩୫.୨ ପ୍ରତିଶତ ରହିଥିଲା। ହେଲେ ୨୦୨୨ରେ ଏହି ସଂଖ୍ୟା ବୃଦ୍ଧି ପାଇ ୬୫.୭ ପ୍ରତିଶତରେ ପହଞ୍ଚିଛି। ସୂଚନାଯୋଗ୍ୟ ଯେ, ଏହି ଗବେଷଣାରେ ସେହି ଶିକ୍ଷିତ ଯୁବବର୍ଗଙ୍କୁ ସାମିଲ୍ କରାଯାଇଛି ଯେଉଁମାନେ ଅତି କମ୍ରେ ମାଟ୍ରିକ୍ ପାସ୍ କରିଛନ୍ତି। ଆଇଏଲ୍ଓର ଏହି ରିପୋର୍ଟ ଆସିବାର ଦିନକ ପୂର୍ବରୁ ଶ୍ରୀ ରାଜନ କହିଥିଲେ ଯେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ନେଇ ଯେଉଁ ପ୍ରଚାର ଚାଲିଛି ତା'କୁ ବିଶ୍ୱାସ କରିବା ଉଚିତ୍ ନୁହେଁ। ଏପରି କରିବା ଭୁଲ୍ ହେବ। ଆମକୁ ପ୍ରଥମେ ଆମର ଅର୍ଥନୀତିରେ ରହିଥିବା ମୂଳ ଢାଞ୍ଚାଗତ ସମସ୍ୟା ଦୂର କରିବା ଆବଶ୍ୟକ। ଆମର ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ଜରୁରୀ ବୋଲି ସେ କହିଥିଲେ। ରାଜନ୍ଙ୍କ କଥାକୁ ପରୋକ୍ଷରେ ଠିକ୍ ଦର୍ଶାଇ ଆଇଏଲ୍ଓ ତା'ର ରିପୋର୍ଟରେ କହିଛି ଯେ ଦଶମ ଶ୍ରେଣୀ ପରେ ଦେଶରେ ପିଲାମାନଙ୍କର ଅଧାରୁ ପାଠ ଛାଡିବା ହାର ଏବେ ବି ବଡ଼ ସମସ୍ୟା। ଉଚ୍ଚଶିକ୍ଷା କ୍ଷେତ୍ରରେ ଦେଶରେ ଅନେକ ନାମଲେଖା ହେଉଛି, କିନ୍ତୁ ଏହି କ୍ଷେତ୍ରରେ ଶିକ୍ଷାର ସ୍ତର ଚିନ୍ତାଜନକ ରହିଛି। ଆଇଏଲ୍ଓ ରିପୋର୍ଟରେ ଭାରତୀୟଙ୍କ ଆୟକୁ ନେଇ ମଧ୍ୟ ତଥ୍ୟ ଉପସ୍ଥାପନ କରାଯାଇଛି। ବଢୁଛି ଦେଶ। ଅଭିବୃଦ୍ଧି ପଥରେ ଅର୍ଥନୀତି। ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହୋଇଥିବ। ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି କଥାକୁ ଦୋହରାଉଛନ୍ତି। ହେଲେ ଦେଶର ବାସ୍ତବ ଚିତ୍ର ଓଲଟା। କାଳ କାଳ ଧରି ଗରିବି ଲୋକଙ୍କ ପିଛା ଛାଡୁ ନ ଥିବାବେଳେ ଏ ଯାଏ ବେକାରି ବେଡିରୁ ମୁକୁଳିପାରୁନି ଦେଶ। ଭାରତର ବେକାରି ସ୍ଥିତିକୁ ନେଇ ଏକ ଚାଞ୍ଚଲ୍ୟକର ରିପୋର୍ଟ ପ୍ରକାଶ ପାଇଛି। ଦେଶରେ ପାଖାପାଖି ୨୭ ପ୍ରତିଶତ ଯୁବବର୍ଗ ରହିଛନ୍ତି, କିନ୍ତୁ ଏହାର ଏକ ବଡ଼ ଅଂଶ ବେରୋଜଗାର। ଦେଶର ୮୩% ଯୁବବର୍ଗ ବେକାର। ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲ୍ଓ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହା କୁହାଯାଇଛି। କେବଳ ଏତିକି ନୁହେଁ କରୋନା ମହାମାରୀ ପରଠାରୁ ଦେଶରେ ଖୁବ୍ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି ବେକାରିଙ୍କ ସଂଖ୍ୟା। ୨୦୧୯ ପରେ ନିୟମିତ ଦରମାପ୍ରାପ୍ତ କର୍ମଚାରୀ ଓ ସ୍ୱୟଂ ରୋଜଗାରକ୍ଷମ କର୍ମଚାରୀଙ୍କ ଆୟ ହ୍ରାସ ପାଇଛି। ଅନ୍ୟପଟେ ଅଣକୁଶଳୀ ଶ୍ରମ ସମ୍ବଳରେ ଠିକା କର୍ମଚାରୀମାନଙ୍କୁ ୨୦୨୨ ପରେ ଠିକ୍ ଭାବରେ ସର୍ବନିମ୍ନ ମଜୁରି ମିଳିନାହିଁ। ଭାରତ ପାଇଁ ବର୍ତ୍ତମାନ ବଡ଼ କଠିନ ସମୟ ରହିଛି। ଏଭଳି ସ୍ଥିତିରେ ଭାରତ ଏହାର ବୃହତ୍ ଯୁବ ଶ୍ରମ ସମ୍ବଳର ଲାଭ ପାଇପାରୁ ନ ଥିବା ଏହି ରିପୋର୍ଟରେ କୁହାଯାଇଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ଅନନ୍ତ ଚିନ୍ତନ

ନକାରା ସକାରମ୍ଭରେ
ଶରୀର ଟି ସାର
ନବମ ଦଶମ ପୁରେ
ଶକ୍ତୀର ସମ୍ଭାର
ନବଖଣ୍ଡ...ମା ହେଲା ସାର (୩୪)

ନବ ପୁର ଟିପଲେ ରେ
ଦଶମର ଦ୍ୱାର
ନବଧା ଭକ୍ତି ତତ୍ତ୍ୱରେ
ଭେଦିବୁ ସେ ପୁର
ନବଖଣ୍ଡ...ମା ହେଲା ସାର (୩୫)

ନ ଦ୍ୱାରେ ଷଡ ଚକ୍ରରେ
କି ବୀଜର ଠାର

ନଚିହ୍ନି ତୋର ଶରୀରେ
କେଉଁ ପୂଜା କର
ନବଖଣ୍ଡ...ମା ହେଲା ସାର (୩୬)
(କ୍ରମଶଃ)

# ଶ୍ରୀମନ୍ଦିରରେ ଦେବ ଦୀପାବଳି ମହୋତ୍ସବ


ପ୍ରସନ୍ନ କୁମାର ମିଶ୍ର
ପୁରୀ-୨
ମୋ. - ୮୦୧୮୮୭୫୩୩୫


ଦେବ ଦୀପାବଳି ଉପଲକ୍ଷେ ସଜ୍ଜିତ ଶ୍ରୀମନ୍ଦିର ସିଂହଦ୍ୱାର


ଦେବ ଦୀପାବଳି ଉପଲକ୍ଷେ ସଜ୍ଜିତ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ଚକଡା


ଦେବ ଦୀପାବଳି ତିନିଦିନ ଶ୍ରୀମନ୍ଦିର ଦଧିନଉତିରେ ଚନ୍ଦ୍ରଉଦିଆ ପ୍ରଜ୍ୱଳନ


ଦେବ ଦୀପାବଳି ଅବସରରେ ଦୀପମାଳାରେ ସଜ୍ଜିତ ଶ୍ରୀଜଗନ୍ନାଥ ମନ୍ଦିର

ପିତା ଓ ମାତା ହେଉଛନ୍ତି ପ୍ରତିଟି ସନ୍ତାନ ପାଇଁ ପ୍ରତ୍ୟକ୍ଷ ଦେବତା। ପିତାମାତାଙ୍କର ମୃତ୍ୟୁ ପରେ ସେମାନଙ୍କ ଉଦ୍ଦେଶ୍ୟରେ, ଶ୍ରାଦ୍ଧ ଓ ବୈଶ୍ୱଦେବାଦି ସମାପନ କରିବା ମଧ୍ୟ ପ୍ରତିଟି ସନ୍ତାନର କର୍ତ୍ତବ୍ୟ। ଏହି ଆଦର୍ଶକୁ ଆଧାର କରି ଲୋକଶିକ୍ଷା ନିମନ୍ତେ ଶ୍ରୀମନ୍ଦିରରେ ପରଂବ୍ରହ୍ମ ଶ୍ରୀଜଗନ୍ନାଥ ମହାପ୍ରଭୁ ନିଜେ ଜ୍ୟେଷ୍ଠଭ୍ରାତା ଶ୍ରୀବଳଭଦ୍ର ଓ ଭଉଣୀ ଦେବୀ ସୁଭଦ୍ରାଙ୍କ ସହ ଚାରି ଯୁଗର ବିଭିନ୍ନ ଅବତାରରେ ସେମାନଙ୍କର ପିତାମାତା ; ସତ୍ୟଯୁଗର (ବାମନ ଅବତାର) କାଶ୍ୟପ ଓ ଅଦିତି, ତ୍ରେତା ଯୁଗର (ରାମ ଅବତାର) ଦଶରଥ ଓ କୌଶଲ୍ୟା, ଦ୍ୱାପର ଯୁଗର (ଶ୍ରୀକୃଷ୍ଣ ଅବତାର) ବସୁଦେବ ଓ ଦେବକୀ, ନନ୍ଦ ଓ ଯଶୋଦା ଓ କଳି ଯୁଗରେ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ସ୍ୱୟଂ ନିଜର କଳ୍ପିତ ପିତାମାତା 'ରାଜା ଇନ୍ଦ୍ରଦ୍ୟୁମ୍ନ ଓ ଗୁଣ୍ଡିଚା'ଙ୍କ ଉଦ୍ଦେଶ୍ୟରେ ଦୀପଦାନ ଶ୍ରାଦ୍ଧ ଦେଇଥାନ୍ତି। ତେଣୁ ଶ୍ରୀମନ୍ଦିରରେ ମାର୍ଗଶୀର କୃଷ୍ଣ ଚତୁର୍ଦ୍ଦଶୀ, ଅମାବାସ୍ୟା ଓ ଶୁକ୍ଳ ପ୍ରତିପଦା ତିଥି - ଏହି ତିନିଦିନ ପ୍ରତିବର୍ଷ 'ଦେବ ଦୀପାବଳି ଉତ୍ସବ' ମହାସମାରୋହରେ ପାଳନ କରାଯାଏ।

ଏହି ଦିବସ ମାନଙ୍କରେ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀଜଗନ୍ନାଥ ମହାପ୍ରଭୁ 'ଶ୍ରାଦ୍ଧବେଶ'ରେ ସଜ୍ଜିତ ହୋଇ ଶ୍ରାଦ୍ଧ ଓ ଦୀପଦାନ କରିଥାନ୍ତି। ପୁଷ୍ପାଳକ ସେବକମାନେ ଠାକୁରମାନଙ୍କୁ ଧଳାବସ୍ତ୍ରରେ ସଜେଇଥାନ୍ତି। ଏହି ସ୍ୱତନ୍ତ୍ର ବେଶରେ ତିନି ଠାକୁରଙ୍କ ଲୁଗାଧଡ଼ି ଗୁଡ଼ିକ ଭିନ୍ନ ରଙ୍ଗର ହୋଇଥାଏ। ଶ୍ରୀବଳଭଦ୍ରଙ୍କ ଶାଢ଼ିର ଲମ୍ବା ୧୪ ହାତ, ଓସାର ୪ ହାତ ଏବଂ ଲୁଗାଧଡ଼ିର ଓସାର ୧ ଫୁଟ ରଙ୍ଗ କଳା। ଦେବୀ ସୁଭଦ୍ରାଙ୍କ ଶାଢ଼ିର ଲମ୍ବ ୧୨ ହାତ, ଓସାର ସାଢ଼େ ୩ ଫୁଟ ଏବଂ ଧାଡ଼ିର ଓସାର ୧ ଫୁଟ ଓ ରଙ୍ଗ ହେଉଛି ହଳଦିଆ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶାଢ଼ିର ଲମ୍ବ ୧୮ ହାତ, ଓସାର ୫ ହାତ ଓ ଧାଡ଼ିର ଓସାର ୧ ଫୁଟ। ଶାଢ଼ିରେ କୁମ୍ଭ ଥାଇ ଧଡ଼ିର ରଙ୍ଗ ନାଲି। ଏହି ବସ୍ତ୍ରକୁ 'କାଶୀଧଡ଼ିଆ' କୁହାଯାଏ। ଏହାହିଁ ମହାପ୍ରଭୁଙ୍କ ଶ୍ରାଦ୍ଧ ବେଶ। ଏହି ତିନଦିନ ତିନି ଠାକୁରଙ୍କ କଳେବର 'ଗୋଟିଏ ଚାଦର'ରେ ମଣ୍ଡନ ହୁଏ ଓ ମସ୍ତକ ଶ୍ରୀକପଡ଼ାରେ ଆଚ୍ଛାଦିତ କରାଯାଏ। ଅଳ୍ପକିଛି ସ୍ୱର୍ଣ୍ଣ ଅଳଙ୍କାର ଲାଗି କରାଯାଏ। ମହୋତ୍ସବର ପ୍ରଥମ ଦିନ ସଂଧ୍ୟାଧୂପ ନୀତି ବଢ଼ିବା ପରେ ଗମ୍ଭୀରାରେ ଧୋପଖାଳ (ପାଣିପଡ଼ି ପୋଛା ହେବା) ହେବାପରେ ଶ୍ରାଦ୍ଧନୀତି ଆରମ୍ଭ ହୋଇଥାଏ। ଭଣ୍ଡାର ମେକାପ ସିଂହାସନ ତଳେ ଅରୁଆ ଚାଉଳରେ ଏକ ବିରାଟ ପଣସ ଗଛର ଆକୃତି ତିଆରି କରନ୍ତି। ଗଛଟିର ମୂଳ ଶ୍ରୀବଳଭଦ୍ରଙ୍କ ବାଡ଼ ନିକଟରେ ଥିବାବେଳେ ଅଗ ମହପ୍ରଭୁଙ୍କ ବାଡ଼ ନିକଟରେ ରହିଥାଏ । ଗଛରେ କେତୋଟି ଚଢ଼େଇ ବସିଥାନ୍ତି। ଗୋଟିଏ ପଣସ ଝୁଲୁଥାଏ। ପାଳିଆ ମେକାପ ବଇଠାରେ(ପିତଳ ଦୀପ) ଘିଅ ଦେଇ ଚାଉଳ ଗଛରେ ବତୀ ବସାନ୍ତି। ମୋଟ୍ ୨୮ ଗୋଟି ବତୀ ମଧ୍ୟରୁ ଶ୍ରୀବଳଭଦ୍ରଙ୍କ ନିକଟରେ ୯ଟି, ଦେବୀ ସୁଭଦ୍ରାଙ୍କ ନିକଟରେ ୯ଟି ଓ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନିମନ୍ତେ ୧୦ ଗୋଟି ବତୀ ସେଠାରେ ବଢ଼ା ଯାଇଥିବା ଚାଉଳ ଗଛ (ଶୁଖିଲା ଚାଉଳର ପିଣ୍ଡ)ରେ ବସାଯାଏ। ତିନିଜଣ ପୂଜାପଣ୍ଡା ତିନି ଠାକୁରଙ୍କ ପାଇଁ ତିନିଗୋଟି ସୁନା ଆଳତି ଲଗାଇ ଚାଉଳ ଗଛ ଓ ଦୀପ ଗୁଡ଼ିକୁ ସଂସ୍କାର କରି 'ପିଣ୍ଡଦାନ'ର ଉପଚାର କରିଥାନ୍ତି। ତିନି ଠାକୁରଙ୍କର ମହାଦୀପରେ ବନ୍ଦାପନା ପରେ ସେଗୁଡ଼ିକୁ ହାତରେ ଧରି ଜୟବିଜୟ ଦ୍ୱାର ନିକଟକୁ ଅଣାଯାଏ ଓ ଚାଉଳ ଗଛକୁ ପୂଜାପଣ୍ଡା ସଂସ୍କାର କରି ସାରିଲା ପରେ ଏହାକୁ ପାଳିଆ ଚୂନରା(ସେବକ)ଙ୍କୁ ଦିଆଯାଏ। ଓଡ଼ିଆ ମଠ ଦେଇଥିବା ତେଲ, ଘିଅ ଓ ମନ୍ଦିର ପ୍ରଶାସନ ଦେଇଥିବା ଘିଅ ସହ ଚୂନରା ସେବକ ମନ୍ଦିର ଉପରକୁ ଚଢ଼ି 'ଅଁଳାବେଢ଼ା' ଉପରେ ତିନୋଟି ଦୀପ ଜାଳନ୍ତି ଓ ଚନ୍ଦ୍ର ଉଦିଆ ଜାଳି ଡାକ ଦିଅନ୍ତି, 'ଗଜପତି ମହାରାଜାଙ୍କୁ ଶଙ୍ଖରେ ପୁରାଇ ଚକ୍ର ଆଡୁଆଳରେ ରଖ ହେ ମହାପ୍ରଭୁ' କହି ହରିବୋଲ ପକାଇ ଅଁଳାବେଢ଼ା ଚାରିପଟେ ବୁଲନ୍ତି।

ଅମାବାସ୍ୟା ଦିନ ଏହି ରୀତିରେ ଶ୍ରାଦ୍ଧୋତ୍ସବ ପାଳିତ ହୋଇଥାଏ। କିନ୍ତୁ ପ୍ରତିପଦା ଦିନ ପାଣି ପଡ଼ି ଚାଉଳ ଗଛ ତିଆର ହେବା ପରେ ମଦନମୋହନ ଦକ୍ଷିଣ ଘରୁ ସିଂହାସନକୁ ବିଜେ କରନ୍ତି। ମୁଦିରସ୍ତ ସେବକ ପ୍ରସାଦ ଲାଗି (ବନ୍ଦାପନା )କଲାପରେ ପୂଜାପଣ୍ଡା ଚାଉଳ ଗଛ ସଂସ୍କାର କରନ୍ତି। ତିନି ବାଡ଼ରେ ବନ୍ଦାପନା ହୁଏ। ମହାପ୍ରଭୁଙ୍କ ଠାରୁ ଆଜ୍ଞାମାଳ ପାଇ ମଦନମୋହନ, ଶ୍ରୀଦେବୀ(ଲକ୍ଷ୍ମୀ) ଓ ଭୂଦେବୀ(ସରସ୍ୱତୀ)ଝୁଲଣ ମଣ୍ଡପ ନିକଟରେ ଥିବା ବିମାନରେ ବିଜେ ହୁଅନ୍ତି। ବିମାନକୁ ଜଗନ୍ନାଥ ବଲ୍ଲଭ ମଠକୁ ନିଆଯାଏ। ସେଠାରେ ସୁଆଁସିଆ ସେବକ ଦେଇଥିବା କାଠ ଭଦ୍ରାସନ (ନୂଆପିଢ଼ା) ଉପରେ ଚାଉଳ ଗଛ ତିଆରି ହୋଇ ଦୀପ ବସାଯାଏ। କେତେକଙ୍କ ମତରେ ଏହିଦିନ ଶ୍ରୀମନ୍ଦିର ବାହାରେ ଶ୍ରୀଜଗନ୍ନାଥ ବଲ୍ଲଭ ଠାରେ କଳିଯୁଗରେ ଶ୍ରୀଜଗନ୍ନାଥଙ୍କ କଳ୍ପିତ ପିତାମାତା ରାଜା ଇନ୍ଦ୍ରଦ୍ୟୁମ୍ନ ଓ ରାଣୀ ଗୁଣ୍ଡିଚାଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଦେଇଥାଆନ୍ତି। ମୁଦିରସ୍ତ ପ୍ରସାଦ ଲାଗି କରନ୍ତି। ଚାଉଳ ଗଛ ସଂସ୍କାର ପରେ ବନ୍ଦାପନା ହୋଇଥାଏ। ଏହାପରେ ବାହୁଡ଼ା ବିଜେ ପଟୁଆରରେ ତିନି ଠାକୁର ଶ୍ରୀମନ୍ଦିରର ସ୍ୱ ସ୍ୱ ଆସ୍ଥାନକୁ ଯାଇଥାଆନ୍ତି।

ଏହି ଅବସରରେ ଶ୍ରୀମନ୍ଦିର ଭିତର ବେଢ଼ା, ସିଂହଦ୍ୱାର ଗୁମୁଟ ଏବଂ ବଡ଼ଦାଣ୍ଡରେ ଥିବା ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ତିନିଦିନ ବ୍ୟାପୀ ଦୀପମାଳାରେ ସଜ୍ଜିତ କରାଯାଇଥାଏ। ଅଗଣିତ ଦୀପମାଳାରେ ଶ୍ରୀମନ୍ଦିର ପରିସର ଝଲସି ଉଠେ। ପୁରୀ ରାଜାଙ୍କ ଶ୍ରୀନହର ମଧ୍ୟ ଦୀପ ଓ ଆଲୋକ ମାଳାରେ ସଜ୍ଜିତ କରାଯାଇଥାଏ।

# ଦିବ୍ୟାଙ୍ଗ ଏବଂ ସ୍ୱତନ୍ତ୍ର ଶିକ୍ଷକ

## (ଶବ୍ଦ ବାହାରେ ଏକ ବନ୍ଧନ, ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାର ସେତୁ)


ଆୟୁଷ୍ମାନ ଚୌଧୁରୀ
ଯୁଗ୍ମ ସମ୍ପାଦକ, ଓଡ଼ିଶା ସ୍ପେସିଆଲ ଏଜୁକେଟର ଫେଡ଼େରସନ ଫର୍ ଦିବ୍ୟାଙ୍ଗ
ଧୀମହି ପ୍ରମୁଖ, ସକ୍ଷମ, ଓଡ଼ିଶା
ମୋବାଇଲ ନଂ - ୯୩୪୮୨୯୫୫୫୬

ଭିନ୍ନକ୍ଷମମାନଙ୍କ ପାଇଁ ଅନ୍ତର୍ଜାତୀୟ ଦିବସ ଯାହା ପୃଥିବୀର ସମସ୍ତ ଭିନ୍ନକ୍ଷମ ବ୍ୟକ୍ତିବିଶେଷ ଏବଂ ତାଙ୍କ ସଶକ୍ତିକରଣ ପାଇଁ କାର୍ଯ୍ୟ କରୁଥିବା ଈଶ୍ୱରତୁଲ୍ୟ ବ୍ୟକ୍ତି ବିଶେଷ ପାଇଁ ଉତ୍ସାହ ଏବଂ ପ୍ରେରଣା ଯୋଗାଉଥିବା ଦିନଟିଏ। ସେହିପରି ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କ ଜୀବନରେ ସ୍ୱତନ୍ତ୍ର ଶିକ୍ଷକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଏକ ସ୍ମରଣୀୟ ସ୍ମରଣିକା। ଏହି ଶକ୍ତିଶାଳୀ ସହଭାଗିତା ହେଉଛି ବିଶ୍ୱାସର ଏକ ପ୍ରମାଣ ଯେ ପ୍ରତ୍ୟେକ ପିଲା ସେମାନଙ୍କର ଦକ୍ଷତା ନିର୍ବିଶେଷରେ ଶିଖିବା, ବଢିବା ଏବଂ ସେମାନଙ୍କର ପୂର୍ଣ୍ଣ ସାମର୍ଥ୍ୟକୁ ପହଞ୍ଚିବା ପାଇଁ ସୁଯୋଗ ପାଇଥାନ୍ତି। ଏକ ଭିନ୍ନକ୍ଷମ ବିଦ୍ୟାର୍ଥୀ ଏବଂ ସ୍ୱତନ୍ତ୍ର ଶିକ୍ଷକର ମଧ୍ୟରେ ଥିବା ବନ୍ଧନ ଗଭୀର ଏବଂ ନିଆରା ଅଟେ। ଏହା ଏକ ସହଯୋଗିତା ଓ ସହଭାଗିତାର ଏକ ସୁନ୍ଦର ଯାତ୍ରା , ଯାହା ଧୈର୍ଯ୍ୟ, ବୁଝାମଣା ଏବଂ ଅଦମ୍ୟ ସମର୍ଥନ ଆଶ୍ରୟ କରେ। ସ୍ୱତନ୍ତ୍ର ଶିକ୍ଷକମାନେ ସେମାନଙ୍କର ଦକ୍ଷତା, ପାରଦର୍ଶିତା ଏବଂ ସହାନୁଭୂତି ସହିତ ଏହି ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନଙ୍କୁ ସମସ୍ତ ଘାତ, ପ୍ରତିଘାତ ଏବଂ ପ୍ରତିବନ୍ଧକର ସମ୍ମୁଖୀନ କରି ଅଗ୍ରତହେବା ସହିତ ସମାଜର ମୁଖ୍ୟ ସ୍ରୋତରେ ସମ୍ମିଳିତ ହେବା ପାଇଁ ଉତ୍ସାହ ଏବଂ ସହାୟତା ପ୍ରଦାନ କରିବା ସହିତ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତି। ପ୍ରତିବନ୍ଧକ ଭାଙ୍ଗିବା ଏବଂ ଅନ୍ତଃନିର୍ବେଶୀ ଶିକ୍ଷଣ ପରିବେଶ ସୃଷ୍ଟି କରିବାରେ ସ୍ୱତନ୍ତ୍ର ଶିକ୍ଷକ ଶିକ୍ଷୟିତ୍ରୀମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ସ୍ୱତନ୍ତ୍ର ଶିକ୍ଷକମାନେ ସେମାନଙ୍କ ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନଙ୍କ ପାଇଁ ନିଶ୍ଚିତ ଭାବେ ଯୁକ୍ତିକରନ୍ତି ଯେ, ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ଉପଯୁକ୍ତ ସ୍ୱତନ୍ତ୍ର ଶିକ୍ଷା ମାଧ୍ୟମରେ ହିଁ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବ। ଜଣେ ଦିବ୍ୟାଙ୍ଗ ଉତ୍ତମ ଶିକ୍ଷାଲାଭ କଲେ ତାଙ୍କୁ କେଉଁ ସ୍ଥାନରେ କାହାର ସହାନୁଭୂତିର ଆବଶ୍ୟକତା ପଡିବ ନାହିଁ। ଉତ୍ତମ ଶିକ୍ଷାଦ୍ୱାରା ହିଁ ଦିବ୍ୟାଙ୍ଗ ବ୍ୟକ୍ତିଟିଏ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟ ଅସହାୟ ଦିବ୍ୟାଙ୍ଗ ମାନଙ୍କ ପ୍ରତି ପ୍ରେରଣାର ଉତ୍ସାହ ହୋଇପାରିବ। ଅକ୍ଷମତା ଏକ ଅବସ୍ଥା ଯାହା କେତେବେଳେ କାହା ପାଖରେ ଆସିଯିବ କେହି କହିପାରିବେ ନାହିଁ। ଆଗାମି ପିଢ଼ିକୁ ସଶକ୍ତ କରିବା ଦିଗରେ ଭିନ୍ନକ୍ଷମ ବିଦ୍ୟାର୍ଥୀମାନଙ୍କୁ ସଶକ୍ତ କରି ସ୍ୱତନ୍ତ୍ର ଶିକ୍ଷକମାନେ ଆମ ସମାଜର ଭବିଷ୍ୟତ ଗଠନ କରୁଛନ୍ତି। ସେମାନେ ଏହି ଦିବ୍ୟାଙ୍ଗ ମାନଙ୍କ ମଧ୍ୟରୁ ପରବର୍ତ୍ତୀ ପିଢ଼ିର ନେତା, ଉଦ୍ଭାବକ, ଶିକ୍ଷକ, କଳାକାର ଇତ୍ୟାଦିଙ୍କୁ ପ୍ରସ୍ତୁତ କରିବାରେ ଆପ୍ରାଣ ଉଦ୍ୟମ ଜାରି ରଖିଛନ୍ତି। ଭିନ୍ନକ୍ଷମ ବିଦ୍ୟାର୍ଥୀମାନଙ୍କର ସଶକ୍ତିକରଣ ଏବଂ ମୁଖ୍ୟସ୍ରୋତରେ ସାମିଲକରିବା ଦିଗରେ ସ୍ୱତନ୍ତ୍ର ଶିକ୍ଷକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ବ୍ୟକ୍ତିଗତ ଆବଶ୍ୟକତାକୁ ଆକଳନ କରିବା, ବ୍ୟକ୍ତିଗତ ଶିକ୍ଷା ଯୋଜନା ପ୍ରସ୍ତୁତ କରିବା ଏବଂ ବିଶେଷ ନିର୍ଦ୍ଦେଶ ପ୍ରଦାନ କରିବାର ଅଭିଜ୍ଞତା କେବଳ ସ୍ୱତନ୍ତ୍ର ଶିକ୍ଷକମାନଙ୍କ ପାଖରେ ହିଁ ମହଜୁଦ ରହିଅଛି। ସ୍ୱତନ୍ତ୍ର ଶିକ୍ଷକମାନେ ପ୍ରତେକ ଶିଶୁର ନିର୍ଦ୍ଦିଷ୍ଟ ଆବଶ୍ୟକତା ପୂରଣ କରିବା ପାଇଁ ସେମାନଙ୍କର ନିର୍ଦ୍ଦେଶକୁ ସଜାଡନ୍ତି, ବିଭିନ୍ନ ପ୍ରକାରର ସ୍ୱତନ୍ତ୍ର ଶିକ୍ଷା ଅନ୍ତର୍ଭୁକ୍ତ କୌଶଳ, ଆଚରଣ, ପରିଚାଳନା ବ୍ୟବହାର କରିବାର ସାମର୍ଥ୍ୟ ରଖନ୍ତି। ବିଭିନ୍ନ ଶିକ୍ଷାର୍ଥୀମାନଙ୍କର ଆବଶ୍ୟକତାକୁ କିପରି ସମାଧାନ କରାଯିବ ସେ ସମ୍ବନ୍ଧରେ ପ୍ରଶିକ୍ଷଣ ଏବଂ ସହାୟତା ଯୋଗାଇବା ସହିତ ସ୍ୱତନ୍ତ୍ର ଶିକ୍ଷକମାନେ ସାଧାରଣ ଶିକ୍ଷକଙ୍କ ସହିତ ସହଯୋଗ କରନ୍ତି। ଏହିପରି ଭାବରେ ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ଶିକ୍ଷକଙ୍କ ଭୂମିକା ଅନେକ ଗୁରୁତ୍ୱ ବହନକରେ। ଜଣେ ସ୍ୱତନ୍ତ୍ର ଶିକ୍ଷକ ହେବାପାଇଁ ପ୍ରଥମେ ଏକ ଦୃଢ ମନୋବଳ ସେବା ମନୋବୃତ୍ତି ରହିବା ଆବଶ୍ୟକ, କାରଣ ଅନେକ ଛାତ୍ରଛାତ୍ରୀ ନିଜର ଦ୍ୱାଦଶ ପରୀକ୍ଷାପରେ ଡାକ୍ତର, ଇଞ୍ଜିନିୟର ଇତ୍ୟାଦି ହେବାପାଇଁ ପାଠ ପଢ଼ନ୍ତି କିନ୍ତୁ ହାତଗଣତି କିଛି ପିଲା ସ୍ୱତନ୍ତ୍ର ଶିକ୍ଷକ ହେବାପାଇଁ ମନ ବଳାଇଥାନ୍ତି। ଯଦି ସ୍ୱତନ୍ତ୍ର ଶିକ୍ଷକଙ୍କୁ ଉତ୍ତମ ସମ୍ମାନ, ଅହମ୍ୟତା ଏବଂ ମର୍ଯ୍ୟାଦା ଦିଆଯିବ ଅନେକ ପିଲା ସ୍ୱତନ୍ତ୍ର ଶିକ୍ଷକ ହେବାକୁ ମନ ବଳାଇବେ।

ଯେହେତୁ ଆମେ ଭିନ୍ନକ୍ଷମ ମାନଙ୍କ ପାଇଁ ଅନ୍ତର୍ଜାତୀୟ ଦିବସ ପାଳନ କରୁଛେ, ଆସନ୍ତୁ ଆମେ ଶପଥ ନେବା ସ୍ୱତନ୍ତ୍ର ଶିକ୍ଷକ ମାନଙ୍କ ଅମୂଲ୍ୟ ଅବଦାନକୁ ସ୍ୱୀକାର କରିବା ଏବଂ ଦିବ୍ୟାଙ୍ଗ ସଶକ୍ତିକରଣ କରିବା। ସ୍ୱତନ୍ତ୍ର ପିଲାଙ୍କ ଅଗ୍ରଗତିରେ ସ୍ୱତନ୍ତ୍ର ଶିକ୍ଷକ ହେଉଛନ୍ତି ପ୍ରକୃତ ନାୟକ, ଯେଉଁମାନେ କି ବିଭିନ୍ନ ପ୍ରକାର ଦିବ୍ୟାଙ୍ଗ ବ୍ୟକ୍ତି ବିଶେଷଙ୍କ ଜୀବନରେ ପରିବର୍ତ୍ତନ ଆଣିଥାନ୍ତି, ସେମାନଙ୍କୁ ଏ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାପାଇଁ ସଶକ୍ତ କରିଥାନ୍ତି। ଆସନ୍ତୁ ସମସ୍ତେ ଏକତ୍ର କାର୍ଯ୍ୟକାରୀ ଦିବ୍ୟାଙ୍ଗ ପିଲାଙ୍କୁ ଗୁଣାତ୍ମକ ଏବଂ ମୂଲ୍ୟବୋଧ ଶିକ୍ଷା ଯୋଗାଇ ସମାଜରେ ସମସ୍ତଙ୍କ ଭଳି ଚାଲିବ ପାଇଁ ସକ୍ଷମ କରାଇବା ଏବଂ ପ୍ରକାଶ କରିବା ସମସ୍ତେ ସକ୍ଷମ।

# ବାତ୍ୟା ଓ ବର୍ଷା ବିତ୍ପାତ ପରେ 'ଶୁଖୁଆ' ପ୍ରସ୍ତୁତକାରୀ ସଂକଟରେ

ଜାନକୀ ବଲ୍ଲଭ ଦାଶ

ଜଳବାୟୁ ପରିବର୍ତ୍ତନର ବ୍ୟାପକତା ଫଳରେ ସମାଜର ସବୁ ବର୍ଗର ବ୍ୟକ୍ତି ବିଭିନ୍ନ ପ୍ରକାର ଅସୁବିଧାରେ ଯାହାକି ସେମାନଙ୍କ ଦୈନନ୍ଦିନ ଜୀବନଯାତ୍ରା, ଜୀବିକାକୁ ପ୍ରଭାବିତ କରିଛି ଏହା ସମସ୍ତେ ଅନୁଭବ କରୁଛନ୍ତି। ଜଳବାୟୁ ପରିବର୍ତ୍ତନରେ ଉତ୍ତର ଓଡିଶା ବଙ୍ଗୋପସାଗର ଚାନ୍ଦିପୁର ବେଳାଭୂମିରେ ପାରମ୍ପାରିକ ଶୁଖୁଆ ପ୍ରସ୍ତୁତକାରୀ ପରିବାରବର୍ଗମାନେ ଘୋର ଆର୍ଥିକ ତଥା ଅନ୍ୟାନ୍ୟ ସାମାଜିକ ପରିବର୍ତ୍ତନର ସମ୍ମୁଖୀନ କରିବା ଫଳରେ ଏ ଗୋଷ୍ଠୀର ଜୀବନ ଜୀବିକା ୬୦, ୭୦, ୮୦,୯୦ ଏପରିକି ୨୦୦୦ ସୁଦ୍ଧା ବ୍ୟାପକ ଭାବେ ପରିବର୍ତ୍ତନ ହୋଇଛି। ବଙ୍ଗୋପସାଗର ଚାନ୍ଦିପୁର ବେଳାଭୂମି ଓ ସନ୍ନିକଟ ଅଂଚଳରେ ଜୀବନଜୀବିକା ଉପାର୍ଜନ କରୁଥିବା ମତ୍ସଜୀବି ପରିବାରର ମହିଳାମାନଙ୍କ ମୁଖ୍ୟ ଆୟର ସ୍ରୋତ ହେଉଛି 'ଶୁଖୁଆ' ପ୍ରସ୍ତୁତି ଯାହାକି ବିଗତ ବର୍ଷା ଓ ବାତ୍ୟା ଦାନାର ପ୍ରଭାବରେ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ବଙ୍ଗୋପସାଗରର ଦୀର୍ଘ ୪୮୦ କିମି ବେଳାଭୂମି ଯାହାକି ଗୋପାଳପୁର, ବଙ୍ଗାମ, ପୁରୀ, ପାରାଦ୍ୱୀପ, ବାଲେଶ୍ୱର ଚାନ୍ଦିପୁର ଓ ଦୀଘାତଟ ପର୍ଯ୍ୟନ୍ତ ରହିଛି। ଏ ସବୁ ଅଂଚଳରେ ଶୁଖିଆ ପ୍ରସ୍ତୁତକାରୀ ମହିଳାମାନେ ନାନାପ୍ରକାର ପ୍ରଭାବିତ ହୋଇଛନ୍ତି। ଜିଲ୍ଲା ମତ୍ସ୍ୟ ବିଭାଗ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ସମୁଦ୍ର ତଟବର୍ତ୍ତୀ ଅଂଚଳରେ ପ୍ରାୟ ୩୦୦୦ ମତ୍ସଜୀବି ପରିବାର ମାନେ ଚାନ୍ଦିପୁର ଓ ସନ୍ନିକଟ ଅଂଚଳରେ ମାଛଧରା, ଶୁଖୁଆ ପ୍ରସ୍ତୁତିରେ ନିଜକୁ ନିୟୋଜିତ ରଖିଥାଆନ୍ତି, ଯାହାକି ସେମାନଙ୍କ ପୁରୁଷମାନେ ମାଛଧରା ଟ୍ରଲରରେ ସମୁଦ୍ର ମଧ୍ୟକୁ ଯାଇ ମାଛ ଧରନ୍ତି ଓ ଅନ୍ୟାନ୍ୟ ପ୍ରକାର ମାଛଗୁଡିକୁ ସେମାନଙ୍କ ମହିଳା ସଦସ୍ୟମାନେ ଶୁଖୁଆ ପ୍ରସ୍ତୁତ କରି ବିକ୍ରୀ କରନ୍ତି। ଏହା ଦ୍ୱାରା ସେମାନେ ବର୍ଷସାରା ନିଜର ଗୁଜୁରାଣ ମେଣ୍ଟାଇବାକୁ ସକ୍ଷମ ହୋଇଥାଆନ୍ତି। କିନ୍ତୁ ଏବେ ଏହା ଏକ ପ୍ରକାର ବୋଝ ସଦୃଶ ବୋଲି ଶୁଖିଆ ଉତ୍ପାଦନକାରୀ କହନ୍ତି। ପ୍ରଥମେ ଆମର ପୁରୁଷ ସଦସ୍ୟମାନେ ଗଭୀର ସମୁଦ୍ର ମଧ୍ୟକୁ ଯାଇ ନାନାପ୍ରକାର ମାଛ ଧରି ଆଣିଲା ପରେ ସେଥିରୁ କିଛି ମାଛକୁ ଶୁଖୁଆରେ ପ୍ରସ୍ତୁତ କରାଯାଏ, କିନ୍ତୁ ଏହା ଏବେ ଅଧିକ ପରିଶ୍ରମ ଓ ବ୍ୟୟସାପେକ୍ଷ ହେଉଥିବାରୁ ମହିଳାମାନେ ଅନ୍ୟ ମାଧ୍ୟମରେ ଜୀବିକା ଉପାର୍ଜନ କରିବା ସକାଶେ ବାଧ୍ୟ ହେଉଛନ୍ତି। ପାରମ୍ପାରିକ ରୀତିରେ ଶୁଖୁଆ ପ୍ରସ୍ତୁତ କରିବା ଶ୍ରମସାଧ ଓ ଏହା ମୁଖ୍ୟତଃ ମାଛଧରା ପରେ ଉପକୂଳ ଅଂଚଳରେ ହୋଇଥାଏ। କାରଣ ମାଛକୁ ଶୁଖାଇବା ପାଇଁ ଖରାର ଆବଶ୍ୟକତା ଯୋଗୁଁ ଏଗୁଡିକୁ ସାଧାରଣତଃ ମତ୍ସ୍ୟଜୀବୀ ମହିଳାମାନେ ପ୍ରଥମେ ବିସ୍ତୀର୍ଣ୍ଣ ଅଂଚଳରେ ପଲିଥିନ ସିଟ୍ ଦେଇ ଶୁଖାନ୍ତି। କିଛି ନିର୍ଦ୍ଦିଷ୍ଟ ଶୁଖୁଆ ପ୍ରସ୍ତୁତି ପାଇଁ ବାଉଁଶ ଓ ବାଡରେ ନିର୍ମିତ ଖୁଣ୍ଟ ଓ ବାଡ଼ା ସାହାଯ୍ୟରେ ଏଗୁଡିକୁ ଶୁଖାଯାଏ। ଦୁଇ ତିନି ଦିନ ପରେ ଏଥିରେ ଆବଶ୍ୟକୀୟ ପରିମାଣର ଲୁଣ ମିଶ୍ରଣ କରି ଶୁଖାଯାଏ। ପାରମ୍ପରିକ ଢଙ୍ଗରେ ପ୍ରସ୍ତୁତ ହେଉଥିବା ଶୁଖୁଆରେ କୌଣସି ରାସାୟନିକ ପ୍ରକ୍ରିୟା ବା ଲେପ ଦିଆଯାଏ ନାହିଁ। ମାଛର ଆକାର ଓ ଓଜନ ଦେଖି ଲବଣ ମିଶ୍ରଣ କରାଯାଏ। ଏହାକୁ କେଇଦିନ ଓଲଟପାଲଟ କରି ଶୁଖାଯାଏ। ଅନ୍ୟୁନ ପକ୍ଷରେ ୭ ଦିନ ପରେ ଏହା ଶୁଖୁଆ ରୂପେ ପ୍ରସ୍ତୁତ ହେଲା ପରେ ଏଗୁଡିକୁ ବାକ୍ସ ବା ବଡ ବଡ ପ୍ଲାଷ୍ଟିକ ର୍ୟାକ୍ ଯୋଗେ ସଂଗୃହୀତ କରାଯାଇ ବିକ୍ରୟ ପାଇଁ ବଜାରକୁ ପଠାଯାଏ।

ବଳରାମଗଡିରେ ଜନୈକ ଶୁଖୁଆ ବ୍ୟାପାରୀ କହନ୍ତି- ଚାନ୍ଦିପୁର ସମୁଦ୍ରତଟରୁ ମତ୍ସଜୀବିମାନେ ଗଭୀର ସମୁଦ୍ରକୁ ଯାଇ ମାଛ ଧରି ଫେରିବା ପରେ ଏମାନଙ୍କ ମହିଳା ସଦସ୍ୟାମାନେ ମୁଖ୍ୟତଃ ଏହି ଶୁଖୁଆ ପ୍ରସ୍ତୁତ କରନ୍ତି। ସେମାନେ ମାଛଗୁଡିକର ପ୍ରଜାତି, ଆକାର, ଓଜନ ଦେଖି ଏହାକୁ ବର୍ଗୀକରଣ କରନ୍ତି ଓ ତା' ପରେ ଲୁଣ ଦେଇ ଏହାକୁ ଶୁଖାନ୍ତି। ଯେଉଁ ଶୁଖୁଆ ଗୁଡିକ ଯେତେ ବେଶୀ ଶୁଖିଥାଏ ତାହା ଓଜନରେ ସେତେ ହାଲୁକା ହୋଇଥାଏ ଓ ସ୍ୱାଦିଷ୍ଟ ମଧ୍ୟ। ଏଣୁ ଏଗୁଡିକର ଦାମ୍ ମଧ୍ୟ ଅଧିକା ହୁଏ। ବେପାରୀ ଯାହାଙ୍କ ତିନି ପୀଢି ଏହି ଅଂଚଳରେ ଶୁଖୁଆ ବ୍ୟବସାୟ କରିଆସୁଛନ୍ତି କୁହନ୍ତି-ଏବେ ପ୍ରସ୍ତୁତ ହେଉଥିବା ଶୁଖୁଆ ଗୁଡିକ ହେଉଛି ମୁଖ୍ୟତଃ- ଓଲିଆରୀ, ପିଲ, ସିଲ, ତାମ୍ପୁଡି, ସାପୁଆ, କୋଟେରୀ, ରେବ, କଣ୍ଟିଆ, ଚିଙ୍ଗୁଡି ଯାହାକି ୧୦୦ ଟଙ୍କା କିଲୋରୁ ଆରମ୍ଭ ହୋଇ ୮୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟରେ ବିକ୍ରୀ ହୋଇଥାଏ। କିଛି ନିର୍ଦ୍ଦିଷ୍ଟ ସମୟରେ ଇଲିଶି ଶୁଖୁଆ ପ୍ରସ୍ତୁତ ହୋଇଥାଏ, ଯାହାକି କିଲୋ ପିଛା ୨୦୦୦ରୁ ୨୫୦୦ ଟଙ୍କା ପର୍ଯ୍ୟନ୍ତ ହୁଏ। ବଡ ଆକାରର ଶୁଖୁଆ ଯଥା, ସିଲ, ତାମ୍ପୁଡି, ଇଲିଶି, କଣ୍ଟିଆ, ମୁଖ୍ୟତଃ ଜିଲ୍ଲା ଓ ବାହାର ସ୍ଥାନ ଯଥା, ଝାଡଖଣ୍ଡ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର, କର୍ଣ୍ଣାଟକ ଏପରିକି କିଛି ପର୍ବପର୍ବାଣୀ ଯଥା ଦୁର୍ଗାପୂଜା ସମୟରେ ବାଂଲାଦେଶକୁ ମଧ୍ୟ ଏଠାରେ ରପ୍ତାନୀ କରାଯାଏ। ଶୁଖୁଆ ସାଧାରଣତଃ ଗରୀବ ଲୋକର ମାଛ ବୋଲି ପୂର୍ବରୁ ଖ୍ୟାତ, କାରଣ ଏହାର ମୂଲ୍ୟ ମାଛ ଠାରୁ ଢେର କମ୍ ରହୁଥିଲା, କିନ୍ତୁ ଏବେ ଏହା ମାଛ ଠାରୁ ମଧ୍ୟ ଅଧିକ ଦାମ୍ ହୋଇଥିବାରୁ ଏହା ଧନୀ, ଗରୀବ ସବୁ ଶ୍ରେଣୀର ଲୋକମାନେ ସୁସ୍ୱାଦୁ ଖାଦ୍ୟ ରୂପେ ପରିଗଣନା କରନ୍ତି। ପଖାଳ ଓ ଶୁଖୁଆ ଏହା ଅଧିକାଂଶ ଓଡିଆ ଘରର ଦିନବେଳା ଖାଦ୍ୟ ରୂପେ ଦଶନ୍ଧି ଦଶନ୍ଧି ଧରି ଲୋକପ୍ରିୟ ରହି ଆସିଛି। ଏହି ଅଂଚଳରୁ ଶୁଖୁଆ କାରବାର ବାର୍ଷିକ ୨୦୦ କୋଟିରୁ ୧୨୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଆୟ ହେଉଥିଲା ବେଳେ ଏଠାର ପ୍ରସ୍ତୁତି ଓ ମାଛର ହ୍ରାସ ଯୋଗୁଁ ଏଥିରେ ବ୍ୟତିକ୍ରମ ଦେଖା ଦେଇଛି। ଏ ଅଂଚଳରେ ହାଇଟେକ୍ ଶୁଖୁଆ ପ୍ରକ୍ରିୟାକରଣ ପାଇଁ କେତେକ ୟୁନିଟ୍ ସ୍ଥାପନା ହୋଇ ଖର୍ଚ୍ଚ ତୁଳନାରେ ଆୟ ଯଥେଷ୍ଟ କମ୍ ହେବାରୁ ବନ୍ଦ ହୋଇ ଯାଇଛି। ଇ-ପ୍ଲାଟଫର୍ମରେ ଅନଲାଇନ୍ ଶୁଖୁଆ ବିକ୍ରୀର ଉଦ୍ୟମ ମଧ୍ୟ ବେଳେ ବେଳେ କିଛି ଯୁବଉଦ୍ୟୋଗୀ କରିଛନ୍ତି, ହେଲେ ତାହା ଉପଯୁକ୍ତ ମାର୍କେଟିଂ ପ୍ରଚାର ପ୍ରସାର ଅଭାବରୁ ଆନୁସାଙ୍ଗିକ ଲାଭ ଦେଇ ପାରିନାହିଁ ବୋଲି କହନ୍ତି ଜଣେ ବ୍ୟବସାୟୀ, ଯିଏକି ପ୍ରାୟ ୮ ବର୍ଷ ହେଲା ଏ ଅଂଚଳରେ ମାଛ ଖାଦ୍ୟ, ଔଷଧ ଓ ଉପକରଣ ଯୋଗାଣ କରୁଛନ୍ତି।

ଜଣେ ମତ୍ସ୍ୟଜୀବୀ କହନ୍ତି ଯେ, ପୂର୍ବରୁ ଆମେମାନେ ମାସରେ ଅନ୍ତତଃ ୨୫ ଦିନ ଗଭୀର ସମୁଦ୍ରକୁ ଯାଇ ବେଶ ମାଛ ଧରିବାରେ ସକ୍ଷମ ହେଉଥିଲୁ, କିନ୍ତୁ ପରିବର୍ତ୍ତିତ ପରିସ୍ଥିତିରେ ସରକାରଙ୍କ ପକ୍ଷରୁ ବ୍ୟାପକ ନିଷେଧାଦେଶ ସହ ପାଗର ପରିବର୍ତ୍ତନ ଯୋଗୁଁ ଏହା ସମ୍ଭବ ହୋଇ ପାରୁନାହିଁ, ଫଳରେ ମାସର ଅଧିକାଂଶ ସମୟରେ ସମୁଦ୍ରରୁ ମାଛ ଧରିବା ସମ୍ଭବ ହେଉନାହିଁ ଓ ମାଛର ଉତ୍ପାଦନ ନମିଳିବା ଫଳରେ ଶୁଖୁଆ ଶିଳ୍ପ ମଧ୍ୟ ବ୍ୟାପକ ଭାବରେ ପ୍ରଭାବିତ ହେଉଛି। ଏବେ ଚାନ୍ଦିପୁର ସମୁଦ୍ରତଟ ଅନ୍ୟୁନ ୧୦ କି.ମି. ଦୂରକୁ ଚାଲିଯାଇଛି, ଯାହାକି ପୂର୍ବରୁ ପାଖରେ ଥିଲା। ଜଳବାୟୁ ପରିବର୍ତ୍ତନ ଯୋଗୁଁ ସମୁଦ୍ରର ସଂକୁଚିତ ହେବା ଓ ମତ୍ସ୍ୟ ଉତ୍ପାଦନ ବ୍ୟାପକ ରୂପେ ହ୍ରାସ ପାଇବା ମତ୍ସ୍ୟଜୀବି ପରିବାରକୁ ପ୍ରଭାବିତ କରୁଛି। ନିକଟରେ କିଛି ଦିନ କ୍ରମାଗତ ବର୍ଷା ଓ ବାତ୍ୟା ଦାନାର ପ୍ରଭାବ ଫଳରେ ମତ୍ସ୍ୟଜୀବି ମହିଳାମାନେ ପ୍ରସ୍ତୁତୀକରଣ କରୁଥିବା ଆନୁମାନିକ ୧୫ ଲକ୍ଷରୁ ଉର୍ଦ୍ଧ୍ୱଟଙ୍କାର ଶୁଖୁଆ ପ୍ରାୟତଃ ନଷ୍ଟ ହୋଇ ଯାଇଛି। କୂଳ ପାର୍ଶ୍ୱରେ ଅସ୍ଥାୟୀ କୁଡିଆରେ ପ୍ରକ୍ରିୟାକରଣ ହେବା ବେଳେ ଏପରି ପାଣିପାଗ ଓ ବାତ୍ୟା ହେବାରୁ ବହୁ ଶୁଖୁଆ ପ୍ରସ୍ତୁତକାରୀ ମହିଳା ଏଭଳି ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଥିବା ଜଣାଯାଇଛି। କାରଣ ହଠାତ୍ ବାତ୍ୟା ଆସିବା ଫଳରେ ଏହି ଅଧା ପ୍ରସ୍ତୁତ ହୋଇଥିବା ଶୁଖୁଆଗୁଡିକୁ ଅନ୍ୟତ୍ର ଶୁଖିଲା ସ୍ଥାନକୁ ସ୍ଥାନାନ୍ତର କରିବା ଓ ବାହନର ଉଚ୍ଚ ଭଡା ଓ ମିଳିବା ଯୋଗୁଁ ଏସବୁ ଶୁଖୁଆ ଅନ୍ୟତ୍ର ସ୍ଥାନାନ୍ତର ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନକରି ପାରିବା ଫଳରେ ଅନେକ ଶୁଖୁଆ ପ୍ରସ୍ତୁତକାରୀ ମହିଳାମାନେ ଏଭଳି ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଥିବା ଜଣାଯାଇଛି। ସେମାନେ କହନ୍ତି, ଆମେ ନିର୍ଦ୍ଦିଷ୍ଟ ବାତ୍ୟା ସମୟରେ ଗାଡି ନପାଇବା ବା ଯାହା ପାଇଲୁ ତାର ଭଡାହାର ଅତ୍ୟଧିକ ହେବା ଫଳରେ ଶୁଖୁଆକୁ ସ୍ଥାନାନ୍ତର କରିବାରେ ଅସମର୍ଥ ହୋଇଥିଲୁ, ଯାହାକି ବାତ୍ୟା ପରେ ସଂପୂର୍ଣ୍ଣ ନଷ୍ଟ ହୋଇ ଯାଇଥିଲା। ତେବେ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସରକାରଙ୍କୁ ମତ୍ସ୍ୟଜୀବିମାନଙ୍କ କ୍ଷୟକ୍ଷତି ସମ୍ପର୍କୀୟ ବିସ୍ତୃତ ରିପୋର୍ଟ ଦିଆଯାଇ ପାରିନାହିଁ। ତେବେ ଏ ସଂପର୍କରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଶ୍ରୀ ଜିତେନ୍ଦ୍ର କୁମାର ବେହେରା କହନ୍ତି, କାର୍ଯ୍ୟାଳୟରେ ଆବଶ୍ୟକ ସଂଖ୍ୟକ କର୍ମଚାରୀଙ୍କ ସଂଖ୍ୟା କମ୍ ଥିବାରୁ ପ୍ରତି ଅଂଚଳକୁ ଯାଇ କ୍ଷୟକ୍ଷତି ସର୍ଭେ କରିବା ସମ୍ଭବ ହେଉନାହିଁ। ଏଣୁ ଏ ବାବଦରେ ଯେକୌଣସି ଅଂଚଳରୁ ଏସବୁର ଖବର ମିଳିଲେ ତାହା ସରକାରଙ୍କୁ ପଠା ଯାଉଛି, ଯେଭଳି ସେମାନେ କିଛି ସରକାରୀ ସହାୟତା ପାଇ ପାରିବେ।

ମତ୍ସ୍ୟ ଉତ୍ପାଦନରେ ବ୍ୟାପକ ହ୍ରାସ ଶୁଖୁଆ ଉତ୍ପାଦନ ଉଦ୍ୟମକୁ ମଧ୍ୟ ବିଭିନ୍ନ ସ୍ତରରେ କ୍ଷତି କରିଛି, ଯାହା ପ୍ରଭାବରେ ଅନେକ ଶୁଖୁଆ ପ୍ରସ୍ତୁତକାରୀ ମହିଳା ଜୀବିକାର୍ଜନ ପାଇଁ ଅନ୍ୟ ବ୍ୟବସାୟରେ ମନ ଦେଉଛନ୍ତି, ଯଥା ମନରେଗା ଶ୍ରମିକ ଓ ଦିନ ମଜୁରିଆ, ବଡି, ମୁଢି ଶିଳ୍ପ ପ୍ରତି ପରିବର୍ତ୍ତନ ହେଉଛନ୍ତି। ଏମାନଙ୍କ ପରବର୍ତ୍ତୀ ପୀଢି ଶୁଖୁଆ ପ୍ରସ୍ତୁତିରେ ଆଦୌ ମନ ଦେଉନାହାନ୍ତି କାରଣ ପରିବାରର ଆଗାମୀ ପୀଢିମାନେ ପାଠପଢା ସାରି ଚାକିରି, ବ୍ୟବସାୟରେ ଅଧିକ ମନଧ୍ୟାନ ଦେଉଛନ୍ତି। ଫଳରେ ପରିବାରର କୌଳିକ ବୃତ୍ତି ଶୁଖୁଆ ପ୍ରସ୍ତୁତି ଏବେ ବ୍ୟାପକ ଭାବରେ ହ୍ରାସ ହୋଇଚାଲିଛି ବୋଲି ମତ୍ସ୍ୟ ଖାଦ୍ୟ ଯୋଗାଣକାରୀ ତପନ ମହାପାତ୍ର କହନ୍ତି। ବାଲେଶ୍ୱରର ବଳରାମଗଡି, କଷାଫଳ, ବାହାନଗା, କଳମା ଓ ଦୀଘା ପର୍ଯ୍ୟନ୍ତ ଶୁଖୁଆ ପ୍ରସ୍ତୁତକାରୀମାନେ ଏମାନଙ୍କର ଜୀବିକା ଆହରଣ କରୁଥିଲେ ହେଁ ଏବେ ଏହା ବିଭିନ୍ନ ସ୍ତରରେ ପ୍ରତିବନ୍ଧକ ହେଉଛି। ପାଗ ପରିବର୍ତ୍ତନ ଠାରୁ ଅନ୍ୟ କାରଣ ପର୍ଯ୍ୟନ୍ତ ଫଳରେ କିଛି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଏହି ଶିଳ୍ପର ଅଭିବୃଦ୍ଧି କରିବାର ଉଦ୍ୟମ ଚଳାଇଛନ୍ତି। ଏହିଭଳି ଏକ ଗୋଷ୍ଠୀ ମା' ମଙ୍ଗଳା ସ୍ୱୟଂ ସହାୟିକା ସଂଘ ଜରିଆରେ ୯୦ଜଣ ମହିଳାଙ୍କୁ ନେଇ ଶୁଖୁଆ ପ୍ରସ୍ତୁତି ଉଦ୍ୟମ ଚଳାଇଛନ୍ତି। ଏମାନେ ହାରାହାରି ୫୦୦୦ ଟଙ୍କାରୁ ୨୫୦୦୦ ଟଙ୍କା ପର୍ଯ୍ୟନ୍ତ ମାସିକ ଆୟ କରୁଛନ୍ତି ବୋଲି ଏହି ଗୋଷ୍ଠୀର ମହିଳା ସଦସ୍ୟ ଉମାରାଣୀ, ବାସନ୍ତୀ ଲକ୍ଷ୍ମୀ, ମାଳତୀ ପ୍ରଭୃତି ମତ ଦିଅନ୍ତି। ଏମାନେ ହାଇଟେକ୍ ସୋଲାର ଶୁଖୁଆ ପ୍ଲାଣ୍ଟ ଜରିଆରେ ଏହା ଉତ୍ପାଦନ କରିବାକୁ ଭବିଷ୍ୟତରେ ଯୋଜନା କରିଛନ୍ତି। ସାମୁଦ୍ରିକ ଓ ମତ୍ସ୍ୟବିଜ୍ଞାନ ଅଧ୍ୟୟନ କେନ୍ଦ୍ର ଜରିଆରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଚାନ୍ଦିପୁର ବେଳାଭୂମି ଓ ସମୁଦ୍ର ସଂପର୍କରେ ଅଧ୍ୟୟନ ଚଳାଇଥିବା ସହକାରୀ ପ୍ରାଧ୍ୟାପିକା ଡଃ. ସ୍ମୃତିରେଖା ସାହୁ କହନ୍ତି, ଏ ଅଂଚଳରେ ମାଛର ଯଥେଷ୍ଟ ଉତ୍ସ ରହିଛି କିନ୍ତୁ ଜଳବାୟୁ ପରିବର୍ତ୍ତନରେ ବେଳାଭୂମି ଓ ସମୁଦ୍ରର ସଂକୋଚନ, ସାମୁଦ୍ରିକ ବର୍ଜ୍ୟବସ୍ତୁର କୁଢ କୁଢ ହୋଇ ଅବରୋଧ, ଯାହାକି ପ୍ଲାଷ୍ଟିକ, ପଲିଥିନ୍ ପରି ଅନ୍ୟାନ୍ୟ ନଷ୍ଟ ଦ୍ରବ୍ୟରୁ ପାହାଡ ଭଳି ଜମା ହେଉଛି, ତାହା ଦୂର କରିବା ନିମନ୍ତେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାତୀୟ ସାମୁଦ୍ରିକ ଦିବସ ପାଳନ ଜରିଆରେ ସଚେତନତା ସୃଷ୍ଟି କରି ବେଳାଭୂମିକୁ ପରିଷ୍କାର ପରିଚ୍ଛନ୍ନ କରିବା ସକାଶେ ଅନେକ କାର୍ଯ୍ୟକ୍ରମ କରାଯାଇଛି, ମାତ୍ର ଏଥିରେ ଆହୁରି ଅନେକ କିଛି କରାଯିବାର ଆବଶ୍ୟକତା ରହିଛି। ତେବେ ଶୁଖୁଆ ପ୍ରସ୍ତୁତିରେ ଏଭଳି ନାନା ଅସୁବିଧା ଓ ପରିବେଶରେ ବ୍ୟତିକ୍ରମ ଫଳରେ ଶୁଖୁଆ ଶିଳ୍ପ ଏକ ପ୍ରକାର ପତନମୁଖୀ। ତେବେ ଏହାକୁ ଖଣ୍ଡନ କରି ମାଛଶିଳ୍ପଉଦ୍ୟୋଗୀ କ୍ୟାପ୍ଟେନ୍ ହରେନ୍ ମହାପାତ୍ର କହିଛନ୍ତି ଏବେ ସବୁ ଶିଳ୍ପ ଭଳି ଶୁଖୁଆ ଶିଳ୍ପ ମଧ୍ୟ ଆଉ ପାରମ୍ପରିକ ପଦ୍ଧତିରେ ପ୍ରସ୍ତୁତ ହେବା ବଦଳରେ ଅତ୍ୟାଧୁନିକ ଯାନ୍ତ୍ରିକ କୌଶଳ ଯଥା, ହାଇଟେକ୍ ସୋଲାର ପ୍ୟାନେଲ ପ୍ଲାଟଫର୍ମ ଓ ଅନ୍ୟାନ୍ୟ ଶୁଷ୍କୀକରଣ ପଦ୍ଧତି ଦ୍ୱାରା ପରିଚାଳନା ହେବାର ସମୟ ଆସିଛି। ଏଣୁ ଭବିଷ୍ୟତରେ ଶୁଖୁଆ ମତ୍ସ୍ୟଜୀବିମାନଙ୍କ ଏକ ପାରମ୍ପରିକ ଶିଳ୍ପ ବଦଳରେ ଅତ୍ୟାଧୁନିକ କଳାକୌଶଳରେ ପ୍ରସ୍ତୁତ ହେବାର ସମୟ ଆସିଛି, ଯାହାକି ଏହିସବୁ ପରିବାର ପୋଷଣ କରୁଥିବା ମହିଳାଙ୍କ ବୃତ୍ତିକୁ ପରିବର୍ତ୍ତନ କରି ଉଚ୍ଚ କ୍ଷମତା ସମ୍ପନ୍ନ ଶୁଖୁଆ ପ୍ରକ୍ରିୟାକରଣ ଶିଳ୍ପର ଅଭିବୃଦ୍ଧି ଘଟାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ହେବ। ଏଣୁ ଶୁଖୁଆ ଶିଳ୍ପ ଏବେ ପାରମ୍ପାରିକତାରୁ ଅତ୍ୟାଧୁନିକତା ଆଡକୁ ମୁହାଁଉଛି କହିଲେ ଅତ୍ୟୁକ୍ତି ହେବ ନାହିଁ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ସମ୍ପର୍କ ନୁହେଁ ବାଲିଘର



ଅଧ୍ୟାପିକା ବସନ୍ତ ମଞ୍ଜରୀ ମିଶ୍ର



କଥାରେ ଟିକେ ଲଗାମ ଦେ..... କଣ ଏମିତି ଯାତ୍ତୁ ସ୍ୟାତ୍ତୁ ଗପିଯାଉଛୁ । ତୁ ବୋଧେ ଭୁଲି ଯାଉଛୁ ଉର୍ମି, ଯେଉଁମାନଙ୍କ ନାଁରେ ତୁ ଏମିତି ଅନର୍ଗଳ ଅଭିଯୋଗ କରିଚାଲିଛୁ, ସେମାନେ ତୋ ବାପା ମା' ଓ ଭାଇ ଭଉଣୀ । ମଥାରେ ସିନ୍ଦୁର ଓ ହାତରେ ଶଙ୍ଖା ପିନ୍ଧି ଯେଉଁ ଘରକୁ ତୁ ବୋହୂ ହୋଇଯାଇଛୁ ଏଠୁ ଏଣିକି ସେମାନେ ତୋର ସବୁ କିଛି । ଟିକେ ମଥାପତି ତାଙ୍କର ଆଦେଶ ଉପଦେଶକୁ ମାନିନେଲେ ତୁ ହୋଇଯିବୁ ସୁନା ବୋହୂ । ଏକା ନିଃଶ୍ୱାସରେ ଏତେ ଗୁଡ଼ିଏ କଥା କହିଗଲେ ସୁମତି ଦେବି ।

ଆଉ କିଛି ଉତ୍ତର ନଦେଇ ଫୋନ୍‌ଟା କାଟିଦେଲା ଉର୍ମି, ତାଙ୍କର ଏକ ମାତ୍ର ଅଲିଅଳି ଝିଅ । ଏଇ ଦୁଇ ମାସ ତଳେ ସେ ବାହା ହୋଇଛି । ସଂସାର ନାଆରେ ପାଦ ଦେଉ ଦେଉ ପାଦ ତାର ବାରମ୍ବାର ଖସିଯାଉଛି । ନୂଆ ଲୋକ ଆଉ ନୂଆ ପରିବାର ସହ ଖାପ ଖୁଏଇ ଚଳିବାକୁ ଟିକେ ଅସୁବିଧା ହେଉଛି । ଆଉ ସେଇ ଅଡୁଆ ଭିତରେ ସମାଧାନର ସୂତ୍ର ପାଇବାକୁ ସେ ବାରମ୍ବାର ତା ମମି ସୁମତି ଦେବିଙ୍କୁ ଫୋନ୍ କରୁଛି ।

କିନ୍ତୁ ସୁମତି ଦେବି ଭଲ ଭାବରେ ବୁଝି ଯାଇଛନ୍ତି ଯେ, ଉର୍ମିର ବୈବାହିକ ଜୀବନର ନୌକାକୁ ତା ଗନ୍ତବ୍ୟ ପଥରେ ବାହି ନେବାକୁ ହେଲେ, ମା' ହିସାବରେ ତାଙ୍କୁ ତାଗିଦ କରିବାକୁ ପଡିବ । ମନର ସବୁ କୋହକୁ ଚପି ରଖି ନଡ଼ିଆ ଭଳି କଠୋର ହେବାକୁ ପଡିବ ।

କାଲି ପରି ଲାଗୁଛି, ପ୍ରଥମ କରି ତାଙ୍କୁ ମାତୃତ୍ୱ ହେବାର ଗୌରବ ଆଣି ଦେଇଥିଲା, ଉର୍ମି । ଉର୍ମି ଜନ୍ମ ହେବାପରେ ଖୁସିରେ ଆତ୍ମ ବିଭୋର ହୋଇଯାଉଥିଲେ ସ୍ୱାମୀ ଅବିନାଶ ବାବୁ । ଆମ ଘରକୁ ଲକ୍ଷ୍ମୀ ଆସିଛି କହି ଚାରିଆଡେ ମିଠା ବାଣ୍ଟିଥିଲେ । ହସ୍ପିଟାଲ ବେଡ୍‌ରେ ଥିବା ସୁମତିଙ୍କ ହାତ ଦୁଇଟିକୁ ଚପି ଧରି କହିଥିଲେ- 'ଅନେକ ଅନେକ ଧନ୍ୟବାଦ ସୁମତି ଆଜି ମୁଁ ବାପା ହୋଇଗଲି ।'

ଏଇ ଭିତରେ ସମୟ ବଦଳି ଯାଇଛି । ତାଙ୍କ ପରିବାରର ସେଇ ଚପଳମତି ଝିଅ ଆଜି ଚୌଧୁରୀ ବଂଶର ବୋହୂ । ବାହାଘର ପରଦିନ ଝିଅ ବିଦା ବେଳେ ତାଙ୍କୁ ଲାଗୁଥିଲା ଯେମିତି ସେ ତାଙ୍କ ଛାତିରୁ କଲିଜାଟା କାଢି ଆଉ କାହାକୁ ଦାନ କରିଦେଉଛନ୍ତି ।

ସାଇପଡିଶା ସ୍ୱାମୀ ଯେତେ ବୁଝେଇଲେ ବି ଆଖିରୁ ଲୁହଧାର ଶୁଖୁ ନଥିଲା । ତାଙ୍କର ଦଶ ମାସ ଦଶ ଦିନ ଗର୍ଭରେ ଧରି ଏଡିକିରୁ ଏତୁଟିଏ କରିଥିବା ବାପା ମା' କେମିତି କେଜାଣି ମାତ୍ର କେଇ ମୁହୂର୍ତ୍ତରେ ବ୍ରାହ୍ମଣର ମନ୍ତ୍ର ପାଠ ଭିତରେ ଟୋପାଏ ସିନ୍ଦୁର ଆଉ ଦୁଇପଟ ଶଙ୍ଖା ପାଇଁ ସବୁଦିନ ପାଇଁ ପର ହୋଇଯାନ୍ତି ଏକଥା ଭାବୁଥିଲେ ସେ ।

ସ୍ୱାମୀ ଅବିନାଶ ଘର ଭିତରକୁ ପଶି ଆସୁ ଆସୁ ସୁମତିଙ୍କର ଲୁହ ଭିଜା ଆଖି ଦି'ଟାକୁ ଦେଖି ପକାଇ ପ୍ରଶ୍ନ କଲେ- ଉର୍ମି ଫୋନ୍ କରିଥିଲାକି ତୁମକୁ ?

- ହଁ.... କହୁଥିଲା ସେ ସେଠି ଖାପ ଖୁଏଇ ଚଳି ପାରୁନି । ତା ଶାଶୁଘର ଲୋକମାନଙ୍କ ମାନସିକତା ସହ ସେ ସାଲିସ କରିପାରୁନି କାନ୍ଦି କାନ୍ଦି କହୁଥଲା - 'ମୁଁ ତୁମ ପାଖକୁ ଯିବି ମମି' ।

ଟିକେ ରହି ଅବିନାଶ କହିଲେ- ଏସବୁ ଆଜିକାଲିର ଅତି ସାଧାରଣ କଥା । ଧୀରେ ଧୀରେ ସବୁ ଠିକ୍ ହୋଇଯିବ । ବର୍ତ୍ତମାନର ଯୁବ ପିଢ଼ି ଆଉ ଆମ ପିଢ଼ି ଭିତରେ ବଡ ମତଭେଦ ରହିଯାଉଛି । ଏ କଥା ଉଭୟଙ୍କୁ ବୁଝିବା ଦରକାର । ସମୟ ହିଁ ଧୀରେ ଧୀରେ ସବୁ ଠିକ୍ କରିଦେବ ।

ସୁମତିଙ୍କ ମନକୁ ଟିକେ ହାଲୁକା କରିବାକୁ ଯାଇ କହିଲେ- ଚାଲ ଟିକେ ପାର୍କ ଆଡୁ ବୁଲି ଆସିବା ।

ପାର୍କରେ ପହଞ୍ଚି ପଡିଶା ଘର ମଞ୍ଜୁ ଦେବି ଓ ତାଙ୍କ ଝିଅ ଅଞ୍ଜଳିକୁ ଦେଖି ଖୁସି ହୋଇଗଲେ ସୁମତି । ଅଞ୍ଜଳି ଓ ତାଙ୍କ ଝିଅ ଉର୍ମି ଘନିଷ୍ଠ ସାଙ୍ଗ । ତେଣୁ ଅଞ୍ଜଳିକୁ ବହୁତ ଭଲପାନ୍ତି ସୁମତି ଦେବି ।

ଅଞ୍ଜଳି ଆଡକୁ ଚାହିଁ ମଞ୍ଜୁ ଦେବିଙ୍କୁ ପଚାରିଲେ- ଇଏ କେବେଠୁ ଆସିଛି ? ତା ଶାଶୁ ଘରେ ସବୁ ଭଲ ତ ?

ତାଙ୍କ ପାଟିରୁ କଥା ଛଡ଼େଇ ନେଇ ମଞ୍ଜୁ ଦେବି କହିଲେ- ନିହାତି ବାଜେ ଲୋକ ଗୁଡ଼ାକ । ସବୁବେଳେ ମୋ' ଝିଅକୁ ଖଟାଉଛନ୍ତି । ଝିଅ ମୋର କାମ କରି କରି ଦୁର୍ବଳ ହୋଇଗଲାଣି । ପ୍ରାୟ ଦୁଇ ମାସ ହେବ ତାକୁ ଆଣି ମୁଁ ମୋ ପାଖରେ ରଖିଛି ।

ସ୍ମିତ ହସି ସ୍ୱଗତକ୍ତି କଲେ ସୁମତି । ଏଇଟା ଆଦୌ ଭଲ କଥା ନୁହେଁ । ବାହାଘର ପରେ ଝିଅକୁ ଆଣି ପାଖରେ ରଖିବ, ଆଉ ତା ସାମ୍ନାରେ ତା ଶାଶୁଘର ଲୋକଙ୍କୁ ନିହାତି ବାଜେ ଲୋକ କହିବା ଆଦୌ ଠିକ୍ କଥା ନୁହେଁ । ଏହା ଆମର ପରମ୍ପରା ନୁହେଁ । କିନ୍ତୁ ମୁହଁ ସାମ୍ନାରେ କିଛି ଯୁକ୍ତି ନକରି ଚାଲି ଆସିଲେ ସେ ।

ଯା ଭିତରେ ଦୁଇ ବର୍ଷ ବିତିଯାଇଛି । ଉର୍ମି ଏବେ ଏକ ପୁତ୍ର ସନ୍ତାନର ଜନନୀ । ସମୟ ଗଡି ଚାଲିବା ସହିତ ସୁଖୀ ଦାମ୍ପତ୍ୟ ଜୀବନର ମୂଳ ମନ୍ତ୍ର ବୋଧେ ଶିଖି ଯାଇଥିଲା ଉର୍ମି । ଆଉ ଆଗଭଳି କଥା କଥାକେ ଫୋନ୍ କରୁନଥିଲା ।

ନିଜ ସଂସାର ଜଞ୍ଜାଳରେ ବୁଡି ରହୁଥିଲା ସେ । ଧୀରେ ଧୀରେ ଦାୟିତ୍ୱବୋଧ ବଢ଼ି ଯାଇଥିଲା ତାର । ମଝିରେ ମଝିରେ ସ୍ୱାମୀ ଓ ପୁଅଙ୍କୁ ନେଇ ବୁଲି ଆସୁଥିଲା ସେ । ଉଭୟ ସ୍ୱାମୀ ସ୍ତ୍ରୀଙ୍କର ହାବ ଭାବ ଦେଖି ସୁମତି ଦେବି ବେଶ୍ ଅନୁମାନ କରିପାରୁଥିଲେ ଉର୍ମିର ସୁଖୀ ଦାମ୍ପତ୍ୟ ଜୀବନକୁ ।

ସେଦିନ ହଠାତ୍ ଉର୍ମି ଓ ଜ୍ୱାଇଁ ଆସି ପହଞ୍ଚିଗଲେ । ଘର ଭିତରକୁ ପଶୁ ପଶୁ ସୁମତି ଦେବିଙ୍କୁ ଚାହିଁ କହିଲା- ମମି ତୁମେ ଜଲ୍‌ଦି ବାହାରିପଡ଼ । ଆଜି ଆମେ ସମସ୍ତେ ମିଶି ବାଲି ହରଚଣ୍ଡୀ ଦର୍ଶନ କରିବାକୁ ଯିବା ।

ମନ୍ଦିରରେ ପୂଜାର୍ଚ୍ଚନା ସାରି ବାହାରକୁ ଆସୁ ଆସୁ ହଠାତ୍ ଉର୍ମିର ଆଖି ପଡିଲା ତା ପ୍ରିୟ ବାନ୍ଧବୀ ଅଞ୍ଜଳି ଓ ମଞ୍ଜୁ ମାଉସୀଙ୍କ ଉପରେ । ଦୌଡିଯାଇ କୁଣ୍ଢେଇ ପକେଇଲା ଅଞ୍ଜଳିକୁ । କେମିତି ଅଛୁ ଅଞ୍ଜଳି ?

କିଛି ବି ଭଲନାହିଁ ଲୋ ଉର୍ମି କହି କାନ୍ଦି ପକେଇଲା ଅଞ୍ଜଳି । ମୋର ବିବାହ ବିଚ୍ଛେଦ ହୋଇଯାଇଛି । ମୁଁ ଏବେ ଆମ ଘରେ ରହୁଛି । ମୋ ଶାଶୁ ଘର ଲୋକଙ୍କ ସହ ଚଳିପାରିଲିନି । କଥା କଥାରେ ଝଗଡ଼ା ହେଲା । ବାଧ୍ୟ ହୋଇ ଆମେ ଅଲଗା ହୋଇଗଲୁ । ଯାଙ୍କର ବି ସବୁ ପରାମର୍ଶ ତାଙ୍କ ମା' ହିଁ ଦିଅନ୍ତି ।

ବିଫଳ ବୈବାହିକ ଜୀବନ ବର୍ଣ୍ଣନା କରୁ କରୁ ଉର୍ମି ଓ ତା ପୁଅ ଆଡକୁ ଚାହୁଁଥିଲା କିଂକର୍ତ୍ତବ୍ୟମୁଢ ଭାବରେ । ଆଖିର ଲୁହ ଆଉ ମନର କୋହକୁ ଯେତେ ଲୁଚେଇବାକୁ ଚେଷ୍ଟା କଲେବି ପ୍ରିୟ ବାନ୍ଧବୀର ଅତ୍ମୀୟତା ଆଗରେ ଅମାନିଆ ହୋଇ ଝରି ପଡୁଥିଲା ଲୁହ ବିନ୍ଦୁ ଗୁଡିକ ।

ଅଳ୍ପ ଦୂରରେ ଠିଆ ହୋଇ ସବୁ ଶୁଣୁ ଥିଲେ ସୁମତି ଦେବି । ମନରେ ତାଙ୍କର ଉଙ୍କି ମାରୁଥିଲା ଅନେକ ଅକୁହା ପ୍ରଶ୍ନ । ଅଞ୍ଜଳି ଭଳି ଝିଅମାନଙ୍କର ବୈବାହିକ ଜୀବନର ବିଫଳତା ପଛରେ ମଞ୍ଜୁ ଦେବି ଭଳି ମା' ମାନଙ୍କର ଯେ କେତେ ବଡ଼ ଭୂମିକା ରହୁଛି ଜଣେ ନାରୀ ହୋଇବି ଏକଥା ପ୍ରତିଟି ମା' ବୁଝି ପାରୁ ନାହାନ୍ତି କେମିତି ! ସ୍ନେହ ମମତାର ଆଳ ଦେଖାଇ ନିଜ ଝିଅର ପ୍ରତ୍ୟେକଟି ଭୁଲ୍‌କୁ ପ୍ରଶ୍ରୟ ଦେଇ ତା ବୈବାହିକ ଜୀବନକୁ ସବୁଦିନ ପାଇଁ ଅନ୍ଧକାରାଚ୍ଛନ୍ନ କରିଦେବ କେମିତି ଜଣେ ମା'ର ମମତା ହୋଇପାରେ ଏଇଆ ଭାବୁଥିଲେ ସେ ।

ଗାଡ଼ି ଷ୍ଟାର୍ଟ କରୁ କରୁ ଜ୍ୱାଇଁ ଉମେଶ ଶ୍ୱଶୁର ଅବିନାଶ ବାବୁଙ୍କୁ ଚାହିଁ କହୁଥିଲେ- ଗାଡ଼ିରେ ବସନ୍ତୁ ବାପା । ଫେରିବା ଏଥର । ଆପଣଙ୍କୁ ଘରେ ଛାଡି ଆମକୁ ଫେରିବାକୁ ହେବ। ଆମକୁ ସମସ୍ତେ ଅପେକ୍ଷା କରିଥିବେ । ଆମେ ପହଞ୍ଚିଲା ପରେ ହିଁ ସମସ୍ତେ ଏକାଠି ରାତ୍ରି ଭୋଜନ କରିବୁ ।

*ତାଳଚେର ଥର୍ମାଲ*
*ମୋ: ୯୮୬୧୧୯୨୪୪୫*

# ପାଇଛୁ... ପଢ଼ିଛୁ...

## ଅନୁଭୂତି ଓ ଆତ୍ମଲିପି




ପ୍ରକାଶ ପାଇଛି ସୁଦର୍ଶନ ନାୟକଙ୍କ ଆତ୍ମଜୀବନୀ ପୁସ୍ତକ 'ଅନୁଭୂତି ଓ ଆତ୍ମଲିପି' । ଏହି ପୁସ୍ତକରେ ଶ୍ରୀ ନାୟକ ଅତ୍ୟନ୍ତ ନିଷ୍ଠାର ସହ ନିଜ ପିଲାବେଳୁ ଅନୁଭବ କରିଥିବା ଏବଂ ଭୋଗିଥିବା ଘଟଣା ସବୁକୁ ସ୍ମୃତିର ଅତଳ ଗର୍ଭରୁ ସାଉଁଟି ଆଣି ପାଠକଙ୍କ ସାମନାରେ ଉପସ୍ଥାପନା କରିଛନ୍ତି। ସେ ଖୁବ୍ ସୁନ୍ଦର ଭାବେ ଘଟଣା ସମୂହର ବର୍ଣ୍ଣନା କରିଛନ୍ତି ଯାହା ପାଠକଙ୍କୁ ଭାବଗର୍ଭକ ଏବଂ ଆନନ୍ଦଦାୟକ ମନେ ହେବ। ଏହି ଆତ୍ମଜୀବନୀଟି ପଢିଲେ ଲାଗିବ ସତେ ଯେମିତି ପାଠକ ପିଲାଦିନକୁ ଫେରି ଯାଇଛନ୍ତି। ସେଇଠି ନିଜକୁ ସେ ଆବିଷ୍କାର କରୁଛନ୍ତି ବାଲ୍ୟ ଅବସ୍ଥାରେ ସ୍କୁଲ ଯିବା ଭୟରେ ମାଟୁ ଉପରେ ଲୁଚି ଜେଜୀମାଆର ଆଚାର ଓ ଘିଅ ଖାଉଥିବା ମଧୁର ସମୟକୁ। ଧୀରେ ଧୀରେ ଲେଖକ ବଡ଼ ହୋଇଛନ୍ତି । ପିଲାଦିନ, ଚାକିରି ଜୀବନ, ବୈବାହିକ ଜୀବନ, ଅବସର ଜୀବନକୁ ନେଇ ଖୁବ୍ ସୂକ୍ଷ୍ମ ଭାବେ ଅନୁଶୀଳନ କରି ସେ ପାହାଚ ପରେ ପାହାଚ ସଜାଡି ଲେଖିଛନ୍ତି। ସେ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟରୁ ଆଇନରେ ସ୍ନାତକ ଏବଂ ଟିକସ ଆଇନରେ ଡିପ୍ଲୋମା ସହିତ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଆଇନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ସଚିବାଳୟ ଆଇନ ବିଭାଗରେ ତାଙ୍କର ଚାକିରି ଜୀବନ ଆରମ୍ଭ କରି ସେହି ବିଭାଗର ଶାସନ ଯୁଗ୍ମ ସଚିବ ପଦବୀକୁ ପଦୋନ୍ନତି ପାଇଥିଲେ। ଆଇନ ସେବାରୁ ସେ ଭାରତୀୟ ପ୍ରଶାସନିକ ସେବାକୁ ପଦୋନ୍ନତି ପାଇଥିଲେ। ଆଇନ ବିଭାଗରେ ସେ ଯେପରି ନିଷ୍ଠାର ସହ କାର୍ଯ୍ୟ କରୁଥିଲେ ଜିଲ୍ଲାପାଳ ହେଲା ପରେ ମଧ୍ୟ ସେହିପରି ଲୋକ ହିତକର କାର୍ଯ୍ୟମାନ ହାତକୁ ନେଇ ତାକୁ ସଂପନ୍ନ କରୁଥିଲେ। ଆଇନ ସେବାରୁ ଭାରତୀୟ ପ୍ରଶାସନିକ ପଦୋନ୍ନତି ପାଇବାରେ ସେ ହେଉଛନ୍ତି ଦେଶରେ ପ୍ରଥମ ବ୍ୟକ୍ତି। ନିଜର ଜ୍ଞାନ, ଦକ୍ଷତା, ନିଷ୍ଠାପରତା, କର୍ମକୁଶଳତା ପାଇଁ ସେ ସବୁ ମହଲରେ ଉଚ୍ଚପ୍ରଶଂସିତ ହୋଇଛନ୍ତି। ପ୍ରତି କାର୍ଯ୍ୟରେ ଯଦିଓ ସେ ପ୍ରଥମେ ବିରୋଧର ସମ୍ମୁଖୀନ ହୋଇଛନ୍ତି ଏବଂ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସହ ତାଙ୍କ ସଂପର୍କ ତିକ୍ତ ହୋଇଛି ମାତ୍ର ଗୁଣ ଚିହ୍ନେ ଗୁଣିଆ ପରି ତାଙ୍କର କାର୍ଯ୍ୟକଳାପ ପରବର୍ତ୍ତୀ ସମୟରେ ସେହିମାନଙ୍କୁ ପ୍ରଭାବିତ କରିଛି ଓ ସେମାନେ ତାଙ୍କୁ ବୁଝିବାରେ ସକ୍ଷମ ହୋଇଛନ୍ତି। ସୁଦର୍ଶନ ସାଧାରଣ ଜନତା କିପରି ସୁଖଶାନ୍ତିରେ ରହିବେ ସେହି ଚିନ୍ତା ସବୁବେଳେ କରିଆସିଛନ୍ତି ଏବଂ ସେହି ଅନୁସାରେ କାମ କରୁଥିଲେ। ବିନା କାମରେ ସରକାରୀ ତହବିଲରୁ ଖର୍ଚ୍ଚ କରୁଥିବା ଟଙ୍କା ଉପରେ ରୋକ ଲଗାଇ ଅନେକ ସ୍ୱାର୍ଥନ୍ୱେଷୀଙ୍କ ରୋଷର ଶିକାର ହୋଇଛନ୍ତି। ଜିଲ୍ଲାପାଳ ହେଲାପରେ ଗାଁ ଗାଁ ବୁଲି ଲୋକଙ୍କ ସୁବିଧା ସୁଯୋଗ ଉପରେ ଧ୍ୟାନ ଦେଇ ଅନେକ ଜନହିତକର କାର୍ଯ୍ୟକ୍ରମର ଧାରା ଆରମ୍ଭ କରିଛନ୍ତି। ମାତୃଭୂମିର ଜଣେ ଉପଯୁକ୍ତ ଦାୟାଦ ହିସାବରେ ତାଙ୍କର ପଟାନ୍ତର ନାହିଁ। ତାଙ୍କୁ ପାଇ ଦେଶ ନିଶ୍ଚିତ ଭାବେ ଗର୍ବିତ। ବହିଟି ପାଠ କଲେ ତାଙ୍କ ନିଷ୍କପଟ ସ୍ୱୀକାରୋକ୍ତି ଅନ୍ୟମାନଙ୍କୁ ପ୍ରେରିତ କରିବ। ବନ୍ଧୁଘର ସାହିତ୍ୟ ପିଣ୍ଡା ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ୧୭୬ ପୃଷ୍ଠାର ଏହି ବହିଟିର ମୂଲ୍ୟ ରହିଛି ମାତ୍ର ୨୦୦ ଟଙ୍କା।

## ସମାରୋହ




ବଜାରରେ ଏବେ ଉପଲବ୍ଧ ହେଉଛି ପୂଜା ସମାରୋହ। ପୂଜା ସଂଖ୍ୟା ସବୁଥର ପରି ଏଥର ମଧ୍ୟ ବେଶ୍ ସମୃଦ୍ଧ ହୋଇଛି। ଏହି ସଂଖ୍ୟାରେ ପ୍ରବନ୍ଧରେ ଅଛନ୍ତି ଡ.ସୁଚେତା ରାଉତ, ଡ.ଜୀବନ କୃଷ୍ଣ ମହାପାତ୍ର, ଦେବଯାନୀ ରାୟ, ଡ.ରମାକାନ୍ତ ରାଉତ, ଶକୁନ୍ତଳା ବଳିଆରସିଂହ, ଡାଃ ସୁରେନ୍ଦ୍ରନାଥ ପତି ପ୍ରମୁଖ। ଅନୁବାଦ ଉପନ୍ୟାସରେ ଅଛନ୍ତି-ସୁପ୍ରଭା ରାୟ। କଥା ଓ କାହାଣୀରେ ଅଛନ୍ତି କୃପାସାଗର ସାହୁ, ଶାନ୍ତନୁ ବେଜ୍, ରଂଜନ କୁମାର ଦାସ, ସୁଜାତା ମହାପାତ୍ର, ଇନ୍ଦିରା ଦାଶ, କ୍ଷୀରୋଦ ଦାସ, କମଳ ପ୍ରସାଦ ମହାପାତ୍ର ପ୍ରମୁଖ। କବିତାରେ ଅଛନ୍ତି ଅମରେଶ ପଟ୍ଟନାୟକ, ଅଶ୍ୱିନୀ କୁମାର ମିଶ୍ର, ସୌଭାଗ୍ୟବନ୍ତ ମହାରଣା, କୃଷ୍ଣ ମିଶ୍ର, ଭାରତ ମାଝି, ରମେଶ ପତି, ପିନାକୀ ମିଶ୍ର ଏବଂ ଆହୁରି ଅନେକ। ଏକାଙ୍କିକା ଲେଖିଛନ୍ତି ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକ। ରମ୍ୟରଚନାରେ ଅଛନ୍ତି ରାଧାଶ୍ୟାମ ରାଉଳ, ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ। ସେହିପରି ନିୟମିତ ବିଭାଗରେ ଅଛି ତନ୍ମାତ୍ର, ଖେଳ ଓ ଖେଳାଳୀ, ଜ୍ୟୋତିଷ ବିଚାର ଏବଂ ମାସିକ ରାଶିଫଳ। ଶୈଳରାଣୀ ମିଶ୍ରଙ୍କ ସଂପାଦନାରେ ପ୍ରକାଶ ପାଇଥିବା ୩୭୩ ପୃଷ୍ଠାର ଏହି ପତ୍ରିକାର ମୂଲ୍ୟ ରହିଛି ମାତ୍ର ୧୦୦ ଟଙ୍କା।

## ନିଝୁମ ରାତିର ସାଥୀ

*ନଳିନୀ ଦାଶ*

ଜୀବନ ନାଟକେ ତୁମେ ମୋ ନାୟିକା
ମଧୁଝରା ମଧୁମତୀ
ହୃଦୟ ବୀଣାର ଝଙ୍କାର ତୁମେଗୋ
ଜୀବନର ମଧୁ ଗୀତି
ହୃଦ ସିଂହାସନେ ସାଜିଅଛ ରାଣୀ
ମୋ ମନ ମାନସୀ ପ୍ରୀତି
ପ୍ରିୟତମା ତୁମେ ଶୀତ ସକାଳର
କଁଅଳ ଖରାର ତାତି
ତୁମେ ଗୋ ରୂପସୀ ମୋ ମନ ମାନସୀ
ରାତିର ରଜନୀଗନ୍ଧା
ସାଜିଛ ଗୋ ପ୍ରିୟା ମନ ଉପବନେ
ସୁକୁମାରୀ ନିଶିଗନ୍ଧା
ପ୍ରେୟସୀ ଗୋ ମୋର ତୁମେ ସୁଲଳିତ
ସଙ୍ଗୀତର ମିଠା ବଂଶୀ
ନିଝୁମ ରାତିର ସାଥୀଟିଏ ତୁମେ
ସପନର ରାଜହଂସୀ
ଓଠ ଦିଶେ ସଜ ଗୋଲାପ କଢ଼ିଟେ
ଚେହେରାଟି ପାରିଜାତ
ହରିଣୀ ଚାଲିରେ ମନ କିଣିନିଏ
ଚାହାଁଣୀଟା ପଞ୍ଚାମୃତ
ଲାଜେ ଲାଜେ ଗୋରି ଦିଶୁଛ ସୁନ୍ଦରୀ
ସରଗର ଅପସରୀ
ଶାମୁକା ଭିତରେ ମୁକ୍ତାଟିଏ ତୁମେ
ସପନ ରାଇଜ ପରୀ
ମନ ଆକାଶରେ ହସି ଉଠୁଥିବା
ପୁନେଇଁର ଜହ୍ନ ରାତି
ଅଗଣା ତୁଳସୀ ଚଉରା ମୂଳରେ
ପ୍ରିୟା ତୁମେ ସଂଜବତୀ
ତୁମେ ରାତିଦିନ ତୁମେ ମୋ ଗୋପନ
ପ୍ରେମ ପ୍ରଣୟର ପୋଥି
ଜୀବନ ମରୁର ବାରିଧାରା ତୁମେ
ନିଝୁମ ରାତିର ସାଥୀ ।

## ମାନସୀ ମନ

*ବିନୟାନନ୍ଦ ବହସ୍ୟ*

ମାନସୀ ହୃଦରେ ମାନ ଭରିଅଛି
ଉଦାସୀ ଉଆଁସୀ ମନ,
ଜୋଛନା ହରା ତା ଆକାଶ ମାନସ
ପଟଳେ ମାନିନୀ ଜହ୍ନ,
ଚାନ୍ଦିନୀ କୁହୁଡି ଘେରା,
ଅସ୍ପଷ୍ଟ ଅସ୍ପୃଶ୍ୟ କ୍ଷଣପ୍ରଭା ପ୍ରାୟ
ଲାଗେ ମିଛ ମାୟା ଭରା

ଜୀବନର ଭଗ୍ନ ବୀଣା ଛିନ୍ନ ତାରେ
ସୁର ଯାଏ ହଜି ହଜି,
ମାନସୀ ନୀରବ ଛନ୍ଦାୟିତ ସୁର
ତାଳ ସ୍ମୃତି ଭିଜ ଭିଜି,
ଖୋଜେ ସେ ମହାର୍ଘ୍ୟବେଳ,
ଜୀବନ ନାଟକେ ଯବନିକା ଟାଣେ
ବୁଡ଼ିଆସିଲାଣି ବେଳ

ପ୍ରୀତି ସ୍ନେହ ଭରା ସଂଳାପ ଅସ୍ପଷ୍ଟ
ପ୍ରଚ୍ଛଦ ସଙ୍ଗୀତ କ୍ଷୀଣ,
ଘୂର୍ଣ୍ଣନ୍ତ ଦର୍ଶକ ମସ୍ତକ ଭୂଲଗ୍ନ
ମରିଯାଏ ସିନା ମନ,
ଅଭିନୟ ଅସରନ୍ତି,
ତଥାପି ମଞ୍ଚରେ ରଙ୍ଗୀନ ଆଲୋକ
ଆଖି ମିଟିକା ମାରନ୍ତି ।

*ଖୋର୍ଦ୍ଧା*

## ଜ୍ୟୋତିର୍ମୟ



*ଶରତ ଦାଶ*

ଖୋଜିଲି ତୁମକୁ ଧରାରେ ତରାରେ
ସୁନୀଳ ଅନନ୍ତାକାଶେ
ଖୋଜିଲି ତୁମକୁ ସାଗରେ ବାଗରେ
ବନ ବିଲ ଗ୍ରାମଦେଶେ
ଖୋଜିଲି ତୁମକୁ ରୂପ ଅରୂପରେ
ଭାବରେ ଅନୁଭବରେ
ଖୋଜିଲି ତୁମକୁ ଭିତରେ ବାହାରେ
ଦୂର ଚକ୍ରବାଳପାରେ
ଖୋଜିଲି ତୁମକୁ ସକାଳ ସଞ୍ଜରେ
ଦିନରାତି ଅହୋରାତ୍ର
କୋକିଳ କୂଜନେ ଏକାକୀ ବିଜନେ
କାଳେ ଦୃଶ୍ୟହେବ ଚିତ୍ର
ଖୋଜିଲି ତୁମକୁ ହିମାଳୟଶୃଙ୍ଗ
କାଞ୍ଚନଜଙ୍ଘାକୁ ଚାହିଁ
ଖୋଜିଲି ତୁମକୁ ପ୍ରେମରେ କାମରେ
ମରୁଭୂମି ଡେଇଁ ଡେଇଁ
ଖୋଜିଲି ତୁମକୁ ଗୀତା ଭାଗବତ
ରାମାୟଣ ଗ୍ରନ୍ଥପାଠେ
ଖୋଜିଲି ତୁମକୁ ଚାଲି ଚାଲି ପାଦେ
ମଡା ଅମଡ଼ାର ବାଟେ
ଖୋଜିଲି ତୁମକୁ ମନ୍ଦିରେ ଅଧୀରେ
କୋଣେ କୋଣେ ଅନୁକୋଣେ
ଖୋଜିଲି ଗଗନେ ପବନେ ସପନେ
ବସି ଧ୍ୟାନ ପଦ୍ମାସନେ
ପାଇଲିନି କାହିଁ ହାହୁତାଶେ ରହି
ବସିଲି ନିରାଶ ହୋଇ
ମନରେ ସଂଶୟ ହୋଇଲା ଅଥୟ
ତୁମ ଅବସ୍ଥିତି ନେଇ
ନୟନ ମୁଦ୍ରିତ କରି ତୁମ ରୂପ
କଳ୍ପନାରେ କଲି ଚିନ୍ତା
ଧୀରେ ଧୀରେ ତୁମ ରୂପ ଉଭାସିଲା
ଅନୁଭବ କଲି ସତ୍ତା
ଅନନ୍ତ ଆକାଶ ଥିଲା ସମାହିତ
ତୁମ ସୁବିଶାଳ ଦେହେ
ଅସଂଖ୍ୟ ବ୍ରହ୍ମାଣ୍ଡ ସୃଷ୍ଟି ଓ ବିନାଶ
କରୁଥିଲ ତୁମେ ସ୍ନେହେ
ଦେଖିଲି ବସିଛ ହୃଦୟକନ୍ଦରେ
ନୀଳ ଜ୍ୟୋତି ମନୋରମ
ଆଭା ବିମଣ୍ଡିତ କରି ପୁଲକିତ
ସମଗ୍ର ବ୍ରହ୍ମାଣ୍ଡଧାମ ।

*ଭୁବନେଶ୍ୱର*

## ଫେରିଯାଉଥିବା ଶୀତ

*ଡ. ଦୀପକ କୁମାର ମିଶ୍ର*



ଏଇ ତ ଫେରିଯାଉଛି ଶୀତ
ଦେହରୁ, ଶେଜରୁ, ଅଗଣାରୁ, ବୃକ୍ଷଡ଼ାଳୁ
ନଈପଠା, ପୋଖରୀ ହୁଡ଼ାରୁ
ଆଉ ସର୍ବୋପରି କଣକଣି ମାରୁଥିବା
ପାଚେରିଘେରା ପ୍ରାଣଟି ଭିତରୁ

କାହିଁକି ବି ଯିବନି ଯେ କୁହ
ସେ କ'ଣ ସମାହିତ କରିପାରିଲା
ଉଷ୍ମମନର ଉଷର ନିରାଶା
ଶୀତଳିପାରିଲା ରଡ଼ ଅଙ୍ଗାରର
ଦୁଃଖର ପିଆଲା
ପୋଛିପାରିଲା ଲୁହ ହୋଇ ଝରୁଥିବା
ଆଖି ଆଗ୍ନେୟଗିରିର ଲହଲହ ଜ୍ୱାଳା
ବରଂ କୁହୁଡ଼ିର କୁହୁକ ଚାଦର ତଳେ
କୁହୁଳିଗଲେ କେତେ ଅମୂଲ୍ୟ ଜୀବନ
ଅସମୟେ ଅପସରି ଗଲେ
ତଟକା ତେଜିଥିବା ଶହ ଶହ ସତେଜ ସପନ

ସେ କାହିଁକି ରହିବ ଖାଲି ରତୁଟିଏ ହୋଇ
ଦାରିଙ୍ଗିବାଡ଼ିର ପର୍ଯ୍ୟଟକଙ୍କ ପାଦରେ
ଜୁଆଙ୍ଗ ଝିଅର ଚଞ୍ଚଳା ଛାତିରେ
ପାହାଡ଼ର ଢାଲୁରେ ନିରବରେ ଢୁଳାଉଥିବା
ଅଳସି ଫୁଲରେ

ସେ ବା କାହିଁକି ମତୁଆଲା ହେବ
କେବଳ କନ୍ଧପୁଅଟିର ହାଣ୍ଡିଆ ଭାଟିରେ
କାମାନ୍ଧ ପୁରୁଷର ଲମ୍ପଟପଣର
ଅୟସ ଭିତରେ
ଆଉ ପାହାନ୍ତି ପର୍ଯ୍ୟନ୍ତ ରାସ୍ତାକାମ କରୁଥିବା
ଶ୍ରମିକଟିର ହୃଦୟ ପୋଡ଼ିବାକୁ
ବେଇମାନି ବିଡ଼ିର ଧୂଆଁରେ

ସେ କ'ଣ ପଶିପାରେ ଆମେତୁମେ
ପିନ୍ଧିଥିବା ବାଘଛାଲର
ଦାମିକା ପୋଷାକ ଭିତରେ
ଗରମ ଚାହା ଓ ଓଠର ଚୁମ୍ବନ ଶବ୍ଦରେ
ଜମିଥିବା କବିତା ଆସର ମଧ୍ୟରେ
ଭୁଆସୁଣୀ ଛାତିର
ଜଞ୍ଜାଳ ଭିଡ଼ା କଙ୍କାଳ ସନ୍ଧିରେ

ସେ କୃତଘ୍ନ ନୁହଁ ବରଂ କୃତଜ୍ଞ
ସେ ଜାଣେ ତା'ର କହରା ଛାତିରେ
କଞ୍ଚେଇବନି ପ୍ରେମର ବଉଳ
ଉଧେଇବନି କୋଇଲିର କୁହୁକୁହୁ ସ୍ୱର
ଡିଣ୍ଡାବୟସଟା ଡିଣ୍ଡିମ ପିଟି ଡାକିବନି
ଉହୁଉହୁ ଯୌବନର ମଧୁର ମଧ୍ୟାହ୍ନ

ତୁମେ ଯାଅ ଶୀତ, ମେଲାଣି ନିଅ
ମୁଁ ତ ତୁମେ ନଥିଲା ବେଳେ ବି
ନିଆଁ ପୁଇଁହେଉଥିଲି
ଅହରହ ଆଚ୍ଛାଦିତ
ଏଇ ଜୀବନର ବରଫ ଗୁମ୍ଫାରେ ।

*ଭୁବନେଶ୍ୱର*
*ମୋ- ୮୨୮୦୨୧୧୦୦୦*

## ଭୁଲି ହୁଏନା



*ଡ. ପ୍ରମୋଦ କୁମାର ମଲ୍ଲିକ*

ଆଗ ପଟେ ଦେଖେ ଦୁଃଖର ସାଗର
ପଛ ପଟେ ପ୍ରୀତି ସ୍ମୃତି
ଜୀବନ ନାମରେ ମରଣ ନାଚୁଛି
କାଳର କରାଳ ଗତି
କେତେବେଳେ ଆସେ ପ୍ରବଳ ବତାସ
କେତେ ବେଳେ ଖରା ତାତି
କାହା ଆଗମନେ ଆବାହନୀ ଗାଏ
ସତେକି ଜ୍ୟୋଛନା ସ୍ମୃତି
ଚହଟ ଚମକ ମସୃଣ ଅତୀତ
ଶ୍ୟାମଳ କୋମଳ ମିଠା
ରୂପେଲି ଜହ୍ନର ଶୀତଳ ପରଶ
ନିତି ମାରେ ଆସି ଝଟକା
ମତୁଆଲା କରେ ଶିତଳ ଅତୀତ
ସ୍ମୃତି ଭରା ଗୀତ ଗାଇ
ଛାଇ ଆଲୁଅର ଲୁଚକାଳି ଖେଳ
କାମନା ମାରିଛି ଝାଇଁ
ଅପ୍ରତ୍ୟାଶିତ କାହା ଉପସ୍ଥିତ ଆସି
ଶିଳ୍ପୀ କେ ଆଂକୁଛି ଛବି
ପୂରୁବର କଥା ସ୍ମୃତି ଭିଜା ଗାଥା
ନିତି ଉଠେ ହୋଇ ରବି
ରିମ୍ ଝିମ୍ ବର୍ଷା ମନେ ତୋଳେ ଆଶା
ସୁନାବ୍ୟା ନଦୀ ତରଙ୍ଗ
ଆକୁଳ ପ୍ରୟାସ ଆକଣ୍ଠ ନିରାଶ
ନିଃସହାୟ ବ୍ୟସ୍ତ ସର୍ବାଙ୍ଗ
କେବେ ଯଦି ଆସ ଗାଁ ମୁଣ୍ଡ ଶେଷ
ମଶାଣିକୁ କେବେ ବୁଲି
ଦେଖିବ ଜିଅନ୍ତା ମଣିଷ ଜଳୁଛି
କାହାକୁ ନପାରି ଭୁଲି
ଅନ୍ତର ବାହାର କଳସେ ଜହର
ନୀଳ କଣ୍ଠ ପରି ବୁଲେ
ଗାଁ ଗହଳିରେ ଆତ୍ମା ଘୁରି ବୁଲେ
ସ୍ମୃତି କଥା ଭାବି ଝୁରେ
ବିଶ୍ୱାସଟା ଏକ କାଚର ବାସନ
ଥରେ ଭାଙ୍ଗି ଆଉ ଯୋଡ଼େନା
ଯେତେ ଯୋଡ଼ିଲେବି କାହାଣୀ ବଞ୍ଚଇ
ଭୁଲି ଯାଇ ଭୁଲି ହୁଏନା ।

## ନୀଳ କୁମୁଦର ପ୍ରୀତି

*ବେଣୁଧର ସୂତାର*

ମାଧୁର୍ଯ୍ୟ ମଧୁରେ ଭରା
ଏ ସୃଷ୍ଟିର ଚାରୁଧାରା
ଗାଉଅଛି ମଙ୍ଗଳର
ମୁଗ୍ଧ ସୂକ୍ତିନାମା
ଦିବ୍ୟ ଶାନ୍ତି ମଧୁମୟ
ସୃଜନୀ ମଙ୍ଗଳମୟ
ରମଣୀୟ ନୈସର୍ଗିକ
ବିରଳ ଉପମା
ସବୁଜ ଧରଣୀ ହସ
ସପନ ଫୁଲର ବାସ
ରୂପସୀ ପ୍ରକୃତି କଳ
କଲ୍ଲୋଳିତ ଧାରା
ବ୍ୟଷ୍ଟି ସମାହାର ସୁର
ପୁଲକିତ ମଞ୍ଜୁପୁର
ସୁନାଝରା ପ୍ରଭାତର
ଆଶିଷ ପସରା
ତନ୍ମୟ ତଟିନୀ ଧାର
ମନୋହର ମୂର୍ଚ୍ଛନାର
ଗାଇଯାଏ ଏସୃଷ୍ଟିର
ଆଦିମ ସଙ୍ଗୀତ
ରଙ୍ଗ ରସ ସମାହାର
ମହକ ମଧୁରତାର
ଚିନ୍ମୟ ଝଙ୍କାର ତୋଳେ
ପ୍ରକୃତି ପଣତ
ଲଳିତ ଲାବଣ୍ୟ ମାଳା
ପ୍ରକୃତିର ଚାରୁକଳା
ତୃପ୍ତମୟ ରଙ୍ଗୋଲିର
ବିଭୋର ମହ୍ଲାର
ଅଭିନବ ରୂପ କାୟା
ନୀଳ ଜୀମୁତର ମାୟା
ଅନୁପମ ଅନୁରାଗ
ଭୂମି ଓ ଭୂମାର
ଗୋଧୂଳି ସୁଷମା ନେଇ
ଚାରୁମୟ ଦିଶେମହୀ
ଅସ୍ତରାଗ ଲାଲିମାର
କାଉଁରୀ ପରଶ
ପ୍ରକୃତିର ନିକେତନ
ଆହାକେଡେ ଶୋଭାବନ
ରୂପମୟୀ ଧରାବେଶ
ଲଳିତ ବିନ୍ୟାସ
ଭାନୁ ଅସ୍ତାଚଳ ଦେଖି
ଜୋଛନା ପୀୟୂଷ ମାଖି
ଉଇଁଲେଣି ପ୍ରାଚୀ ଭାଲେ
ସୌମ୍ୟ ସୁଧାକର
ନିଶି ଆଉ ନିଶାକର
ଜୋଛନାର ଅଭିସାର
ପ୍ରକୃତି ପଣତୁ ଝରେ
ପ୍ରଣୟ ଝଙ୍କାର
ଗଗନ ବିତାନ ତଳେ
ଶୀତଳ ସରସୀ ଜଳେ
ପ୍ରଣୟର ମଧୁଶାଳା
ରମ୍ୟରାସ ପୁରେ
ପ୍ରେମରେ ମଗନ ରାତି
ନୀଳ କୁମୁଦର ପ୍ରୀତି
ପରବାସୀ ପ୍ରିୟ ରାସ
ଲଳିତ ଶୃଙ୍ଗାରେ
ମଧୁର ଏ ବିଭାବରୀ
ପ୍ରୀତିର ସପନ ପୁରୀ
ମାଧୁର୍ଯ୍ୟର ମଧୁଶାଳେ
ଅନୁଢା ରୂପସୀ
ପ୍ରଣୟର ଫୁଲବନେ
ପ୍ରୀତି ସୁଧାମଧୁ ପାନେ
ସମର୍ପିଛି ତନୁମନ
ସେ, ତନ୍ଦ୍ରା ତାମସୀ ।

*କେଶଦୁରାପାଳ, କେନ୍ଦୁଝର*
*ଦୂରଭାଷ -୯୧୭୮୫୬୮୨୪୬*

# କୁମାରବସ୍ତ ଲୋକନାଥ କ୍ରିକେଟ ତମାଣ୍ଡୋ ଓ ଭାଲିଆବାଡ଼ି ବିଜୟୀ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**



ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ରାଉଜିଂଷ୍ଟାର କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଲୋକନାଥ ଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ କୁମାରାବସ୍ତ ଖେଳପଡ଼ିଆର ଆଜି ଷଷ୍ଠ ଦିବସରେ ପ୍ରଥମ ମ୍ୟାଚ୍‌ରେ ମେଣ୍ଢାଶାଳ ଦଳ ତମାଣ୍ଡୋ ଦଳଠୁ ୩ ୱିକେଟରେ ପରାସ୍ତ ହୋଇଛି । ଦ୍ୱିତୀୟ ମ୍ୟାଚ୍‌ରେ କୁମାରବସ୍ତ ଦଳ ପ୍ରଥମେ ବ୍ୟାଟିଂ କରି ସୋଭାକର ପାତ୍ରଙ୍କ ୫୪ ରନ ସହାୟତାରେ ୯୧ ରନ ସଂଗ୍ରହ କରିଥିଲେ । ଜବାବରେ ତମାଣ୍ଡୋ ଦଳ ୯ ଓଭରରେ ୭ ୱିକେଟ ହରାଇ ୯୨ ରନ କରିନେଇଥିଲେ । ଦଳ ତରଫରୁ ଦୀପକ ହରିଚନ୍ଦନ ୨୯ କରିଥିଲେ । ଏହି ମ୍ୟାଚ୍‌କୁ ତମାଣ୍ଡୋ ଦଳ ୩ ୱିକେଟରେ ଜିତିଥିଲେ ।

ତୃତୀୟ ମ୍ୟାଚ୍‌ରେ ପ୍ରଥମେ ଟସ ଜିତି ଭାଲିଆବାଡି ପ୍ରଥମେ ବ୍ୟାଟିଂ କରି ୭ ୱିକେଟ ହରାଇ ୧୩୮ ରନ କରିଥିଲେ । ଜବାବରେ ସୁଆଙ୍ଗ ଦଳ ୧୦ ଓଭରରେ ୭ ୱିକେଟ ହରାଇ ୧୨୪ ରନ ସଂଗ୍ରହ କରିଥିଲେ ଏବଂ ଏହି ମ୍ୟାଚ୍‌କୁ ଭାଲିଆବାଡି ଦଳ ୧୪ ରନରେ ଜିତି ନେଇଥିଲେ । ଅତିଥି ଗୋପୀନାଥ ମଙ୍ଗରାଜ ପ୍ରଥମ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ରୂପେ ଦୀପକ ହରିଚନ୍ଦନ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ଦୀପକ ହରିଚନ୍ଦନଙ୍କୁ ଅତିଥି ଦୁର୍ଯ୍ୟୋଧନ ପରିଡ଼ା ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କାର ପ୍ରଦାନ କରିଥିଲେ । ତୃତୀୟ ମ୍ୟାଚ୍‌ରେ ଅତିଥି ତ୍ରିନାଥ ମଙ୍ଗରାଜ ସଂଗ୍ରାମ ସାମନ୍ତରାୟଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଖେଳକୁ ଛବି ନାରାୟଣ ସାହୁ, ସାନୁଜ ବିଶ୍ୱାଳ, ସୁବ୍ରତ କୁମାର ପାଟସାହାଣୀ ଓ ଅମିୟ ପ୍ରଧାନ ପରିଚାଳନା କରିଥିଲେ । ପ୍ରିତିରଞ୍ଜନ ବିଜୟସିଂ ଏବଂ କାଜଲ ବଳିଆର ସିଂହ ମ୍ୟାଚ୍ ରେଫରୀ, ସ୍କୋରର ଭାବେ ରଂଜନ ବରାଳ, ସିବଦତ୍ତ ବଡ଼ଜେନା ଓ ରଞ୍ଜନ ବରାଳ ଥିଲେ । ସଂଯୋଜକ ଭାବେ ବନବିହାରୀ ସ୍ୱାଇଁ ଏବଂ ଅବ୍ୟକ୍ତ ହରିହର ଖାଡଙ୍ଗା କାର୍ଯ୍ୟ କରିଥିଲେ । ଶନିବାର ଦିନ ପ୍ରଥମ ମ୍ୟାଚ୍ କାଇପଦର ବନାମ ବାଙ୍କୁଆଳ ଏବଂ ଦ୍ୱିତୀୟ ମ୍ୟାଚ୍ ରଣପୁର ବନାମ ବାଙ୍କୀ ମଧ୍ୟରେ ହେବ ବୋଲି କାଜଲ ବଳିଆର ସିଂହ ଜଣାଇଛନ୍ତି ।

# ପାକିସ୍ତାନ କ୍ରିକେଟକୁ ବଡ଼ ଝଟ୍‌କା : ପିଏସଏଲ ଖେଳିବେନି ଇଂଲଣ୍ଡ ଖେଳାଳି

**ନୂଆଦିଲ୍ଲୀ**

ଚାମ୍ପିୟନ୍ସ ଟ୍ରଫିକୁ ନେଇ ଲାଗି ରହିଥିବା ବିବାଦ ମଧ୍ୟରୁ ବାହାରି ପାରିନଥିବା ପାକିସ୍ତାନ କ୍ରିକେଟ ବୋର୍ଡକୁ ଲାଗିଛି ଆଉ ଏକ ବଡ଼ ଝଟ୍‌କା । ଏଥର ଆଇସିସି ବା ବିସିସିଆଇ ନୁହେଁ, ବରଂ ପାକିସ୍ତାନ କ୍ରିକେଟକୁ ଏହି ଝଟ୍‌କା ଦେଇଛି ଇଂଲଣ୍ଡ ଏବଂ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) । କାରଣ ଇସିବିର ନୂଆ ନିୟମ ଅନୁସାରେ ଏବେ ଇଲଂଣ୍ଡ ଖେଳାଳିମାନେ ପାକିସ୍ତାନ ସୁପର ଲିଗ୍ ଖେଳିବାକୁ ସକ୍ଷମ ହେବେ ନାହିଁ ଯାହା ଏହି କ୍ରିକେଟ ଲିଗ୍‌କୁ ଗଭୀର ଭାବେ ପ୍ରଭାବିତ କରିବ ।

ଇଂଲଣ୍ଡ କ୍ରିକେଟ ବୋର୍ଡ ନିଷ୍ପତ୍ତି ନେଇଛି ଯେ ଏହାର ଘରୋଇ କ୍ରିକେଟ ସିଜିନ ଚାଲିଥିବା ସମୟରେ ଇଂଲଣ୍ଡ ଖେଳାଳିମାନେ ଅନ୍ୟ କୌଣସି ଫ୍ରାଞ୍ଚାଇଜ ଲିଗ ଖେଳିପାରିବେ ନାହିଁ । ଇସିବିର ଏହି ନିଷ୍ପତ୍ତି ଦ୍ୱାରା ପାକିସ୍ତାନ ସୁପର ଲିଗ୍ ସମେତ ଆମେରିକାର ମେଜର ଲିଗ୍ କ୍ରିକେଟ୍, କାନାଡ଼ାର ଗ୍ଲୋବାଲ ଟି୨୦ ଲିଗ୍ ଏବଂ ଶ୍ରୀଲଙ୍କା ପ୍ରିମିୟର ଲିଗ୍ ଭଳି ବିଶ୍ୱସ୍ତରୀୟ ଲିଗ୍ ମଧ୍ୟ ପ୍ରଭାବିତ ହେବ କାଉଣ୍ଟି ଚାମ୍ପିୟନସିପ୍, ଟି୨୦ ବ୍ଲାଷ୍ଟ ଏବଂ ଦି ହଣ୍ଡ୍ରେଡ ଭଳି ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗୁରୁତ୍ୱ ବଢ଼ାଇବା ପାଇଁ ଏଭଳି ନିଷ୍ପତ୍ତି ନେଇଛି ବୋର୍ଡ ଯାହା ଇଂଲଣ୍ଡ ଖେଳାଳିଙ୍କ ସମସ୍ୟାକୁ ମଧ୍ୟ ବଢ଼ାଇ ଦେଇଛି, କାରଣ ଫ୍ରାଞ୍ଚାଇଜ ଲିଗ୍ ସେମାନଙ୍କ ପାଇଁ ରୋଜଗାରର ଏକ ବଡ଼ ମାଧ୍ୟମ ।

ଚଳିତ ବର୍ଷ ଜେସନ ରଏ ଏବଂ ଆଲେକ୍ସ ହେଲ୍ସ ଇଂଲଣ୍ଡର ଘରୋଇ ଟୁର୍ଣ୍ଣାମେଣ୍ଟ ଟି୨୦ ବ୍ଲାଷ୍ଟ ଛାଡ଼ି ଅନ୍ୟ ଲିଗ୍‌ରେ ଭାଗ ନେଇଥିଲେ, ଯେଉଁଥିପାଇଁ ଇସିବି ଅସନ୍ତୋଷ ପ୍ରକାଶ କରିଥିଲା । ଏହାପରେ ବୋର୍ଡ ଘୋଷଣା କରିଛି ଯେ ଯେଉଁ ଖେଳାଳିମାନେ ପ୍ରଥମ ଶ୍ରେଣୀ କ୍ରିକେଟ ଖେଳନ୍ତି ନାହିଁ, ସେମାନେ ମଧ୍ୟ ଘରୋଇ ସୀମିତ ଓଭର ଟୁର୍ଣ୍ଣାମେଣ୍ଟ ସମୟରେ ଅନ୍ୟ ଲିଗ୍ ଖେଳି ପାରିବେ ନାହିଁ । ତେବେ ଆଇପିଏଲକୁ ଏହି ନିୟମରୁ ଦୂରରେ ରଖାଯାଇଛି, କାରଣ ଏହା ବିଶ୍ୱର ସର୍ବାଧିକ ଆୟକାରୀ ଲିଗ୍ ଇସିବି କହିଛି ଯେ, ଖେଳାଳିମାନେ କେବଳ ସେହି ଟୁର୍ଣ୍ଣାମେଣ୍ଟରେ ଖେଳିପାରିବେ, ଯାହା ସେମାନଙ୍କ ଘରୋଇ କ୍ରିକେଟ ସିଜିନରେ ବାଧା ସୃଷ୍ଟି କରିବ ନାହିଁ ।

# ଚାମ୍ପିୟନ୍ସ ଟ୍ରଫି : ଭାରତକୁ ପୁଣି ଚେତାବନୀ ଦେଲା ପାକିସ୍ତାନ



**ନୂଆଦିଲ୍ଲୀ**

ଚାମ୍ପିୟନ୍ସ ଟ୍ରଫି-୨୦୨୫ ପୂର୍ବରୁ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି)ର ଅଧ୍ୟକ୍ଷ ମୋହସିନ ନକ୍‌ଭୀ ଭାରତକୁ ପୁଣି ଚେତାବାନୀ ଦେଇଛନ୍ତି । ପାକିସ୍ତାନରେ ଆୟୋଜନ ହେବାକୁ ଗୋଟିଏ ଆଇସିସି ଇଭେଣ୍ଟରେ ଖେଳିବାକୁ ଭାରତ ନ ଆସିବା ଆଦୌ ଗ୍ରହଣୀୟ ନୁହେଁ । ପାକିସ୍ତାନ ୨୦୨୩ ବିଶ୍ୱକପ ଖେଳିବାକୁ ଭାରତ ଯାଇଥିଲା । ତଥାପି ଚାମ୍ପିୟନ୍ସ ଟ୍ରଫିକୁ ନେଇ ଭାରତର ଏପରି ଆଭିମୁଖ୍ୟ ଆଦୌ ଠିକ ନୁହେଁ ବୋଲି ନକ୍‌ଭୀ କହିଛନ୍ତି ।

ଦୁଇ ଦେଶରେ ଚାଲିଥିବା ରାଜନୀତିକ ତିକ୍ତତା ଚାଲିଥିବାରୁ ପାକିସ୍ତାନ ଚାମ୍ପିୟନ୍ସ ଟ୍ରଫିର ସବୁ ମ୍ୟାଚ୍ ନିଜ ଦେଶରେ ଆୟୋଜନ କରିବା ଅସମ୍ଭବ ଭଳି ମନେ ହେଉଛି । ଏହାକୁ ନେଇ ନକ୍‌ଭୀ ବ୍ୟାକଫୁଟ୍‌ରେ ଥିଲେ ହେଁ ପାକିସ୍ତାନ କ୍ରିକେଟ ପାଇଁ ଲାଭ ଦେଉଥିବା ସବୁ କାମ କରିବେ ବୋଲି କହିଛନ୍ତି । ଏ ପ୍ରସଙ୍ଗରେ ସେ ଆଇସିସିର ପ୍ରତିନିଧି ଦଳ ସହ ଯୋଗାଯୋଗରେ ରହିଛନ୍ତି ଓ ପିସିବି ଚାମ୍ପିୟନ୍ସ ଟ୍ରଫିର ସବୁ ମ୍ୟାଚ୍‌ରେ ପାକିସ୍ତାନରେ ଆୟୋଜନ କରିବାକୁ ଚାହୁଁଥିବା ସେ ମତ ରଖିଛନ୍ତି । ଗୋଟିଏ ସାମ୍ବାଦିକ ସମ୍ମିଳନୀରେ ନକଭୀ କହିଛନ୍ତି, "ପାକିସ୍ତାନ କ୍ରିକେଟ ପାଇଁ ଯାହା ଭଲ ସେସବୁ କରିବାକୁ ମୁଁ ପ୍ରତିଜ୍ଞା କରୁଛି । ମୁଁ ଆଇସିସି ଅଧ୍ୟକ୍ଷଙ୍କ ନିୟମିତ ଯୋଗାଯୋଗରେ ରହିଛି । ମୋ ଟିମ୍ ମଧ୍ୟ ତାଙ୍କ ସହ ଏ ବିଷୟରେ କଥା ହେଉଛି । ଆମେ ଏବେ ବି ସ୍ପଷ୍ଟ କରିବାକୁ ଚାହୁଁଛୁ ଯେ ଆମେ ଭାରତରେ କ୍ରିକେଟ ଖେଳୁଥିବା ବେଳେ ସେମାନେ ଏଠାରେ ନ ଖେଳିବା ଆଦୌ ଗ୍ରହଣୀୟ ନୁହେଁ । ଯାହା ବି କିଛି ହେବ, ସେସବୁ ସମାନତା ଆଧାରରେ ହେବା ଦରକାର । ଆମେ ଆଇସିସିକୁ ଏ ସମ୍ପର୍କରେ ସ୍ପଷ୍ଟ ଭାବେ କହି ସାରିଛୁ ଓ ଆଗକୁ ଯାହା ହେବ, ସେସବୁ ଆପଣମାନେ ଜାଣିପାରିବେ ।" ନକ୍‌ଭୀ ଏହା ମଧ୍ୟ ନିଶ୍ଚିତ କରିଛନ୍ତି ଯେ ସେ ଏଯାଏ ଭାରତୀୟ ଟିମ ପାକିସ୍ତାନ ଗସ୍ତ ନ କରିବା ନେଇ ବିସିସିଆଇ ଠାରୁ କୌଣସି ଚିଠି ପାଇ ନାହାନ୍ତି ।

# କୋହଲି ହେବେ ଆରସିବିର ଆଗାମୀ ଅଧିନାୟକ : ଡି ଭିଲିୟର୍ସ

**ନୂଆଦିଲ୍ଲୀ**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଆଇପିଏଲ ୨୦୨୫ର ମେଗା ନିଲାମରେ ବହୁ ଅର୍ଥ ଖର୍ଚ୍ଚ କରିଥିଲା କିନ୍ତୁ ଦଳ ଫାଫ ଡୁ ପ୍ଲେସିସ ଏବଂ ଗ୍ଲେନ ମ୍ୟାକ୍ସୱେଲଙ୍କୁ କିଣିପାରିନାହିଁ । ଗତ ସିଜନରେ ଡୁପ୍ଲେସିସ ଦଳର ଅଧିନାୟକ ଥିଲେ । କିନ୍ତୁ ବର୍ତ୍ତମାନ ଦଳର ଅଧିନାୟକ କିଏ ହେବେ ତାହା ଏକ ବଡ଼ ପ୍ରଶ୍ନ । ପୂର୍ବତନ ଆରସିବି ଖେଳାଳି ଏବି ଡିଭିଲିୟର୍ସ ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି । ବିରାଟ କୋହଲି ଆରସିବିର ପରବର୍ତ୍ତୀ ଅଧିନାୟକ ହେବେ ବୋଲି ସେ ଦାବି କରିଛନ୍ତି । କୋହଲି ଆରସିବିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଆସୁଛନ୍ତି । ସେ ୨୦୧୩ରୁ ୨୦୨୧ପର୍ଯ୍ୟନ୍ତ ଦଳର ଅଧିନାୟକ ହୋଇଥିଲେ । ଖବର ଅନୁଯାୟୀ ଡିଭିଲିୟର୍ସ ଆରସିବି ଅଧିନାୟକତ୍ୱ ଉପରେ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ମୁଁ ଭାବୁନାହିଁ ଯେ ଏହା ଏ ପର୍ଯ୍ୟନ୍ତ ନିଶ୍ଚିତ ହୋଇପାରେ । ଯଦି ଆମେ ଦଳକୁ ଦେଖିବା, ବିରାଟ କୋହଲି ପରବର୍ତ୍ତୀ ଅଧିନାୟକ ହେବେ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବର୍ତ୍ତମାନ ସୁଦ୍ଧା ଏହି ବିଷୟରେ କୌଣସି ସରକାରୀ ସୂଚନା ପ୍ରକାଶ କରାଯାଇ ନାହିଁ ।

# ଜାତୀୟ ସ୍କୁଲ କ୍ରୀଡ଼ାରେ ଚମକିଲେ ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲ କ୍ରୀଡ଼ାବିତ୍ : ଉସୁରେ ୫ ପଦକ




**ଯୋଡ଼ା, ନ୍ୟୁଜ୍‌ବ୍ୟୁରୋ**

ଜାତୀୟ ସ୍କୁଲ କ୍ରୀଡ଼ା ପ୍ରତିଯୋଗିତାରେ ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲର କ୍ରୀଡ଼ାବିତ୍ ଚମତ୍କାର ପ୍ରଦର୍ଶନ କରିଛନ୍ତି । ଜମ୍ମୁରେ ୨୨ରୁ ୨୬ ନଭେମ୍ବର ଯାଏ ଚାଲିଥିବା ୬୮ ତମ ଜାତୀୟ ସ୍କୁଲ କ୍ରୀଡ଼ା ପ୍ରତିଯୋଗିତାରେ ବିଭିନ୍ନ ଓଜନ ବର୍ଗର ଉସୁ କ୍ରୀଡ଼ାରେ ୫ଟି ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ଜଣେ ସ୍ୱର୍ଣ୍ଣ, ୩ ଜଣ ରୌପ୍ୟ ଓ ଜଣେ କାଂସ୍ୟ ପଦକ ଜିତିଛନ୍ତି । ୪୦ କେଜି ବର୍ଗରେ ରାଜେଶ ନାଗ ସ୍ୱର୍ଣ୍ଣ, ୪୫ କେଜି ବର୍ଗରେ ମଦନ ମୁଣ୍ଡା, ୪୮ କେଜି ବର୍ଗରେ ରମେଶ ମୁଣ୍ଡା, ୩୬ କେଜି ବର୍ଗରେ ମାଳିନୀ ମୁଣ୍ଡାଙ୍କୁ ରୌପ୍ୟ ଓ ୫୨ କେଜି ବର୍ଗରେ ପରବିଲ ମୁଣ୍ଡା କାଂସ୍ୟ ପଦକ ଜିତିଛନ୍ତି । ଏହି ଚମତ୍କାର ବିଜୟରେ ଜିନ୍ଦଲ ଫାଉଣ୍ଡେସନର ଚେୟାରପର୍ସନ ଶାଲୁ ଜିନ୍ଦଲ କହିଛନ୍ତି, ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲର କ୍ରୀଡ଼ାବିତ୍‌ଙ୍କ ଏହି ବିଜୟରେ ଆମେ ଅତ୍ୟନ୍ତ ଗୌରବାନ୍ୱିତ । ଏହି ସଫଳତାରେ ସେମାନଙ୍କ କଠିନ ପରିଶ୍ରମ ଓ ନିଷ୍ଠା ପ୍ରତିଫଳିତ ହେଉଛି । ଜିନ୍ଦଲ ଫାଉଣ୍ଡେସନ କ୍ରୀଡ଼ା ମାଧ୍ୟମରେ ଗ୍ରାମୀଣ ଓ ଆଦିବାସୀ ଯୁବପ୍ରତିଭାଙ୍କୁ ସଶକ୍ତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ । ଜିନ୍ଦଲ ଫାଉଣ୍ଡେସନ ଦ୍ୱାରା ପରିଚାଳିତ ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲ ୬୦ କ୍ରୀଡ଼ା ପ୍ରତିଭାଙ୍କୁ କ୍ରୀଡ଼ା ଓ ଶିକ୍ଷାରେ ଉତ୍କର୍ଷ ପ୍ରଦର୍ଶନ ପାଇଁ ସର୍ବୋତ୍କୃଷ୍ଟ ସୁବିଧା ଯୋଗାଇଦେଉଛି । ଜାତୀୟ ସ୍କୁଲ କ୍ରୀଡ଼ାରେ ହଷ୍ଟେଲ ଅନ୍ତେବାସୀଙ୍କ ଚମତ୍କାର ପ୍ରଦର୍ଶନ, ଯୁବ ପ୍ରତିଭାଙ୍କୁ ପ୍ରୋତ୍ସାହନ ଯୋଗାଇବାରେ ଜିନ୍ଦଲ ଫାଉଣ୍ଡେସନର ପ୍ରୟାସକୁ ପ୍ରତିଫଳିତ କରୁଛି । ଓଡ଼ିଶା ଷ୍ଟେଟ୍ ଉସୁ ଆସୋସିଏସନ ସହ ଏକ ମଜଭୁତ ସହବନ୍ଧନ ପ୍ରତିଷ୍ଠା କରି କେନ୍ଦୁଝର ଜିଲ୍ଲାରେ ଉସୁ ଓ କିକ୍‌ବକ୍ସିଂକୁ ଆଗକୁ ନେବାରେ ଜିନ୍ଦଲ ଫାଉଣ୍ଡେସନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଫାଉଣ୍ଡେସନର ପ୍ରୋତ୍ସାହନରେ ଯୋଡ଼ା ଓ ବଡ଼ବିଲ ଅଞ୍ଚଳର ଅଗଣିତ କ୍ରୀଡ଼ା ପ୍ରତିଭା ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ମେଡାଲ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ଉସୁ, କିକବକ୍ସିଂ, ହକି, କ୍ରିକେଟ, ତୀରନ୍ଦାଜୀ ଭଳି କ୍ରୀଡ଼ାକୁ ଫାଉଣ୍ଡେସନର ପ୍ରୋତ୍ସାହନ ୩୦ ହଜାରରୁ ଅଧିକ ଗ୍ରାମୀଣ ଓ ଆଦିବାସୀ କ୍ରୀଡ଼ାବିତ୍‌ଙ୍କ ଜୀବନରେ ସକରାତ୍ମକ ପରିବର୍ତ୍ତନ ଆଣିପାରିଛି ।

# ରାଜ୍ୟସ୍ତରୀୟ ବିଚ୍ ଭଲିବଲ୍ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାରୁ ୬ କ୍ରୀଡ଼ାବିତ୍ ସାମିଲ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟସ୍ତରୀୟ ୧୭ ବର୍ଷରୁ କମ୍ ଉଭୟ ବାଳକ ଓ ବାଳିକା ବର୍ଗର ବିଚ୍ ଭଲିବଲ ପ୍ରତିଯୋଗିତା ଚଳିତ ନଭେମ୍ବର ମାସ ୨୮ ରୁ ୨୯ ତାରିଖ ପର୍ଯ୍ୟନ୍ତ ପୁରୀ ଜିଲ୍ଲା ଅନ୍ତର୍ଗତ ଜିଲ୍ଲା ହାଇସ୍କୁଲ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ସହିତ ବାଳକ ଟିମ୍ ମ୍ୟାନେଜର ଭାବେ ଠାକୁରମୁଣ୍ଡା ବ୍ଲକସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ, ଠାକୁରମୁଣ୍ଡାର ସୁବଳ ସେଠୀ ଏବଂ ବାଳିକା ଟିମ୍ ମ୍ୟାନେଜର ଭାବେ ଗୋପବନ୍ଧୁ ନଗର ବ୍ଲକ୍ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ, କୁଆମରାର ପିଇଟି ଲକ୍ଷ୍ମୀପ୍ରିୟା ମହାନ୍ତଙ୍କ ନେତୃତ୍ୱରେ ୬ ଜଣ କ୍ରୀଡ଼ାବିତ୍ ଯୋଗ ଦେଇଛନ୍ତି । ସେମାନେ ହେଲେ ୧୭ ବର୍ଷରୁ କମ୍ ବାଳକ ବିଭାଗରେ ସଞ୍ଜୟ କୁମାର ରାଉତ, ରାଧାକୃଷ୍ଣ ସାହୁ, କ୍ଷିତୀଶ ଦଳେଇ ଓ ବାଳିକା ବିଭାଗରେ ସୁମିତ୍ରା ସିଂ, ସୁଭାଶିନୀ ବେଶ୍ରା, ସୁଭଦ୍ରା ସୋରେନ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଏମାନଙ୍କୁ ଶୁଭେଚ୍ଛା ଜଣେଇଛନ୍ତି ।

# ବେତନଟୀ କଲେଜ ପ୍ରିମିୟର ଲିଗ୍ ସିଜିନ ୨ ଉଦ୍‌ଘାଟିତ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ବେତନଟୀ କଲେଜ ଫଲ୍ଡଠାରେ ଶୁକ୍ରବାରଠାରୁ କଲେଜ ପ୍ରିମିୟର ଲିଗ୍ ସିଜିନ ୨ ଆରମ୍ଭ ହେଇଛି । ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ଓଡ଼ିଶା ରଣଜୀ ଟ୍ରଫି ଖେଳାଳି ତଥା ଦକ୍ଷ ଯୁବନେତା ଲଲାଟେନ୍ଦୁ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ଏହି ଉଦ୍‌ଘାଟନୀ ଉତ୍ସବରେ ପପୁ ବେହେରା, ପର୍ଶୁରାମ ଗୋଛାୟତ, ଜୟନ୍ତ ମହାନ୍ତ, ସୁମନ୍ତ ମୁଖି, ଚନ୍ଦନ ଗିରି ପ୍ରମୁଖ ବରିଷ୍ଠ ସଦସ୍ୟମାନେ ଉପସ୍ଥିତ ଥିଲେ । ଏହି ପ୍ରତିଯୋଗିତାରେ ଦିପ୍ତୀରେଖା ୱାରରିଅର୍ସ, ବିନ୍ଦାସ ଷ୍ଟ୍ରାଇକର୍ସ, ଜଙ୍ଗରି ଇଗଲସ, ସୁପର ଷ୍ଟାଇକର୍ସ, ବିବି ଇଲେଭେନ, ଏବଂ ଫ୍ୟୁଏଚର ଲିଯେଣ୍ଡସ ମୋଟ ୬ଟି ଦଳ ଅଂଶ ଗ୍ରହଣ କରୁଛନ୍ତି । ଏହି ଖେଳଗୁଡିକୁ ଶୁଭମ୍ ନାୟକ ଏବଂ ଅନୁପ ପରିଡ଼ା ପରିଚାଳନା କରୁଥିବା ବେଳେ ଚନ୍ଦନ ଗିରି ଧାରା ବିବରଣୀ ପ୍ରଦାନ କରୁଛନ୍ତି ।



# ଡିସେମ୍ବର ୨୨ରୁ ୨୫ତମ ମା' ତାରିଣୀ କ୍ଲବ ଇଣ୍ଟର ଷ୍ଟେଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

**ଆନନ୍ଦପୁର, ନ୍ୟୁଜ୍‌ବ୍ୟୁରୋ**

ଆନନ୍ଦପୁର ବ୍ଲକ ଅନ୍ତର୍ଗତ ତରତରା ପଞ୍ଚାୟତ ଖେଳପଡ଼ିଆରେ ଫୁଟବଲ ମହାକୁମ୍ଭ ଡିସେମ୍ବର ୨୨ରୁ ଆରମ୍ଭ ହେବାକୁ ଯାଉଅଛି । ଏହି ଫୁଟବଲ ଟୁର୍ଣ୍ଣମେଣ୍ଟରେ ସର୍ବମୋଟ ଆଠଗୋଟି ଦଳ ଭାଗ ନେଉଥିବା ବେଳେ ପ୍ରଥମ ଦିନ ଖେଳ ଚକ୍ରଧରପୁର ଫୁଟବଲ ଏକେଡେମୀ, ଝାଡ଼ଖଣ୍ଡ, ସହିତ ବିଏଫସି, କୁଚିଣ୍ଡା ମଧ୍ୟରେ ଯାଉଥିବାବେଳେ ଦ୍ୱିତୀୟ ମ୍ୟାଚ୍ ସୋଡ଼େପୁର କ୍ଲବ କଲିକତା ସହିତ ପପୁଲାର କ୍ଲବ, ଢେଙ୍କାନାଳ ମଧ୍ୟରେ ଖେଳାଯିବ । ତୃତୀୟ ମ୍ୟାଚ୍ ମା' କାମାକ୍ଷା ସ୍ପୋର୍ଟ୍ସ କ୍ଲବ ବିହାର ସହିତ ଜଗାଇଉନାଇଟେଡ଼ ଭୁବନେଶ୍ୱର ମଧ୍ୟରେ ଖେଳାଯିବ । ଚତୁର୍ଥ ମ୍ୟାଚ୍ ଏସ୍‌ପି ୱାନ ଫାଉଣ୍ଡେସନ, କଲିକତା ସହିତ ବିଏସଏଫ ସୋନପୁର ସହିତ ଖେଳାଯିବ । ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ୨୪ ତାରିଖରେ ହେବାକୁ ଥିଲାବେଳେ ଦ୍ୱିତୀୟ ସେମିଫାଇନାଲ ୨୭ତାରିଖରେ ଖେଳାଯିବ । ଏହି ଫୁଟବଲ ଖେଳ ସବୁଦିନ ଦିନ ୩ଟା ବେଳେ ଆରମ୍ଭ ହେବାକୁ ଥିଲାବେଳେ ଫାଇନାଲ ମ୍ୟାଚ୍ ୨୯ତାରିଖରେ ଖେଳାଯିବ ବୋଲି ମା' ତାରିଣୀ କ୍ଲବ ଇଣ୍ଟେରଷ୍ଟେଟ ଟୁର୍ଣ୍ଣାମେଣ୍ଟର ଅର୍ଗାନାଇଜ୍‌ର ସୁବ୍ରତ ସାମଲ ଗଣମାଧ୍ୟମକୁ ଜଣାଇଛନ୍ତି । ଏହି ଘୋଷଣା ସମୟରେ ଜିତେନ୍ଦ୍ର ସାମଲ, ପ୍ରିୟବ୍ରତ ନାୟକ, ସତ୍ୟ ବ୍ରତ ନାୟକ, ରାକେଶ ସାମଲ, ଆକାଶ ନାୟକ, ଜଗନ୍ନାଥ ସାମଲ, ସୁରେନ୍ଦ୍ର ନାୟକ, ରଶ୍ମି ରଞ୍ଜନ ନାୟକ, ଶୁଭମ ସାମଲ, ବିଭୁ ସାମଲ, ଅମୃତ ସାଗର ପାତ୍ର, ସ୍ମୃତିରାଜ ନାୟକ, ପାପୁନ ବେହେରା, ସମରଜିତ ନାୟକ, ସ୍ପନ୍ଦନ ନାୟକ, ଦୀପକ ବାରିକ ସହ ସୁଶାନ୍ତ ସାମଲ ଉପସ୍ଥିତ ଥିଲେ ।

# ସର୍ବଭାରତୀୟ ବେସାମରିକା ଲନ୍-ଟେନିସ୍ ପ୍ରତିଯୋଗିତା ୨୦୨୪-୨୫

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାଜସ୍ଥାନର ଜଇପୁର ଠାରେ ହେବାକୁ ଥିବା ସର୍ବଭାରତୀୟ ବେସାମରିକ ଲନ୍-ଟେନିସ୍ ପ୍ରତିଯୋଗିତା ୨୦୨୪-୨୫ ଆସନ୍ତା ତା ୧୨.୧୨.୨୦୨୪ ଠାରୁ ତା୨୧.୧୨.୨୦୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏଥିପାଇଁ ଖେଳାଳି ଚୟନ ପ୍ରକ୍ରିୟା ଆସନ୍ତା ତା୦୧.୧୨.୨୦୨୪ (ରବିବାର) ସକାଳ ଘ.୯.୦୦ଟିକା ସମୟରେ ସ୍ଥାନୀୟ ସର୍କିଟ ହାଉସ ଟେନିସ କୋର୍ଟ, ଛତ୍ରପୁର, ବ୍ରହ୍ମପୁର ଠାରେ ଅନୁଷ୍ଠିତ ହେବ । ଏହି ଖେଳରେ କେବଳ ନିୟନ୍ତ୍ରିତ ସରକାରୀ ଚାକିରିରେ ଥିବା ବ୍ୟକ୍ତିମାନେ ଭାଗ ନେଇପାରିବେ । ଏହି ଖେଳରେ ଯେଉଁମାନେ ଭାଗ ନେବାକୁ ଚାହାନ୍ତି, ମୋନେ ତା୩୦.୧୧.୨୦୨୪ ସୁଦ୍ଧା ନିମ୍ନପ୍ରଦତ୍ତ ମୋବାଇଲ ନମ୍ବରରେ ଯୋଗାଯୋଗ କରି ନିଜର ନାମକୁ ପଞ୍ଜୀକରଣ କରିପାରିବେ । ଖେଳାଳି ଚୟନ ସମୟରେ ନିଜର ସେବା ପୁସ୍ତିକାର ପ୍ରଥମ ପୃଷ୍ଠା ଏବଂ ବିଭାଗ/ଅଫିସ ପରିଚୟ ପତ୍ର ସହ ଏକ ପାସପୋର୍ଟ ସାଇଜ୍ର ଫଟୋ ଏବଂ ନିଜର ବିଭାଗ / ଅଫିସରୁ 'ନୋ ଅବଜେକ୍ସନ ସାର୍ଟିଫିକେଟ୍' ଓ ନିଜର ଲନ୍-ଟେନିସ୍ ରାକେଟ୍ ସାଙ୍ଗରେ ଆଣି ଚୟନ ପ୍ରକ୍ରିୟାରେ ଭାଗ ନେଇପାରିବେ ବୋଲି ରାଜ୍ୟ ସଚିବାଳୟ କର୍ମଚାରୀ କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ହର ପ୍ରସାଦ ବିଶ୍ୱାଳ ଜଣାଇଛନ୍ତି । ଅଧିକ ବିବରଣୀ ପାଇଁ ସାଧାରଣ ସମ୍ପାଦକ ହର ପ୍ରସାଦ ବିଶ୍ୱାଳ (୯୪୩୭୨୨୮୬୮୭) ଏବଂ ତାପସ ଦାସ (୭୯୭୮୪୩୫୨୭୯)ଙ୍କୁ ଯୋଗାଯୋଗ କରିପାରିବେ ।

# ଅଗ୍ନିପଥ ଯୋଜନା ମାଧ୍ୟମରେ ଆର୍ମି ନିଯୁକ୍ତି ରାଲି

**କେନ୍ଦୁଝର, ନ୍ୟୁଜ୍**

ଅନୁଗୁଳ, ବରଗଡ଼, ବଲାଙ୍ଗିର, ଢେଙ୍କାନାଳ,ଦେବଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ ଜିଲ୍ଲାର ଯୋଗ୍ୟ ପ୍ରାର୍ଥୀଙ୍କ ନିମନ୍ତେ ଅଗ୍ନିପଥ ଯୋଜନା ମାଧ୍ୟମରେ ଆର୍ମି ନିଯୁକ୍ତି ରାଲି ଅନୁଷ୍ଠିତ ହେବବାର ଜଣାପଡ଼ିଛି । ଏହି ଆର୍ମି ନିଯୁକ୍ତି ରାଲି ରାଉରକେଲାର ସେକ୍ଟର ୬ ସ୍ଥିତ ଇସ୍ପାତ୍ ଷ୍ଟାଡିଅମ ଠାରେ ଡିସେମ୍ବର ମାସ ୬ ତାରିଖ ଠାରୁ ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ସାଧାରଣ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ସଫଳ ପ୍ରାର୍ଥୀମାନେ ଏହି ଶାରୀରିକ ଫିଟନେସ୍ ପରୀକ୍ଷା ନିଯୁକ୍ତି ରାଲି ପାଇଁ ସେମାନଙ୍କ ଆଡମିଟ୍ କାର୍ଡ www.joinindi anarmy.nic.in ୱେବ୍‌ସାଇଟ୍‌ରୁ ଡାଉନଲୋଡ୍ କରି ପାରିବେ । ଏହା ସହ ସେମାନଙ୍କ ଇ-ମେଲକୁ ମଧ୍ୟ ଆଡମିଟ୍ କାର୍ଡ ପଠା ଯାଇଛି ।

# କେନ୍ଦ୍ରାପଡ଼ା କ୍ରେଡିଟ୍ କୋ ଅପରେଟିଭ ପକ୍ଷରୁ ଓଡ଼ିଶା ପ୍ରଶାସନିକ ସେବା ପ୍ରତିଭା ସମ୍ବର୍ଦ୍ଧନା



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ପ୍ରଶାସନିକ ଅଧିକାରୀମାନେ ନୀତିନିୟନ ଓ ବିବେକ ଅନୁସାରେ କାର୍ଯ୍ୟକରିବା ଆବଶ୍ୟକ ବୋଲି କେନ୍ଦ୍ରାପଡ଼ା ସହରର ଗୌରୀଶଙ୍କର ହୋଟେଲ ପରିସରରେ ଆୟୋଜିତ କେନ୍ଦ୍ରାପଡ଼ା କ୍ରେଡିଟ କୋ ଅପରେଟିଭ ସୋସାଇଟି ଲିଃ ପକ୍ଷରୁ ଆୟୋଜିତ ସଫଳ ଓଡ଼ିଶା ପ୍ରଶାସନିକ ସେବା ପ୍ରତିଭା ସମାରୋହରେ ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଏହି ଉପଲକ୍ଷେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଅବସର ପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ସୁଦର୍ଶନ ନାୟକ କହିଲେ ଯେ, ଓଡ଼ିଶା ପ୍ରଶାସନିକ ସେବା ୨୦୨୨ରେ କୃତକାର୍ଯ୍ୟ ହୋଇଥିବା କୃତି ପ୍ରତିଭା ମାନେ କୌଣସି ଚାପର ବଶବର୍ତ୍ତୀ ନହୋଇ ସଚୋଟତା ଓ ନିଷ୍ଠାବାନ ମଧ୍ୟରେ ନିଜ ବିବେକକୁ ପଚାରି ଜଣେ ଉତ୍ତମ ଓ ଦାୟିତ୍ୱବାନ ପ୍ରଶାସକ ଭାବରେ ଜନସାଧାରଣଙ୍କ ସେବାରେ ବ୍ରତୀ ହେବା ଆବଶ୍ୟକ । ସେହିପରି ମୁଖ୍ୟବକ୍ତା ଭାବରେ ଯୋଗଦେଇ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ପ୍ରଭାସ ଆଚାର୍ଯ୍ୟ ବିଭିନ୍ନ ଉଦାହରଣ ମାଧ୍ୟମରେ ଜଣେ ସ୍ୱଚ୍ଛ ଓ ଦାୟିତ୍ୱବାନ ପ୍ରଶାସନିକ ଅଧିକାରୀ ଭାବରେ କାର୍ଯ୍ୟ କରିବା ବେଳେ ସେଭଳି ଭାବରେ ସାଧାରଣରେ ପ୍ରତୀୟମାନ ହେବାର ଆବଶ୍ୟକତା ରହିଛି । ଏହା ଜଣେ ପ୍ରଶାସନିକ ଅଧିକାରୀ ଭାବେ ବ୍ୟକ୍ତି ଚରିତ୍ରର ସ୍ପଷ୍ଟ ନିଦର୍ଶନ ବୋଲି କହିଥିଲେ । ଏହି ସମ୍ବର୍ଦ୍ଧନା ସଭାରେ ସମ୍ମାନିତ ଅତିଥି ଭାବରେ ଯୋଗଦେଇ କେନ୍ଦ୍ରାପଡ଼ାର ଲୋକପ୍ରିୟ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ନିଜ ବକ୍ତବ୍ୟରେ ନିଜର କର୍ମମୟ ଜୀବନର ଅନୁଭୂତି ବଖାଣିବା ଛଳରେ ଏହି ପ୍ରଶାସନିକ ସେବା ପ୍ରତିଭା ମାନଙ୍କୁ ସେମାନଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ପର୍କରେ ସଚେତନ କରାଇଥିଲେ । ଅବିଭକ୍ତ କଟକ ଜିଲ୍ଲାର ଏହି ପ୍ରତିଭାମାନଙ୍କୁ ନେଇ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ କେନ୍ଦ୍ରାପଡ଼ା କ୍ରେଡିଟ କୋଅପରେଟିଭର ସଭାପତି ପ୍ରମୋଦ ସାହୁ ପୌରହିତ କରି କହିଲେ ଯେ, ଦେଶ ଓ ଜାତିର ସେବା ପାଇଁ ଏହି ଯୁବ ପ୍ରତିଭାମାନେ ଜନ ସାଧାରଣଙ୍କ ଦୁଃଖ ଦୂର ପାଇଁ ସେବକ ମନୋଭାବ ନେଇ କାର୍ଯ୍ୟ କରିବା ଉଚିତ କ୍ଷ ସମିତିର ସମ୍ପାଦକ ପ୍ରହଲ୍ଲାଦ ସାହୁ ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ସମୟରେ, ଅତିରିକ୍ତ ସମ୍ପାଦକ ଅରବିନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ସମିତିର ମୁଖ୍ୟ ସାଧାରଣ ପରିଚାଳକ ମନୋଜ ସାହୁ, ଅନୁରକ୍ତା ସାମନ୍ତରାୟ, ପଙ୍କଜ ମଲ୍ଲିକ, ଦିଲ୍ଲୀପ ସ୍ୱାଇଁ, ବିଜୟ ଦାସ, ସନ୍ତୋଷୀ ସାମଲ, ତପନ ମହାନ୍ତି, ଦେବାଶିଷ ସାହୁ, ଅଂଶୁମାନ ଚୌଧୁରୀ, ଲକ୍ଷ୍ମଣ ସାହୁ, ସୁକାନ୍ତ ପତି, ମାନସ ରାଉତ, ନଳିନୀ ପଡ଼ିଆରୀ, ସନ୍ତୋଷ ଦାସ, ରାଜେଶ ପାତ୍ର, ରଞ୍ଜନ ସାହୁ ଓ ସାନ୍ତ୍ୱନୁ ସାହୁ ପ୍ରମୁଖ ସହଯୋଗ କରିଥିଲେ । ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବିଭକ୍ତ କଟକ ଜିଲ୍ଲାର ୩୨ ଜଣ ଓଡ଼ିଶାର ସଫଳ ସେବା ପ୍ରତିଭାଙ୍କୁ ମାନପତ୍ର, ଉତ୍ତରୀୟ, ଫୁଲତୋଡ଼ା ଓ ପ୍ରତ୍ୟେକଙ୍କୁ ପାଞ୍ଚ ହଜାର ଲେଖାଏଁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା ।

# ଯାଜପୁର ଜିଲ୍ଲା ଆନ୍ତଃ କ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ : ଯାଜପୁର ଏମସିସି ବିଜୟୀ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ଓ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର ମିଳିତ ଆନୁକୂଲ୍ୟରେ ଆନ୍ତଃ ଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ନାଥସାହିସ୍ଥିତ ନୂଆପଡ଼ା ଖେଳପଡ଼ିଆଠାରେ ଅନୁଷ୍ଠିତ ୨ୟ ଦିବସ ମ୍ୟାଚ୍ ଏମ୍.ସି.ସି. ଯାଜପୁର ଓ ବି.ସି.ସି. ପାଣିକୋଇଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଏମ୍.ସି.ସି. ଯାଜପୁର ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୪୫ ଓଭର ଖେଳି ୬ ଉଇକେଟ୍ ହରାଇ ୩୦୨ ରନ୍ ସଂଗ୍ରହ କରିଥିଲା । ଦଳପକ୍ଷରୁ ଏମ୍.ଡି. ସୋହେଲ ଖାନ୍ ୧୧୬ ବଲ୍ ଖେଳି ୧୬୭ ରନ୍ ସଂଗ୍ରହ କରିଥିବା ବେଳେ ଏସ୍.କେ. କାସିଫ୍ ଅଲ୍ଲୀ ୫୮ ରନ୍ ସଂଗ୍ରହ କରିଥିଲେ । ବି.ସି.ସି. ପାଣିକୋଇଲିର ବୋଲର ପ୍ରଜ୍ଞା କେ. ପଣ୍ଡା ୮ ଓଭର ବୋଲିଂ କରି ୩୬ ରନ୍ ଦେଇ ୩ ଉଇକେଟ୍ ଅକ୍ତିଆର କରିଥିଲେ । ଏହାର ଜବାବରେ ବି.ସି.ସି ପାଣିକୋଇଲି ୪୫ ଓଭର ଖେଳି ୬ ଉଇକେଟ୍ ହରାଇ ୨୧୭ ରନ୍ କରି ଏମ୍.ସି.ସି ଯାଜପୁରଠାରୁ ପରାସ୍ତ ହୋଇଥିଲା । ଦଳପକ୍ଷରୁ ସ୍ମୃତି ଲେଙ୍କା ୭୧ ରନ୍ ସଂଗ୍ରହ କରିଥିବା ବେଳେ ସତ୍ୟଜିତ ସିଂ ୩୯ ରନ୍ ସଂଗ୍ରହ କରିଥିଲେ । ଏମ୍.ସି.ସି, ଯାଜପୁରର ବୋଲର ନିଶିକାନ୍ତ ରାଉତ ୯ ଓଭର ବୋଲିଂ କରି ୪୦ ରନ୍ ଦେଇ ୩ଟି ଉଇକେଟ୍ ଓ ଏମ୍.ଡି. ହମିଦ୍ ରାଜା ୯ ଓଭର ବୋଲି କରି ୩୨ ରନ୍ ଦେଇ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ । ଶୁକ୍ରବାରର ଏହି ମ୍ୟାଚ୍‌କୁ ଅମ୍ପାୟାର ଭାବେ ଶାରଦା ପ୍ରସନ୍ନ ମହାପାତ୍ର ଓ ଦୁର୍ଗାପ୍ରସାଦ ପଟ୍ଟନାୟକ ପରିଚାଳନା କରିଥିଲେ ।

# ହଠାତ୍ ପଡ଼ିଆରେ ଚାଲିଗଲା ଭାରତୀୟ କ୍ରିକେଟର୍‌ଙ୍କ ଜୀବନ

**ନୂଆଦିଲ୍ଲୀ**

ମହାରାଷ୍ଟ୍ରର ପୁଣେରେ ଏକ ହୃଦୟବିଦାରକ ଘଟଣା ଘଟିଛି । ୩୫ ବର୍ଷୀୟ ପେଶାଦାର କ୍ରିକେଟର ଇମ୍ରାନ ପଟେଲଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି । ପଟେଲ ଏକ ଲିଗ୍ ମ୍ୟାଚ୍‌ରେ ନିଜ ଦଳ ପାଇଁ ଇନିଂସ କରିବାକୁ ଆସିଥିଲେ । ଯେତେବେଳେ ସେ ଅମ୍ପାୟାରଙ୍କୁ ତାଙ୍କ ବାମ ହାତ ଏବଂ ଛାତିରେ ଯନ୍ତ୍ରଣା ବିଷୟରେ କହିଥିଲେ ସେତେବେଳେ ସେ ଅଳ୍ପ କିଛି ଓଭର ଖେଳିଥିଲେ । ଅମ୍ପାୟାରଙ୍କ ସହ କଥା ହେବା ପରେ ପଟେଲ ତଳେ ପଡ଼ିଯିବା ପରେ ପାଭିଲିୟନ ଆଡ଼କୁ ଫେରିବା ଆରମ୍ଭ କରିଥିଲେ । ତାଙ୍କୁ ତୁରନ୍ତ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତରମାନେ ଇମ୍ରାନଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ସାଥୀ କ୍ରିକେଟର ନାସିର ଖାନ କହିଛନ୍ତି, ବର୍ତ୍ତମାନ ପର୍ଯ୍ୟନ୍ତ ଇମ୍ରାନ କୌଣସି ଗୁରୁତର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ରୋଗରେ ପୀଡ଼ିତ ନ ଥିଲେ । ତାଙ୍କର ଭଲ ଶାରୀରିକ ସୁସ୍ଥତା ମଧ୍ୟ ଥିଲା, ଜଣେ ଅଲରାଉଣ୍ଡର ଖେଳାଳି ଏବଂ କ୍ରିକେଟ ଖେଳକୁ ସେ ବହୁତ ପସନ୍ଦ କରୁଥିଲେ । ହଠାତ୍ ଏହା କିପରି ହେଲା, ତାହା କେହି ବୁଝିପାରୁନାହାନ୍ତି । ଏହି ମ୍ୟାଚ୍ ଲକି ବିଲଡର୍ସ ଆଣ୍ଡ ଡେଭଲପର୍ସ ଏବଂ ୟଙ୍ଗ ଏକାଦଶ ମଧ୍ୟରେ ଖେଳାଯାଉଥିଲା । ପଟେଲ ଲକି ଦଳର ଅଧିନାୟକତ୍ୱ କରିଥିଲେ ଏବଂ ଇନିଂସର ଷଷ୍ଠ ଓଭରରେ ୨ଟି ଚୌକା ମାରିଥିଲେ । ଇମ୍ରାନ ପଟେଲଙ୍କ ୩ ଝିଅ ଅଛନ୍ତି । ତାଙ୍କର ସାନ ଝିଅର ବୟସ ମାତ୍ର ୪ ମାସ । ପଟେଲ ତାଙ୍କ ଅଞ୍ଚଳରେ ବହୁତ ଲୋକପ୍ରିୟ ଥିଲେ ଏବଂ ରିଅଲ ଇଷ୍ଟେଟ ବ୍ୟବସାୟରେ ମଧ୍ୟ ସକ୍ରିୟ ଥିଲେ ।

**GOVERNMENT OF ODISHA**
**PANCHAYATIRAJ & D.W. DEPARTMENT**
OFFICE OF THE PANCHAYAT SAMITI
NAUGAON
'e' mail ID : ori-naugaon@nic.in
i-315

***'e' Procurement Notice No.BNPS-01 of 2024-24 (Online).***

| Sl. No. | Name of work | Approx. Value of work (Rs. in lakhs) | Security Amount (Online Payment) | Cost of Bid documents (Online Payment) | Class of Bidder | Period of completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Additional Class Building at Kundeswara UPS of Alana GP of Naugaon Block in the District of Jagatsinghpur | 12.38 | 12,400/- | Rs.6,000/- | 'D' & 'C' | 06 (Six ) Calendar months |

| Procurement Officer | Bid Identification No. | Availability of Tender From | Availability of Tender To | Date & Time of opening of BID | Place of opening of Bid |
|---|---|---|---|---|---|
| BLOCK DEVELOPMENT OFFICER, NAUGAON | BNPS-02 / 2024-25 | 03.12.2024 at 10.00 Hours | 16.12.2024 at 17.30 Hours | 17.12.2024 upto 11.00 AM during office hours | O/o the Panchayat Naugaon |

Further details can be seen from the Govt. web site "https://tendersodisha.gov.in
All corrigendum / cancellation of tender if any, will only be uploaded in the above web site

Sd/- BLOCK DEVELOPMENT OFFICER,
NAUGAON

OIPR-19316/11/0001/2425



## ବିଜେପି ମୁଖ୍ୟାଳୟରେ ପ୍ରଧାନମନ୍ତ୍ରୀ ମୋଦି

# ମନ୍ତ୍ରୀ, ବିଧାୟକ-ସାଂସଦଙ୍କୁ ଦେଲେ ଗୁରୁମନ୍ତ୍ର

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଶୁକ୍ରବାର ସନ୍ଧ୍ୟାରେ ବିଜେପି ରାଜ୍ୟ କାର୍ଯ୍ୟାଳୟ ପରିସରରେ ପ୍ରାୟ ୨ଘଣ୍ଟା ଧରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦଳର ବିଧାୟକ, ସାଂସଦ, ମନ୍ତ୍ରୀ ଓ ପଦାଧିକାରୀମାନଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି । ଆଉ ସମସ୍ତଙ୍କ ସହ ମିଶି ରାତ୍ରିଭୋଜନ ବି କରିଛନ୍ତି । ବେଶ୍ ହାଲ୍‌କା ଓ ସହଜ ଢଙ୍ଗରେ ଦଳୀୟ ନେତାମାନଙ୍କ ସହ କଥା ହୋଇଛନ୍ତି । ସମସ୍ତଙ୍କ ସୁଖଦୁଃଖ ପଚାରି ବୁଝିଛନ୍ତି । ଆଉ ସାର୍ବଜନୀନ ଜୀବନରେ ରହିବା ପାଇଁ ଦେଲେ ଗୁରୁମନ୍ତ୍ର ଦେଇଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ତାଙ୍କ ସହ ସମୟ ବିତାଇବାପରେ ବେଶ୍ ଉତ୍ସାହିତ ହୋଇପଡ଼ିଛନ୍ତି ଦଳର ନେତା ଓ ମନ୍ତ୍ରୀମାନେ । ପ୍ରଧାନମନ୍ତ୍ରୀ ମୋଦି ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ପ୍ରାୟ ୨ଘଣ୍ଟା ଧରି ଦଳର ବିଧାୟକ, ସାଂସଦ, ମନ୍ତ୍ରୀ ଓ ବରିଷ୍ଠ ପଦାଧିକାରୀ ମାନଙ୍କ ସହ ସମୟ ବିତାଇଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ସମସ୍ତଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହ ରାତ୍ରିଭୋଜନ କରି ରାଜଭବନ ଫେରିଯାଇଥିଲେ ।



# ୨.୧୦ କେଜି ଗଞ୍ଜେଇ ସହ ଟ୍ରକ୍ ଜବତ : ୨ ଗିରଫ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଏସ୍‌ପିଙ୍କ ନିର୍ଦ୍ଦେଶରେ ସୋନପୁର ଥାନା ଭାରପ୍ରାପ୍ତ ଅଧିକାରୀ ରଞ୍ଜିତ କୁମାର ସାହୁଙ୍କ ନେତୃତ୍ୱରେ ଏକ ସ୍ପେଶାଲ ଟିମ୍ ଦେବାଶିଷ ସାହୁଙ୍କ ନେତୃତ୍ୱରେ ପାଟ୍ରୋଲିଂ କରୁଥିବା ବେଳେ କୌଣସି ସୂତ୍ରରୁ ଖବରପାଇ ଏକ ଆଇଚର କମ୍ପାନୀର ଟ୍ରକ୍ ଯାଞ୍ଚ କରିବାରୁ ସେଥିରୁ ୨ କ୍ୱିଣ୍ଟାଲ ୧୦ କେଜି ଗଞ୍ଜେଇ ଜବତ କରିଛି । ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୨୦ ଲକ୍ଷରୁ ଅଧିକ ହେବ ବୋଲି ସୂଚନା ମିଳିଛି । ସେହିପରି ଟ୍ରକର ମୂଲ୍ୟ ପ୍ରାୟ ୨୦ ଲକ୍ଷ, ଗୋଟିଏ ଫୋନ ୧୦ ହଜାର ମୂଲ୍ୟର ଜିନିଷ ଜବତ କରିଛି । ସୋନପୁର ପୋଲିସ । ଅଭିଯୁକ୍ତ ହରିୟାଣାର ଝାଝର ଜିଲ୍ଲା ନିବାସୀ ଦେବେନ୍ଦର୍ ସିଂହ ଓ ସତୀଶ ସିଂହଙ୍କୁ ସୋନପୁର ପିଏସ କେଶ ନମ୍ବର୍ ୩୮୦ ତାରିଖ ୨୭-୧୧-୨୪, ୨୫/୨୯ ଏନଡିପିଏସ ଧାରାରେ ଗିରଫ କରିଛି । ଏ ଘଟଣା ନେଇ ସୋନପୁର ପୋଲିସ ଷ୍ଟେସନରେ ସୁବର୍ଣ୍ଣପୁର ଏସଡିପି ରାମ ପ୍ରସାଦ ସାହୁଙ୍କ ନେତୃତ୍ୱରେ ଏସଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ ଓ ଆଇଆଇସି ରଞ୍ଜିତ କୁମାର ସାହୁଙ୍କ ଉପସ୍ଥିତିରେ ଏକ ସାମ୍ବାଦିକ ସମ୍ମିଳନୀରେ ଏସପି ସାହୁ ସମସ୍ତ ସୂଚନା ଦେଇଛନ୍ତି । ଏବଂ ଏହା ବୌଦ୍ଧ ଜିଲ୍ଲା କନ୍ଧମାଳ ଅଞ୍ଚଳରୁ ମଜଉଦ ରାଜସ୍ଥାନକୁ ଏହା ଚାଲାଣ ହେଉଥିବା ସୂଚନା ମିଳିଛି ।



# ବୁଗୁଡ଼ାରେ ରୋମିଓ ଗ୍ୟାଙ୍ଗ ସକ୍ରିୟ ଟାର୍ଗେଟରେ ଟ୍ୟୁସନ ଛାତ୍ରୀ

**ବୁଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

ସଂପ୍ରତି ବୁଗୁଡ଼ା ଅଞ୍ଚଳରେ ରୋମିଓ ଗ୍ୟାଙ୍ଗ ସକ୍ରିୟ ହୋଇ ଉଠିଥିବା ବେଳେ ସହରର ବିଭିନ୍ନ ଛକ ଏବଂ ଆଖପାଖ ଗାଁ ରାସ୍ତାରେ ରୋମିଓଙ୍କ ପ୍ରାର୍ଦୁଭାବ ବୃଦ୍ଧି ଚର୍ଚ୍ଚାର ବିଷୟ ପାଲଟିଛି । ବିଶେଷ କରି ରୋଡ୍ ରୋମିଙ୍କ ଟାର୍ଗେଟରେ ନାବାଳିକା ଟ୍ୟୁସନ ଛାତ୍ରୀ ରହିଥିବା ବେଳେ ଏ ନେଇ ଅଭିଭାବକଙ୍କୁ ଚିନ୍ତା ଘାରିଥିବା ଜଣାଯାଇଛି । ଏହି ରୋଡ୍ ରୋମିଓମାନେ ସକାଳେ ଓ ସନ୍ଧ୍ୟାରେ ଦୁଇ ବେଳା ଟିଉସନକୁ ଆସୁଥିବା ଏବଂ ଫେରୁଥିବା ବେଳେ ବୁଗୁଡ଼ାର ପଞ୍ଚାପାତ୍ର ଗଳିଛକ, ଜିଇଓ ଅଫିସ ଗଳି, ବେତାରସିଂ ରାସ୍ତା, ଷ୍ଟାଡିୟମ ଓ ବ୍ଲକ ଛକ ଆଖପାଖରେ ଆଡ୍ଡା ଜମାଇ ଛାତ୍ରୀଙ୍କୁ କମେଣ୍ଟ କରୁଛନ୍ତି । ଏ ନେଇ କୌଣସି ଭଦ୍ରବ୍ୟକ୍ତି କିମ୍ବା ଅଭିଭାବକ କୋଚିଂ ସେଣ୍ଟର ସମ୍ମୁଖରେ ଟହଲ ମାରୁଥିବା ରୋମିଓଙ୍କୁ ଆକଟ କଲେ ରୋମିଓ ଗ୍ୟାଙ୍ଗର ଅନ୍ୟମାନେ ଫୋନ କଲ୍ ପାଇ ଅବିଳମ୍ବେ ସେଠାରେ ପହଞ୍ଚି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଘେରିଯାଇ ଆକ୍ରମଣାତ୍ମକ ଢଙ୍ଗରେ ନାଲି ଆଖି ଦେଖାଉଛନ୍ତି । ଏଥିସହ ବାଇକ୍ ଧରି ଛାତ୍ରୀମାନଙ୍କ ପିଛା କରିବା ସାଙ୍ଗକୁ ଦ୍ରୁତ ଗତିରେ ଓଭର୍‌ଟେକ୍ କରି ରୋମିଓଗିରି ଦେଖାଉଛନ୍ତି । ତେବେ ଲୋକଲଜ୍ଜା ଭୟରେ ଛାତ୍ରୀମାନେ ଏହି କଥା ନିଜ ନିଜର ପରିବାରବର୍ଗଙ୍କୁ କହୁଥିଲେ ହେଁ ପୋଲିସରେ ଅଭିଯୋଗ କରିବାକୁ ପଛଘୁଞ୍ଚା ଦେଉଛନ୍ତି । ପୂର୍ବରୁ ପୋଲିସ ଏହି ରୋଡ୍ ରୋମିଓମାନଙ୍କ ଦୌରାତ୍ମ୍ୟ ପ୍ରତି ଲଗାମ ଲଗାଇ ପ୍ରଶଂସା ପାଇଥିବା ବେଳେ ଏବେ ପ୍ରାୟ ସାତ ମାସ ହେଲା ପୋଲିସର ଢିଲା ପଣ ଯୋଗୁଁ ପୁଣି ସେମାନଙ୍କ ପ୍ରାର୍ଦୁଭାବ ବୃଦ୍ଧି ପାଇଥିବା ଦେଖିବାକୁ ମିଳୁଛି । ଏହି ରୋମିଓ ଗ୍ୟାଙ୍ଗ କୁଆଡ଼େ କିଛି ସ୍ଥାନୀୟ କୁଜିନେତାଙ୍କ ଛତ୍ରଛାୟାରେ ରହି ଏଭଳି ଦୌରାତ୍ମ୍ୟ ଦେଖାଉଥିବା ନେଇ ସାଧାରଣରେ ଆଲୋଚନା ହେଉଛି । ଏଣୁ ଏହି ରୋମିଓମାନଙ୍କୁ ସାବାଡ଼ କରିବା ପାଇଁ ପୋଲିସ କଡ଼ା ପଦକ୍ଷେପ ଗ୍ରହଣ କରିବା ନେଇ ସାଧାରଣରେ ଦୃଢ ଦାବି ହେଉଛି ।

## ଅସ୍ମିତାର ପରିଚୟ ଅ ରୁ କ୍ଷ

# ବିଦ୍ୟା ଫାଉଣ୍ଡେସନର ବିଜେବି କଲେଜରେ ଅଭିନବ କାର୍ଯ୍ୟକ୍ରମ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସମାଜର ଅବହେଳିତ ବଞ୍ଚିତ ଗୋଷ୍ଠୀର କୋମଳମତି ଶିଶୁଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟରତ ବିଦ୍ୟା ଫାଉଣ୍ଡେସନ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନରେ ରାଜଧାନୀର ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାବିଦ୍ୟାଳୟରେ ଅସ୍ମିତାର ପରିଚୟ ଅ ରୁ କ୍ଷ ଅନୁଷ୍ଠିତ ହୋଇ ଯାଇଛି । ବିଜେବି କଲେଜ ସମାଜ ସେବା ବିଭାଗ ସହ ମିଳିତ ଭାବେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଓଡ଼ିଶାର ବିଭିନ୍ନ ଶିକ୍ଷାନୁଷ୍ଠାନର ପିଲାମାନଙ୍କର ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ପ୍ରତି ଶ୍ରଦ୍ଧା ଓ ଆକର୍ଷଣ ବଢାଇବା ପାଇଁ ଅ ରୁ କ୍ଷ ଆନ୍ଦୋଳନ ଜନ୍ମ ନେଇଛି ବୋଲି ବିଦ୍ୟା ଫାଉଣ୍ଡେସନର ସମ୍ପାଦିକା ସୀମନ୍ତିନି ଜେନା ସ୍ୱାଗତ ଅଭିଭାଷଣରେ ପ୍ରକାଶ କରିଥିଲେ । ଡାକ୍ତର ସମ୍ବିତ ସାମଲ ଅଧ୍ୟକ୍ଷତା କରିଥିବା ବେଳେ ବିଭାଗୀୟ ମୁଖ୍ୟା ଡକ୍ଟର ଝରଣା ସ୍ୱାଇଁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ପ୍ରାଧ୍ୟାପକବୃନ୍ଦ ଡକ୍ଟର ଗାୟତ୍ରୀ ପଟ୍ଟନାୟକ, ଡକ୍ଟର ରାଜଶ୍ରୀ ମିଶ୍ର, ସିଦ୍ଧେଶ୍ୱର ମଲ୍ଲ, ଶରତ କୁମାର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଓଡ଼ିଆ ଶବ୍ଦ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅଶୀ ଜଣ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଭାଗ ନେଇଥିଲେ । ସମସ୍ତ ପ୍ରତିଯୋଗୀଙ୍କୁ ଛବିଳ ବର୍ଣ୍ଣବୋଧ ପ୍ରଦାନ କରାଯାଇଥିଲା । ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ଏହା ରୋଜଗାରର ମାଧ୍ୟମ ହେଲେ ସମ୍ଭବପର ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଆଗାମୀଦିନରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଅ ରୁ କ୍ଷ କାର୍ଯ୍ୟକ୍ରମ କରାଯିବ ବୋଲି ଶ୍ରୀମତୀ ଜେନା ପ୍ରକାଶ କରିଥିଲେ ।

# ଲିଭିଲା ମଧୁବାବୁଙ୍କ ସମାଧି ପୀଠରେ ଲେଖାଥିବା ଓଡ଼ିଆ ବାପଟିଷ୍ଟ ଚର୍ଚ୍ଚ

**କଟକ, ନ୍ୟୁଜ୍‌ବ୍ୟୁରୋ**



ଲିଭାଗଲା ମଧୁ ବାବୁଙ୍କ ସମାଧି ପୀଠରେ ଲେଖାଥିବା ଓଡ଼ିଆ ବାପଟିଷ୍ଟ ଚର୍ଚ୍ଚ । କଟକ ମହାନଗର ନିଗମ କମିଶନରଙ୍କ ଉପସ୍ଥିତରେ ମଧୁ ସ୍ମୃତି ସୁରକ୍ଷା ମଞ୍ଚ ପକ୍ଷରୁ ଏହି କାର୍ଯ୍ୟକୁ ସମ୍ପାଦନା କରାଯାଇଛି । ମଧୁବାବୁଙ୍କ ସାମଧି ପୀଠରେ ଏଭଳି ଲେଖାକୁ ବିରୋଧ କରାଯିବା ପରେ କଟକ ମହାନଗର ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା । ମଧୁ ବାବୁଙ୍କ ସାମଧି ପୀଠର ସମ୍ମୁଖ ଗେଟ୍‌ରେ କିଏ ଏଭଳି ଦୁର୍ବୃତ୍ତ ଲେଖିଦେଇଥିବା କଥା ଅଭିଯୋଗ କରିଛନ୍ତି ମଧୁ ସ୍ମୃତି ସୁରକ୍ଷା ମଞ୍ଚ ସମ୍ପାଦକ ସନ୍ତୋଷ କୁମାର ମହାରଣା । ତାଙ୍କ ମତରେ, ଏହି ସ୍ଥାନ ଯେତେବେଳେ ଅବହେଳିତ ଅବସ୍ଥାରେ ରହିଥିଲା ସେହି ସମୟରେ କେହି ଏଠାକୁ ଆସୁନଥିଲେ । କେବଳ ସୁରକ୍ଷା ମଞ୍ଚ ଫୁଲ ଧୂପ ଦେଇ ମଧୁ ସ୍ମୃତି ପୀଠର ସମ୍ମାନକୁ ବଜାୟ ରଖିଥିଲେ । କିନ୍ତୁ ଅପ୍ରେଲ ୨୮ରେ ମଧୁ ବାବୁ ଜୟନ୍ତୀ କାର୍ଯ୍ୟକ୍ରମ ପରେ କେହି ଜଣେ ଦୁର୍ବୃତ୍ତ କଟକ ଓଡ଼ିଆ ବାପଟିଷ୍ଟ ଚର୍ଚ୍ଚ ଲେଖି ଦେଇଥିଲେ । ଯାହା ଓଡ଼ିଆ ଅସ୍ମିତା ପ୍ରତି ଏକ କୁଠାରଘାତ ସଦୃଶ୍ୟ । ମଧୁ ବାବୁ ଓଡ଼ିଆ ଜାତିର କୁଳବୃଦ୍ଧ । ତାଙ୍କ ସମାଧି ସ୍ଥଳରେ ଏପରି ଲେଖିବା କେବେବି ଗ୍ରହଣୀୟ ନୁହଁ ବୋଲି ଦାବି କରିଛି ମଞ୍ଚ । ମଧୁବାବୁ ଓଡ଼ିଆ ଜାତିର ଗର୍ବ ଓ ଗୌରବ କିନ୍ତୁ ତାଙ୍କ ସମାଧି ସ୍ଥଳ ରେ କୌଣସି ସମ୍ପ୍ରଦାୟର ନାଁ ଲେଖିବା ଏକ ନିନ୍ଦନୀୟ ପ୍ରସଙ୍ଗ । ତେଣୁ ବାଧ୍ୟତାମୂଳକ ଭାବରେ ମୁଖ୍ୟ ଫାଟକ ଉପରେ ଲେଖା ଥିବା କଟକ ଓଡ଼ିଆ ବାପଟିଷ୍ଟ ଚର୍ଚ୍ଚ ଲେଖାକୁ ସର୍ବ ସମ୍ମୁଖରେ ଲିଭାଯାଇଥିବା କହିଛନ୍ତି ମଞ୍ଚ ସମ୍ପାଦକ । ଅନ୍ୟପଟେ ଘଟଣା ସ୍ଥଳରେ ସିଏମସି କମିଶନର ଅନାମ ପାତ୍ର ଥିବା ବେଳେ ଏହି କାର୍ଯ୍ୟ ସମ୍ପାଦନ କରଯାଇଛି । ତେବେ କିଏ ଏବଂ କେଉଁ ଉଦ୍ଦେଶ୍ୟରେ ମଧୁ ସ୍ମୃତି ପୀଠରେ ଏଭଳି ଲେଖା ଲେଖିଲା, ତାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଚନା ପର୍ଯ୍ୟାଲୋଚନା ଜାରି ରହିଛି ।

# ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନଗୁଡିକରେ ଓଡ଼ିଆ ଭାଷାରେ ନାମଫଳକ ପ୍ରଦର୍ଶନ

**କଟକ, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଆଇନ୍ ୧୯୫୬ର ଧାରା ୪(୨) ଅନୁଯାୟୀ ରାଜ୍ୟର ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନଗୁଡିକ ସମ୍ମୁଖରେ ସ୍ପଷ୍ଟ ଭାବରେ ଓଡ଼ିଆ ଭାଷାରେ ନାମଫଳକ ପ୍ରଦର୍ଶନ କରିବା ବାଧ୍ୟତାମୂଳକ କରାଯାଇଛି । ଏହି ଆଇନର ଖିଲାପ କଲେ ଉଲ୍ଲଙ୍ଘନକାରୀଙ୍କ ବିରୁଦ୍ଧରେ ପ୍ରଥମଥର ଖିଲାପ ନିମନ୍ତେ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ଥର ଖିଲାପ ନିମନ୍ତେ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଲାଗୁ କରିବାର ବିଧିବ୍ୟବସ୍ଥା ରହିଛି । ଓଡ଼ିଆ ଅସ୍ମିତାକୁ ବଜାୟ ରଖିବା ତଥା ଓଡ଼ିଆ ଭାଷାର ପ୍ରଚାର ପ୍ରସାର ଓ ବ୍ୟବହାର ନିମନ୍ତେ ଜିଲ୍ଲାର ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନଗୁଡିକରେ ଓଡ଼ିଆ ଭାଷାରେ ସ୍ପଷ୍ଟ ଭାବରେ ନାମଫଳକ ପ୍ରଦର୍ଶନ ଅତ୍ୟନ୍ତ ଜରୁରୀ ଅଟେ । ତେଣୁ ରାଜ୍ୟର ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନଗୁଡିକର ମାଲିମାନଙ୍କୁ ଏହି ନିୟମ ପ୍ରତିପାଳନ ନିମନ୍ତେ ଅନୁରୋଧ କରାଯାଉଛି । ଏହାକୁ ସୁନିଶ୍ଚିତ କରିବା ପାଇଁ ଶ୍ରମ ନିର୍ଦ୍ଦେଶାଳୟର ଅଧିକାରୀ ଓ ଗୃହ ଏବଂ ନଗର ଉନ୍ନୟନ ବିଭାଗର ଅଧିକାରୀମାନଙ୍କୁ ଯାଞ୍ଚ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି ।

# ବାଘଛାଲ ସହ ଦେଶୀ ବନ୍ଧୁକ ଜବତ : ୨ ଅଟକ

**ବାଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ ଜି.ଉଦୟଗିରି ବନ ବିଭାଗ ପକ୍ଷରୁ ବାଘ ଛାଲ ଓ ଦେଶୀ ବନ୍ଧୁକ ଜବତ କରାଯାଇଥିବା ବେଳେ ଏ ନେଇ କିନ୍ତୁ ବନ ବିଭାଗ ମୁହଁ ଖୋଲୁ ନାହାନ୍ତି । ଘଟଣାରୁ ପ୍ରକାଶ ଯେ, ଜି.ଉଦୟଗିରି ବନ ବିଭାଗ ଅନ୍ତର୍ଗତ କଳିଙ୍ଗା ସେକ୍ସନରେ ବାଘ ଶିକାର ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ବନ କର୍ମଚାରୀମାନେ ଖବର ପାଇ ଦୁଇଟି ସ୍ଥାନରେ ଚଢ଼ଉ କରି ଜଣେ ବ୍ୟକ୍ତିଙ୍କ ଘରୁ ଏକ ଦେଶୀ ବନ୍ଧୁକ ପାଇଥିବା ବେଳେ ଏହି ଘଟଣାରେ ଦୁଇ ଜଣକୁ ଆଣି ଅଟକ ରଖି ପଚରାଉଚରା କରୁଥିବା ସହ ଏହି ବାଘ ଶିକାରରେ ଆଉ କେତେ ଜଣ ସମ୍ପୃକ୍ତ ଥିବା ନେଇ ତନାଘନା ଚଳାଇଥିବା ବେଳେ ଅନ୍ୟମାନଙ୍କୁ ଧରିବା ପାଇଁ ବନବିଭାଗ ପକ୍ଷରୁ ପ୍ରସ୍ତୁତି ଚାଲିଥିବା ସୂଚନା ମିଳିଛି । କିନ୍ତୁ ଏହି ଘଟଣାକୁ ନେଇ ବନ ବିଭାଗ ଅଧିକାରୀ ମୁହଁ ଖୋଲୁନାହାନ୍ତି । କୌଣସି ପ୍ରତିକ୍ରିୟା ଦେବାକୁ ମଧ୍ୟ ପ୍ରସ୍ତୁତ ନାହାନ୍ତି । ଜି. ଉଦୟଗିରି ବନ ବିଭାଗ ଅଧିକାରୀଙ୍କ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ମରାଯାଇ ଭିତରକୁ କାହାରିକୁ ପ୍ରବେଶ କରିବାକୁ ଦିଆଯାଉନଥିବା ବେଳେ ଖବର ପାଇ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନେ ବନ ବିଭାଗ କାର୍ଯ୍ୟାଳୟକୁ ଖବର ସଂଗ୍ରହ ପାଇଁ ଯାଇ ମୁଖ୍ୟ ଫାଟକ ବାହାରେ ଦୀର୍ଘ ସମୟ ଅପେକ୍ଷା କରି ଫେରିଯାଇଥିଲେ । ଏ ସମ୍ପର୍କରେ ଜି. ଉଦୟଗିରି ବନ ବିଭାଗ ଏସିଏଫ କାଜଲ ନାୟକଙ୍କୁ ଫୋନ ଯୋଗେ ପଚାରିବା ପରେ ସେ ତଦନ୍ତ ଚାଲିଛି । ଆପଣମାନେ ସହଯୋଗ କରନ୍ତୁ ଡିଏଫଓ ସାର ଆସିଲେ ସମସ୍ତ ତଥ୍ୟ ପ୍ରଦାନ କରିବେ ବୋଲି କହିଥିବା ବେଳେ ଫୁଲବାଣୀ ଡିଏଫଓ ପ୍ରଶାନ୍ତ ପଟେଲଙ୍କୁ ଏହି ଘଟଣା ବିଷୟରେ ପଚାରିବା ପରେ ସେ କହିଲେ ତଦନ୍ତ ଚାଲିଛି ଏବେ କିଛି କହି ହେବନି । ତଦନ୍ତରେ ବାଧା ସୃଷ୍ଟି ହେବ । ଏଣୁ ତଦନ୍ତ ସାରିବା ପରେ ସମସ୍ତ ତଥ୍ୟ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଛନ୍ତି ।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କ୍ଷମତାକୁ ଜନ୍ମ ସିଦ୍ଧ ...

ଉପରେ ଅଲଗା ଅଲଗା ମତ ଆସିପାରେ । ରାଜନୈତିକ ଦଳଗୁଡ଼ିକ ନିଜ ନିଜ ବିଚାରକୁ ଲୋକଙ୍କ ସମ୍ମୁଖରେ ରଖନ୍ତି । ଏହା ସେମାନଙ୍କର ଅଧିକାର । ରାଜନୈତିକ ଦଳଗୁଡ଼ିକ ନିଜ ବିଚାର ଲୋକଙ୍କୁ ଜଣାଇବା ପାଇଁ ଓ ସେମାନଙ୍କୁ ଜାଗ୍ରତ କରିବା ପାଇଁ ଆନ୍ଦୋଳନ ବି କରିପାରିବେ । କିନ୍ତୁ ଗତ କିଛି ବର୍ଷ ହେଲା ଏଥିରେ ବହୁତ ବଡ଼ ପରିବର୍ତ୍ତନ ହୋଇଥିବା ଆପଣମାନେ ସମସ୍ତେ ଅନୁଭବ କରୁଥିବେ । ଭାରତର ସମ୍ବିଧାନକୁ ନଷ୍ଟ କରି ଦିଆଯାଉଛି । ଗଣତନ୍ତ୍ରର ସମସ୍ତ ମାନ-ମର୍ଯ୍ୟାଦାକୁ ଅସ୍ୱୀକାର କରାଯାଉଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ବିରୋଧୀଙ୍କୁ ଟାର୍ଗେଟ କରିଥିଲେ ଯେ, କ୍ଷମତା ପାଇଁ ଲାଳାୟିତ ଏହି ଲୋକମାନେ ସାଧାରଣ ଲୋକଙ୍କୁ କେବଳ ବଡ ମିଛ କହିଆସୁଛନ୍ତି । ସେମାନଙ୍କର ଗୋଟିଏ ମିଛ କାମ ନକଲେ, ସେମାନେ ତାଠାରୁ ବଡ଼ ମିଛ କଥା କହନ୍ତି । ୨୦୧୯ରେ ଯେଉଁ ଚୌକିଦାର ସେମାନଙ୍କ ପାଇଁ ଚୋର ଥିଲା, ୨୦୨୪ରେ ସେ ସଚ୍ଚୋଟ ହୋଇଗଲା । ଆଉ ଥରେ ବି ଚୌକିଦାର ଚୋର କହି ଗାଳି କରି ନାହାନ୍ତି । ସେମାନଙ୍କ ଏକମାତ୍ର ଲକ୍ଷ୍ୟ ହେଉଛି ଯେମିତି ହେଉ ଲୋକଙ୍କୁ ବାଟବଣା କରି କ୍ଷମତା ହାସଲ କରିବେ ଓ ଦେଶ ସ୍ୱାଧୀନ ହେବା ପରଠାରୁ ଆଜି ପର୍ଯ୍ୟନ୍ତ ଅଲଗା ଅଲଗା ରୂପରେ ଲୁଟିଥିବା ବେଳେ ପୁଣି ଲୁଟିବାକୁ ମଉକା ପାଇବେ ।

### ଭୁବନେଶ୍ୱରରେ ଡିଜିପି ...

ଆଲୋଚନା ଆରମ୍ଭ ହୋଇଥିବା ବେଳେ ଶନିବାର ଦିବସ ବ୍ୟାପି ବିଭିନ୍ନ ପର୍ଯ୍ୟାୟ ଅଧିବେଶନରେ ବିସ୍ତୃତ ଆଲୋଚନା କରାଯିବାର କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଛି । ବୈଠକ ସରିବା ପରେ ଶ୍ରୀ ଶାହ ଆଇପିଏସ ମେସ୍‌କୁ ଯାଇ ରାତ୍ରିଯାପନ କରିବେ ବୋଲି ସୂଚନା ମିଳିଛି । ଭୁବନେଶ୍ୱରରେ ହେଉଥିବା ଏହି ସମ୍ମିଳନୀ ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ଡିଜିପି ସମ୍ମିଳନୀ ପାଇଁ କମିଶନରେଟ ପୁଲିସ ପକ୍ଷରୁ ରାଜଧାନୀରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି । ସହରର ମୁଖ୍ୟ ଛକଗୁଡ଼ିକରେ ବିଏସ୍‌ଏଫ୍, ସିଆରପିଏଫ ଯବାନଙ୍କ ସମେତ ସୁରକ୍ଷାବାହିନୀର ଅନ୍ୟ କର୍ମଚାରୀ ମୁତୟନ ହୋଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ଭୁବନେଶ୍ୱରର ବିଭିନ୍ନ ରୁଟ୍‌ରେ ଟ୍ରାଫିକ କଟକଣା କରାଯାଇଛି । ମୋଦିଙ୍କୁ ଝଲକ ଟିକେ ପାଇବା ପାଇଁ ବିମାନବନ୍ଦର ଠାରୁ ଆରମ୍ଭ କରି ଲୋକସେବା ଭବନ ପର୍ଯ୍ୟନ୍ତ ରାସ୍ତାକଡ଼ରେ ସମର୍ଥକମାନେ ଭିଡ଼ ଜମାଇଥିବା ଦେଖିବାକୁ ମିଳିଥିଲା ।

### କାରରୁ ବାହାରିଲା...

ଇଟା ଓ ନଗଦ ଟଙ୍କା ଜବତ ହୋଇଛି । ମାପଚୁପ ପରେ ଜବତ ଇଟାର ଓଜନ ୮୮ କେଜି ଓ ନଗଦ ୫ଲକ୍ଷ ଟଙ୍କା କାରରୁ ମିଳିଥିବା ଜଣାଯାଇଛି । ଉକ୍ତ କାରକୁ ପୁଲିସ ଜବତ କରିଥିବା ବେଳେ ଦୁଇଜଣ ବ୍ୟବସାୟୀଙ୍କୁ ଅଟକ ରଖି ଅଧିକ ପଚରାଉଚରା କରୁଛି । ଅଧିକ ପଚରାଉଚରା ପରେ ବିନା ଜିଏସ୍‌ଟିରେ ଏହି ରୁପା ବ୍ୟବସାୟ ହେଉଥିବା ପୁଲିସ ଜାଣିବାକୁ ପାଇଛି । ତେଣୁ ଅଧିକ ତଦନ୍ତ ପାଇଁ ଜିଏସ୍‌ଟି ଅଧିକାରୀଙ୍କୁ ଖବର ଦିଆଯାଇଛି । ସେମାନେ ପହଞ୍ଚି ଦୁଇ ଅଟକ ବ୍ୟକ୍ତିଙ୍କୁ ପଚରାଉଚରା କରିବା ପରେ ଅଧିକ ତଥ୍ୟ ଜଣାପଡ଼ିବ ବୋଲି ପୁଲିସ ଅଧିକାରୀ କହିଛନ୍ତି ।

### ପାକିସ୍ତାନ ବିଶେଷଜ୍ଞଙ୍କ...

ଅନ୍ୟ ଦେଶ ମଧ୍ୟ ଏହା କରିପାରିବେ । ସେ କହିଛନ୍ତି, ଯେତେବେଳେ ଭାରତ ପାକିସ୍ତାନୀ ଖେଳାଳିଙ୍କୁ ଆଇପିଏଲକୁ ନିମନ୍ତ୍ରଣ କରିନଥିଲା, ସେତେବେଳେ ପାକିସ୍ତାନ ମଧ୍ୟ ଭାବିଥିଲା ଯେ ଆମେ ମଧ୍ୟ ଭାରତୀୟମାନଙ୍କୁ କୁ ନିମନ୍ତ୍ରଣ କରିବୁ ନାହିଁ । ସେହିଭଳି, ଯଦି ବାଂଲାଦେଶରେ ଏକ ପ୍ରିମିୟର ଲିଗ ଅଛି ତେବେ ସେମାନେ ମଧ୍ୟ ଭାରତୀୟମାନଙ୍କୁ ଆମନ୍ତ୍ରଣ କରିବେ ନାହିଁ । ତେବେ ଯଦି ଭାରତ ଅନ୍ୟ ଦେଶର ଖେଳାଳିଙ୍କ ପାଇଁ ବିକଳ୍ପ ହ୍ରାସ କରୁଛି, ତେବେ ଏହା ମଧ୍ୟ ନିଜ ଖେଳାଳିଙ୍କ ପାଇଁ ବିକଳ୍ପ ହ୍ରାସ କରୁଛି କି ବୋଲି ସେ ପ୍ରଶ୍ନ କରିଛନ୍ତି । ସେ କହିଛନ୍ତି ଯେ ଯଦି ଏହା ହୁଏ, ତେବେ ନରେନ୍ଦ୍ର ମୋଦି କ୍ଷମତାରେ ଥିବା ପର୍ଯ୍ୟନ୍ତ ଏହି ନୀତି ରହିବ, ଯଦି ସେ କ୍ଷମତାରେ ନାହାଁନ୍ତି ତେବେ ତାହା ଜଣା ପଡିନାହିଁ । ଏହା ସମ୍ଭବ ଯେ ସେ ୨୦୩୪ ପର୍ଯ୍ୟନ୍ତ କ୍ଷମତାରେ ରହିବେ ଏବଂ ମୁଁ ଅନୁଭବ କରୁଛି, କାରଣ ତାଙ୍କର ରାଜନୀତିର ଶୈଳୀ ଏବଂ ସେ ଭାରତର ଲୋକମାନଙ୍କ ମଧ୍ୟରେ ଲୋକପ୍ରିୟ ହୋଇଥିବାରୁ ତାଙ୍କ ରାଜନୀତିର ବ୍ରାଣ୍ଡ ପସନ୍ଦ କରନ୍ତି ସେ ସୁସ୍ଥ ଏବଂ ଫିଟ । ନିରାପଦ ଏବଂ ସୁସ୍ଥ, ସେମାନଙ୍କର କୌଣସି ସମସ୍ୟା ନାହିଁ । ସେ ଏହା ମଧ୍ୟ କହିଛନ୍ତି ଯେ ଏହା ୨୦୨୯ ପର୍ଯ୍ୟନ୍ତ ଜାରି ରହିବ ଏବଂ ପାକିସ୍ତାନ-ବାଂଲାଦେଶ ସହିତ କୌଣସି କ୍ରିକେଟ ହେବ ନାହିଁ । ବର୍ଷ ବର୍ଷ ଧରି, ଏପରି ଏକ ବ୍ୟବଧାନ ରହିବ ଯେ ଜିନିଷଗୁଡିକ ନିକଟତର କରିବା କଷ୍ଟକର ହୋଇଯିବ ଏବଂ ଯଦି କେହି ଚେଷ୍ଟା କରନ୍ତି, ତେବେ ଏହା ଉପରେ ଏକ ଅତିରିକ୍ତ ବିତର୍କ ଆରମ୍ଭ ହେବ । ଯାହାହେଉ, ବାଂଲାଦେଶ ଏବଂ ପାକିସ୍ତାନ ସ୍ଥିରତାର ଦ୍ୱୀପ ନୁହେଁ, ଯାହାକୁ ଲୋକମାନେ କୁହନ୍ତି ଯେ ପାକିସ୍ତାନ କାଲିଫର୍ଣ୍ଣିଆରେ ପରିଣତ ହୋଇଛି ଏବଂ ବାଂଲାଦେଶ ବେଲଜିୟମରେ ପରିଣତ ହୋଇଛି । ତେଣୁ ଆମର ଲୋକମାନେ ସେଠାକୁ ଯିବା ଉଚିତ୍ । ସେ କହିଛନ୍ତି ଯେ ନରେନ୍ଦ୍ର ମୋଦି ଯେଉଁ ରାଜନୀତି ଚୟନ କରୁଛନ୍ତି ତାହା ଲୋକଙ୍କ ପାଇଁ ଭଲ ଏବଂ ଲୋକମାନେ ପାକିସ୍ତାନ ଏବଂ ବାଂଲାଦେଶ ବିଷୟରେ ଚିନ୍ତା କରୁଛନ୍ତି ଏବଂ ଆମ ପାଇଁ ମଧ୍ୟ କେଉଁ ସୁଯୋଗ ରହିଛି ।

### ଦେଶର ପାୱାରଫୁଲ ...

ଏହି ତିନି ଦିନିଆ ସର୍ବଭାରତୀୟ ସମ୍ମିଳନୀରେ ବିଭିନ୍ନ ରାଜ୍ୟର ପୋଲିସ ମୁଖିଆ ଯୋଗ ଦେଇଥିବାବେଳେ, ଉଦ୍‌ଘାଟନ କରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ । ଏହି କନଫରେନ୍ସରେ ଯୋଗଦେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏଥିସହ ମୋଦିଙ୍କ ସ୍ୱତନ୍ତ୍ର ସଚିବ ପିକେ ମିଶ୍ରଙ୍କ ସହ ପରାମର୍ଶଦାତା ତରୁଣ କପୁର ମହାସମ୍ମିଳନୀରେ ବି ଯୋଗ ଦେଉଛନ୍ତି । ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଓ କେନ୍ଦ୍ର ଗୃହ ସଚିବ ଗୋବିନ୍ଦ ମୋହନ । ଦିଲ୍ଲୀ ଦରବାରରେ ସବୁଠୁ ପାୱାରଫୁଲ ଓଡ଼ିଆ ଅଫିସର ପିକେ ମିଶ୍ର କୁହାଯାଏ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରମୁଖ ରଣନୀତିକାରଙ୍କ ମଧ୍ୟରୁ ଅନ୍ୟତମ । ସେହିପରି ସମ୍ମିଳନୀରେ ଯୋଗ ଦେଇଛନ୍ତି ଭାରତୀୟ ଗୁଇନ୍ଦା ବ୍ୟୁରୋର ନିର୍ଦ୍ଦେଶକ ତପନ କୁମାର ଡେକା ଏବଂ ପ୍ରମୁଖ ବୈଷୟିକ ଗୁଇନ୍ଦା ଏଜେନ୍ସି । ନ୍ୟାସନାଲ ଟେକ୍ନିକାଲ ଇଣ୍ଟେଲିଜେନ୍ସ ଅର୍ଗାନାଇଜେସନ- ଏନଟିଆରଓର ଅଧ୍ୟକ୍ଷ ଅରୁଣ କୁମାର ସିହ୍ନା । ସେହିପରି ଦେଶର ପ୍ରମୁଖ ତଦନ୍ତକାରୀ ସଂସ୍ଥା ସିବିଆଇ ନିର୍ଦ୍ଦେଶକ ପ୍ରବୀଣ ସୂଦ ମଧ୍ୟ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକର ଅଂଶ ପାଲଟିଛନ୍ତି ।

### ଦେଶରେ ଖାଲି ...

କେନ୍ଦ୍ରସ୍ତରରେ ବିଭିନ୍ନ ସାମ୍ବିଧାନିକ କର୍ତ୍ତୃପକ୍ଷଙ୍କ ପରାମର୍ଶ ଓ ଅନୁମୋଦନ ଆବଶ୍ୟକ । ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ମେଘୱାଲ କହିଛନ୍ତି, ୫ ବର୍ଷରୁ ଅଧିକ ସମୟ ଧରି ସୁପ୍ରିମକୋର୍ଟରେ ୧୯ ହଜାର ୫୦୦ରୁ ଅଧିକ ମାମଲା ବିଚାରାଧୀନ ରହିଛି । ବିଭିନ୍ନ ହାଇକୋର୍ଟରେ ୨୭ ଲକ୍ଷରୁ ଅଧିକ ମାମଲା ୫ ବର୍ଷରୁ ଅଧିକ ସମୟ ଧରି ବିଚାରାଧୀନ ରହିଛି ।

### ଡିଗ୍ରୀ ପାଠ୍ୟକ୍ରମ...

ସମୟସୀମାକୁ ଦୁଇ ସେମିଷ୍ଟର ପର୍ଯ୍ୟନ୍ତ ବୃଦ୍ଧି କରିପାରିବେ । ଏହି ସବୁ କାର୍ଯ୍ୟକ୍ରମ ପାଇଁ ଛାତ୍ରଛାତ୍ରୀଙ୍କ ଯୋଗ୍ୟତା ମୂଲ୍ୟାଙ୍କନ ପାଇଁ ଉଚ୍ଚଶିକ୍ଷାନୁଷ୍ଠାନ କମିଟି ଗଠନ କରିବ । ଅନୁଷ୍ଠାନଗୁଡ଼ିକ ତ୍ୱରିତ ଡିଗ୍ରୀ କାର୍ଯ୍ୟକ୍ରମ ପାଇଁ ମଞ୍ଜୁରୀପ୍ରାପ୍ତ ନାମଲେଖାର ୧୦ ପ୍ରତିଶତ ପର୍ଯ୍ୟନ୍ତ ନିର୍ଦ୍ଧାରଣ କରିପାରିବେ । ଉକ୍ତ ଶିକ୍ଷାନୁଷ୍ଠାନ ଗୁଡ଼ିକ ପାଠ୍ୟକ୍ରମ ସମାପ୍ତ ହେବା ପରେ ଛାତ୍ରଛାତ୍ରୀଙ୍କୁ ମାନକ ଅବଧି ପରିବର୍ତ୍ତେ ନିର୍ଦ୍ଧାରିତ ଅବଧିରେ ଡିଗ୍ରୀ ପ୍ରଦାନ କରିବେ । ପୂର୍ବରୁ କିମ୍ବା ପରେ ସମାପ୍ତ ହୋଇଥିବା ସ୍ନାତକୋତ୍ତର ଡିଗ୍ରୀକୁ ସମସ୍ତ ନିଯୁକ୍ତି ଏବଂ ଶିକ୍ଷାଗତ ଉଦ୍ଦେଶ୍ୟ ପାଇଁ ମାନକ ଅବଧି ଡିଗ୍ରୀ ସହିତ ସମାନ ଭାବରେ ବିବେଚନା କରାଯିବ ।

### ଓଡ଼ିଶାରେ ୨...

କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, କଟକ, ଯାଜପୁର, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, କନ୍ଧମାଳ, ରାୟଗଡ଼ା, ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ସ୍ୱଳ୍ପ ବର୍ଷା ହୋଇପାରେ । ଏଥିସହ ପାଗ ମେଘୁଆ ରହିବାର ସମ୍ଭାବନା ରହିଛି । ଠିକ ସେହିପରି ୩୦ ଓ ୧ତାରିଖରେ ମଧ୍ୟ କିଛି ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣରବର୍ଷା ହେବାର ସମ୍ଭାବନା ରହିଛି । ଉପକୂଳ ଓଡ଼ିଶାରେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, କଟକ, ଯାଜପୁର, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମାଲକାନଗିରି, କୋରାପୁଟ, ରାୟଗଡ଼ା, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ପାଗ ମେଘୁଆ ରହିବା ସହିତ ଗୋଟିଏରୁ ଦୁଇଟି ସ୍ଥାନାରେ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଛି । ୨ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି । ତାସହ ପାଗ ମେଘୁଆ ରହିପାରେ ଭୁବନେଶ୍ୱରରେ କିଛି କିଛି ସ୍ଥାନରେ ହାଲୁକାରୁ ବର୍ଷା ହେବାର ସମ୍ଭାବନା ରହିଛି ।

### ଭୟଙ୍କର ରୂପ ...

(ଆଇଏମଡି) କହିଛି ଯେ ଏହା ଏକ ଭୟଙ୍କର ଘୂର୍ଣ୍ଣିବଳୟ । ଏହା ଉତ୍ତର ଦିଗକୁ ଯିବାର ସମ୍ଭାବନା ଅଛି । ଏହା ୩୦ ତାରିଖରେ ଉତ୍ତର ଏବଂ ଉତ୍ତର ପଶ୍ଚିମ ଦିଗକୁ ଗତି କରିବ ବୋଲି ଆଶା କରାଯାଉଛି । ଆଇଏମଡି କହିଛି ଯେ ଏହି ଘୂର୍ଣ୍ଣିବଳୟ ଫଳରେ ଘଣ୍ଟା ପ୍ରତି ୪୫ ରୁ ୫୫ କିଲୋମିଟର ବେଗରେ ପବନ ବୋହିବ । ଏହି କାରଣରୁ, ଡିସେମ୍ବର ୨ ପର୍ଯ୍ୟନ୍ତ ଆନ୍ଧ୍ରରେ ହାଲୁକାରୁ ମଧ୍ୟମ ବର୍ଷା ହେବ । ଯଦି ପବନର ବେଗକୁ ଦେଖିବା, ବଙ୍ଗୋପସାଗରରେ ଘଣ୍ଟା ପ୍ରତି ୫୦ କିଲୋମିଟରରୁ ଅଧିକ ବେଗରେ ପବନ ବହିବ । ଆନ୍ଧ୍ରପ୍ରଦେଶରେ ଘଣ୍ଟା ପ୍ରତି ୧୫ କିଲୋମିଟର ବେଗରେ ଏବଂ ତେଲେଙ୍ଗାନାରେ ଘଣ୍ଟା ପ୍ରତି ୧୪ କିଲୋମିଟର ବେଗରେ ପବନ ବହିବ । ଅଧିକାରୀମାନେ ମତ୍ସ୍ୟଜୀବୀମାନଙ୍କୁ ମାଛ ଧରିବାକୁ ନଯିବାକୁ ପରାମର୍ଶ ଦେଇଥିଲେ ।

### ପ୍ରତି ୨୧ ...

କୌଣସି ଗ୍ରହ ପାଇଁ କଷ୍ଟକର ହୋଇପଡ଼ିଥାଏ । କିନ୍ତୁ ତାହା ଟିଓଆଇ-୩୨୬୧ ବି ଗ୍ରହ କ୍ଷେତ୍ରରେ ସମ୍ଭବ ହୋଇପାରିଛି । ବୈଜ୍ଞାନିକମାନେ ଅନୁମାନ କରିଛନ୍ତି, ପ୍ରାରମ୍ଭିକ ସମୟରେ ଏହି ଗ୍ରହ ସବୁଠୁ ବଡ଼ ବୃହସ୍ପତି ଗ୍ରହ ଆକାରର ରହିଥିଲା । ତେବେ ପରେ ଏହା ନିଜର ଗୁରୁତ୍ୱପୂର୍ଣ୍ଣ ଅଂଶ ହରାଇଥିଲା । ନେପଚ୍ୟୁନଠାରୁ ୨ ଗୁଣା ଅଧିକ ଘନ ହୋଇଥିବା ଟିଓଆଇ-୩୨୬୧ ବି ଗ୍ରହରେ ସମ୍ପ୍ରତି କେବଳ ଭାରୀ ବାୟୁ ମଣ୍ଡଳୀୟ ଉପାଦାନଗୁଡ଼ିକ ରହିଛି । ଏହାର ବୈଶିଷ୍ଟ୍ୟ ସୌର ଜଗତ ବାହାରେ ଗ୍ରହ ଗଠନ ସମ୍ବନ୍ଧିତ ପରବର୍ତ୍ତୀ ଅଧ୍ୟୟନ ପାଇଁ ଅନନ୍ୟ ସୁଯୋଗ ପ୍ରଦାନ କରୁଛି । ଅଧ୍ୟୟନ ଅନୁଯାୟୀ, ଆମେରିକୀୟ ମହାକାଶ ସଂସ୍ଥା(ନାସା)ର ଜେମ୍ସ ୱେବ ସ୍ପେସ ଟେଲିସ୍କୋପକୁ ବ୍ୟବହାର କରି ଟିଓଆଇ-୩୨୬୧ ବି ଗ୍ରହର ବାୟୁମଣ୍ଡଳୀୟ ବିଶ୍ଳେଷଣ କରାଯାଇପାରିବ । ତେବେ କେବଳ ଟିଓଆଇ-୩୨୬୧ ବି ନୁହେଁ ୨୦୨୦ ପରେ ଏଲଟିଟି-୯୭୭୯ବି, ଟିଓଆଇ-୮୪୯ ବି, ଟିଓଆଇ ୩୩୨ ବି ପରି ଗ୍ରହର ଆବିଷ୍କାର ହୋଇଛି, ଯାହାର ବୈଶିଷ୍ଟ୍ୟ ଗ୍ରହ ନିର୍ମାଣ ଏବଂ ବିକାଶ ପାଇଁ ରହିଥିବା ପାରମ୍ପରିକ ବୈଜ୍ଞାନିକ ତତ୍ତ୍ୱଠାରୁ ଭିନ୍ନ ରହିଛି । ଟିଓଆଇ-୩୨୬୧ ବି ଗ୍ରହକୁ ନେଇ ଅଧିକ ଅଧ୍ୟୟନ ଦ୍ୱାରା ସୌର ଜଗତ ବାହାରେ ଗରମ ଏବଂ ବିଶାଳ ଗ୍ରହ ଗଠନ ନେଇ ଭୌତିକ ପ୍ରକ୍ରିୟା ସମ୍ବନ୍ଧିତ ଗଭୀର ଜ୍ଞାନ ଆରୋହଣ କରିବାକୁ ମିଳିବ ବୋଲି ବୈଜ୍ଞାନିକମାନେ ଆଶା ପ୍ରକଟ କରିଛନ୍ତି ।


06670-235504
E_Mail: serwbpt@yahoo.com

O-727

GOVT. OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS, CIRCLE, BHAWANIPATNA

Bid identification No.:- BPT/Online-06/2024-25 Date-21.11.2024

NOTICE INVITING TENDERS FOR ROAD WORKS IN ODISHA
NATIONAL COMPETITIVE BIDDING THROUGH e-Procurement

1. Name of the Work : Construction of Road works under MMSY-Improvement to Existing RD Roads, MMSY-TRIP and MMSY CMRL Schemes in the district Kalahandi and Nuapada.
2. No of Works : 27 Nos.
3. Location details : Kalahandi and Nuapada District
4. Estimated Cost : As per NIT.
5. Period of Completion : As per NIT.
6. Cost of tender paper : Rs.10,000/- per set.
7. Other details :

| Availability of tender for online bidding | | Last date & time for seeking tender clarification | Date and time of opening of technical bid |
|---|---|---|---|
| From | To | | |
| 05.12.2024 11.00 A.M. | 24.12.2024 5.00 P.M. | 23.12.2024 | 26.12.2024 at 11.00 A.M. |

Further details can be seen from web site "www.tendersorissa.gov.in"

OIPR : 25102/11/0006/2425

Chief Construction Engineer
Rural Works Circle, Bhawanipatna



GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, JAJPUR

O-746

Letter No. 5474 / Date 28.11.2024

2 nd Corrigendum to Bid Identification No. Tender Online 03 JJPT of 2024-25 invited this office Letter No. 4870, Dtd. 22.10.2024.

The Change as detailed below are hereby made in the above N.I.T

| Procure ment Officer | Bid Identifi cation No. | Availability of Tender on-line for bidding | | | | Last date & time of seeking tender clarification | | Date & Time of opening of Technical Bid | | Fina ncial Bid |
|---|---|---|---|---|---|---|---|---|---|---|
| | | From | | To | | | | | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| | | As earlier | Modified | As earlier | Modified | As earlier | Modified | As earlier | Modified | |
| Executive Engineer, Rural Works Division, Jajpur. | Tender Online 03 JJPT of 2024-25 | 20.11.24 at at 10.00 AM | 2.12.24 at 10.00 AM | 2.12.24 up to 5.00 PM | 12.12.24 up to 5.00 PM | 2.12.24 up to 5.00PM | 12.12.24 up to 2.00 PM | 2.12.24 at 11.30 AM | 13.12..2024 at 11.30 AM | To be Intimated later |

OIPR : 25047/11/0010/2425

Superintending Engineer
R.W. Division, Jajpur



GOVERNMENT OF ODISHA
OFFICE OF THE EXECUTIVE ENGINEER (C), DIRECTORATE OF FISHERIES, ODISHA, CUTTACK
E-MAIL: - cefedcuttack@gmail.com

M-50

Bid identification No. 8043 / Dt. 28.11.2024 //

1. No. of works : 06 (Two) Number of Civil works.
2. Type of works : Civil works.
3. Approximate Estimated Cost : Rs. 20.35 Lakhs to Rs. 77.02 Lakhs
4. Class of Contractor : 'C' & 'B'
5. Period of Completion : 06 [SIX] Calendar months.
6. Date of Sale & Receipt : Dt. 05.12.2024 to 2.00 PM of Dt. 13.12.2024. (Working days only).
7. Date of Opening : Dt. 16.12.2024 at 11:00 AM.
8. Name of Office inviting Bid : Executive Engineer (C), Directorate of Fisheries, Odisha, Cuttack.

Further details can be seen in the bidding documents & can be down loaded from the Government of Odisha website (http.//www.odisha.gov.in). Authority reserves the right to reject any or all the tenders without assigning any reasons thereof.

OIPR : 06030/11/0021/2425

Executive Engineer (C)
Directorate of Fisheries
Odisha, Cuttack

ଭୁବନେଶ୍ୱର
୩୦ ନଭେମ୍ବର
ଶନିବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/25-27

# ନୌସେନା ଦିବସ ପୂର୍ବରୁ ମହାପ୍ରଭୁଙ୍କୁ ନିଉତା : ମନ୍ଦିର ଯାଇ ନିମନ୍ତ୍ରଣ କଲେ ଅଧିକାରୀ

**ପୁରୀ, ୨୯।୧୧**
**ନ୍ୟୁଜ୍ ବ୍ୟୁରୋ**



ନୌସେନା ଦିବସ ପାଳନ ପୂର୍ବରୁ ମହାପ୍ରଭୁଙ୍କୁ ନିମନ୍ତ୍ରଣ। ନୌସେନାର ବରିଷ୍ଠ ଅଧିକାରୀମାନେ ମହାପ୍ରଭୁଙ୍କୁ କରିଛନ୍ତି ନିମନ୍ତ୍ରଣ। ଶ୍ରୀମନ୍ଦିର ଯାଇ ପ୍ରଥମ ନିମନ୍ତ୍ରଣ ପତ୍ର ମହାପ୍ରଭୁଙ୍କୁ ପ୍ରଦାନ କରିଛନ୍ତି ନୌସେନାର ବରିଷ୍ଠ ଅଧିକାରୀ। ଆଇଏନଏସ୍ କଳିଙ୍ଗର ଅଫିସର ପ୍ରଦୀପ ପଟେଲ ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କ ନିକଟରେ ନିମନ୍ତ୍ରଣ ପତ୍ର ଲାଗି କରିଛନ୍ତି। ଡିସେମ୍ବର ୪ ତାରିଖରେ ପାଳନ ହେବ ନୌସେନା ଦିବସ। ଓଡ଼ିଶାରେ ପ୍ରଥମ ଥର ପାଇଁ ପୁରୀ ତଟରେ ଡିସେମ୍ବର ୪ ତାରିଖରେ ପାଳନ ହେବ ନୌସେନା ଦିବସ। ଏଥିରେ ମୁଖ୍ୟଅତିଥି ଭାବରେ ଯୋଗଦେବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଏଥିପାଇଁ ଆରମ୍ଭ ହୋଇଯାଇଛି କାଉଣ୍ଟଡାଉନ। ରାଷ୍ଟ୍ରପତିଙ୍କ ସମେତ ପ୍ରତିରକ୍ଷା ମନ୍ତ୍ରୀ ଓ ତିନି ସେନାର ମୁଖ୍ୟ ବସିବା ପାଇଁ ବ୍ଲୁ ଫ୍ଲାଗ୍ ବିଚ୍‌ରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବେଳେ ଲାଇଟ୍ ହାଉସ୍ ଠାରୁ ଦିଗବାରେଣି ଖୁଣ୍ଟି ଏବଂ ନୀଳାଦ୍ରି ବିଚ୍‌ରୁ ପେଣ୍ଟକଟା ପର୍ଯ୍ୟନ୍ତ ସବୁସ୍ଥାନରେ ଦେଖିହେବ ନୌସେନାର ରଣ କୌଶଳ। ଯୁଦ୍ଧଭୂମିର ଭ୍ରମ। ଘୁଁ ଘୁଁ ଗର୍ଜନ ସହ ପ୍ରସ୍ତୁତ ହେଉଛି ଯୁଦ୍ଧ ଟ୍ୟାଙ୍କ। ବ୍ଲୁ ଫ୍ଲାଗ୍ ବିଚ୍‌ରେ ନେଭି ଡେ' ପାଳନ ପାଇଁ ଆରମ୍ଭ ହୋଇଯାଇଛି କାଉଣ୍ଟଡାଉନ। ବାହ୍ୟ ଶତ୍ରୁ ଆକ୍ରମଣର ମୁକାବିଲା ସହ ପରାକ୍ରମ ଦେଖାଇବାକୁ କେତେ ସଜାଗ ଭାରତୀୟ ନୌସେନା, ସେନେଇ ପ୍ରଦର୍ଶିତ ହେବ ଦୁଃସାହସିକ ରଣକୌଶଳ। ନୌସେନାର ବୀରତ୍ୱର ବାର୍ତ୍ତା ଦେଇ ପରେଡ୍ କରିବେ ଭାରତୀୟ ନୌସେନା ଯବାନ। ଏଥିପାଇଁ ଜୋରସୋରରେ ଚାଲିଛି ଅଭ୍ୟାସ।

# ଡିସେମ୍ବର ୨ ପର୍ଯ୍ୟନ୍ତ ଦିଲ୍ଲୀ ଓ ଏନସିଆରରେ ଜାରି ରହିବ ଗ୍ରାପ୍-୪ କଟକଣା

**ନୂଆଦିଲ୍ଲୀ, ୨୯।୧୧**

ରାଜଧାନୀ ଦିଲ୍ଲୀ ଓ ଏନସିଆରରେ ବାୟୁ ପ୍ରଦୂଷଣ ସ୍ତର ଲଗାତାର ବଢିବାରେ ଲାଗିଛି। ଏଣୁ ସୁପ୍ରିମକୋର୍ଟ ଗ୍ରେଡେଡ୍ ରେସ୍ପନସ୍ ଆକ୍ସନ ପ୍ଲାନ ଗ୍ରାପ୍-୪ କଟକଣା ହଟାଇବାକୁ ମନା କରିଦେଇଛନ୍ତି। କୋର୍ଟ ଦିଲ୍ଲୀ ଓ ଏନସିଆର ଅଞ୍ଚଳରେ ଡିସେମ୍ବର ୨ ତାରିଖ ପର୍ଯ୍ୟନ୍ତ ଗ୍ରାପ୍-୪ ଜାରି ରହିବ ବୋଲି କହିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ ଗ୍ରାପ୍-୪ ଲାଗୁ ହେବା କାଳରେ ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ହେବା ଦରକାର। ସୁପ୍ରିମକୋର୍ଟ କହିଛନ୍ତି ଯେ କେବଳ ସ୍କୁଲକୁ ଛାଡି ଦେଲେ ବାକି ସବୁ ସ୍ଥାନରେ ଗ୍ରାପ୍-୪ର ଉପାୟ ୨ ଡିସେମ୍ବର ସୋମବାର ପର୍ଯ୍ୟନ୍ତ ବଳବତ୍ତର ରହିବ। ଏଥି ମଧ୍ୟରେ କୋର୍ଟ ବାୟୁ ଗୁଣମାନ ପ୍ରବନ୍ଧନ ଆୟୋଗ (ସିଏକ୍ୟୁଏମ)ଙ୍କୁ ଏକ ବୈଠକ ଆୟୋଜନ କରି ଗ୍ରାପ୍-୪,୩ ଅଥବା ୨କୁ ଯିବା ଲାଗି ପରାମର୍ଶ ଦେବାକୁ କହିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ କୋର୍ଟ କମିଶନରଙ୍କ ଠାରୁ ଜଣାପଡୁଛି ଯେ ସମ୍ବନ୍ଧିତ ଅଧିକାରୀ ଗ୍ରାପ୍-୪ କଟକଣା ଉପଯୁକ୍ତ ଭାବେ ଲାଗୁ କରିବାରେ ବିଫଳ ହୋଇଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଏବେ ଡିସେମ୍ବର ୨ ତାରିଖରେ ହେବ। ଉଲ୍ଲେଖଯୋଗ୍ୟ ଯେ ନଭେମ୍ବର ୧୮ ତାରିଖ ସକାଳ ସାଢେ ୮ଟାରୁ ରାଜଧାନୀ ଦିଲ୍ଲୀ ଓ ଏନସିଆରରେ ଗ୍ରାପ୍-୪ କଟକଣା ଲାଗୁ ହୋଇଥିଲା। ଏହି କଟକଣା ଯୋଗୁ ଦିଲ୍ଲୀକୁ ଟ୍ରକ୍ ପ୍ରବେଶ ନିଷିଦ୍ଧ ହୋଇଛି। ଏନସିଆରରେ ସଡ଼କ, ଫ୍ଲାଇଓଭର ସମେତ ବିଭିନ୍ନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟରେ ରୋକ ଲାଗିଛି। ତେବେ ସୁପ୍ରିମକୋର୍ଟ ଏହି କଟକଣାରୁ ସ୍କୁଲ ଓ ଶିକ୍ଷାନୁଷ୍ଠାନ ଗୁଡିକୁ ବାଦ୍ ଦେଇଥିଲେ। ଏଣୁ କୋର୍ଟ ଗତ ସୋମବର ସିକ୍ୟୁଏମଙ୍କୁ ସ୍କୁଲ ଖୋଲିବା ପାଇଁ ବିଚାର କରିବାକୁ କହିଥିଲେ। ଉଲ୍ଲେଖଯୋଗ୍ୟ ଯେ ଗୁରୁବାର ସକାଳେ ଦିଲ୍ଲୀରେ ବାୟୁ ପ୍ରଦୂଷଣ ସ୍ତରରେ ବୃଦ୍ଧି ଦେଖାଯାଇଛି। ଏଥିରେ ଦିଲ୍ଲୀର ଏୟାର କ୍ୱାଲିଟି ବହୁତ ଖରାପ ଶ୍ରେଣୀରେ ଥିଲା। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ତଥ୍ୟ ଅନୁସାରେ ସକାଳ ୯ଟା ବେଳେ ଦିଲ୍ଲୀର ଏୟାର କ୍ୱାଲିଟି ଇଣ୍ଡେକ୍ସ ୩୧୩ ରେକର୍ଡ କରାଯାଇଛି। ତେବେ ଦିନକ ପୂର୍ବରୁ ଅର୍ଥାତ ବୁଧବାର ସକାଳ ୯ଟା ବେଳେ ଏହା ୩୦୧ ଥିଲା। ଜାତୀୟ ରାଜଧାନୀ ବହଳ କୁହୁଡିରେ ଆଚ୍ଛାଦିତ ଥିଲା।






ଭୁବନେଶ୍ୱର : ତିନିଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବିମାନ ବନ୍ଦର ଠାରେ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ। (ଫଟୋ : ସମ୍ବାଦ କଳିକା)

# ପରକୀୟା ପ୍ରୀତି : ସହମତିରେ ଶାରୀରିକ ସମ୍ପର୍କ ଦୁଷ୍କର୍ମ ନୁହେଁ

**ନୂଆଦିଲ୍ଲୀ, ୨୯।୧୧**



ସୁପ୍ରିମକୋର୍ଟ ଦୁଷ୍କର୍ମ ମାମଲାରେ ଏକ ବଡ଼ ରାୟ ଦେଇଛନ୍ତି। ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ ବହୁ ଦିନର ସମ୍ପର୍କ ଖରାପ ହେଲେ ଦୁଷ୍କର୍ମ ଅଭିଯୋଗ କରାଯାଇ ପାରିବ ନାହିଁ। ମୁମ୍ବାଇର ଖାରଘର ପୋଲିସ ଷ୍ଟେସନରେ ରୁଜୁ ଏକ ଏଫଆଇଆରକୁ ରଦ୍ଦ କରି ସୁପ୍ରିମକୋର୍ଟ ଏହି କଥା କହିଛନ୍ତି। ଜଷ୍ଟିସ୍ ବିଭି ନାଗରତ୍ନା ଏବଂ ଏନ୍. କୋଟେଶ୍ୱର ସିଂହଙ୍କ ଖଣ୍ଡପୀଠ କହିଛନ୍ତି ଯେ ସହମତିରେ ସ୍ଥାପନ ହୋଇଥିବା ସମ୍ପର୍କ ବିଗିଡ଼ିଲେ ଏହାକୁ ଅପରାଧିକ ମାମଲା କରିବା ଚିନ୍ତାର ବିଷୟ ପାଲଟିଛି। ସୂଚନା ଅନୁସାରେ ମହେଶ ଦାମୁ ଖରେଙ୍କ ବିରୋଧରେ ଜଣେ ମହିଳା ଅଭିଯୋଗ କରିଥିଲେ। ସୁପ୍ରିମକୋର୍ଟ କହିଛନ୍ତି ଯେ ଯଦି ଜଣେ ମହିଳା ଜାଣିଶୁଣି ବହୁ ଦିନ ଯାଏ ଶାରୀରିକ ସମ୍ପର୍କ ରଖନ୍ତି, ତେବେ ବିବାହ ପ୍ରତିଶ୍ରୁତି କାରଣରୁ କରିଛନ୍ତି ବୋଲି କହିପାରିବେ ନାହିଁ। ସର୍ବୋଚ୍ଚ କୋର୍ଟ କହିଛନ୍ତି ଯେ ଶାରୀରିକ ସମ୍ପର୍କ ନିଶ୍ଚିତ ରୂପେ ବିବାହର କଥିତ ପ୍ରତିଶ୍ରୁତି କାରଣରୁ କରିଛନ୍ତି ବୋଲି କହିପାରିବେ ନାହିଁ। ଅଭିଯୁକ୍ତ ବିବାହିତ ଥିଲେ ଏବଂ ଅଭିଯୋଗକାରୀ ମହିଳା ବିଧବା। ଦୁହେଁ ୨୦୦୮ ମସିହାରୁ ପରସ୍ପର ସମ୍ପର୍କରେ ଥିଲେ। ମହିଳା ଅଭିଯୋଗ କରିଥିଲେ ଯେ ଖରେ ବିବାହର ମିଛ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଅନ୍ୟପଟେ ଖରେଙ୍କ ପତ୍ନୀ ଅଭିଯୋଗକାରୀ ମହିଳାଙ୍କ ବିରୋଧରେ ଜୋର କରି ଟଙ୍କା ଦାବି କରିବା ଅଭିଯୋଗ କରିଥିଲେ। ୨୦୧୭ ମାର୍ଚ୍ଚରେ ମହିଳା ଜଣକ ଖରେଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ କରିଥିଲେ। ସୁପ୍ରିମକୋର୍ଟ କହିଛନ୍ତି ଯେ ବିବାହ ପ୍ରତିଶ୍ରୁତି ଭାଙ୍ଗିବା ଅଭିଯୋଗ ପୀଡ଼ିତା ମହିଳାଙ୍କ ଦ୍ୱାରା ତୁରନ୍ତ କରାଯିବାର ଥିଲା। ୯ ବର୍ଷ ଯାଏ ଶାରିରୀକ ସମ୍ପର୍କ ରଖିବା ପରେ ନୁହେଁ। ସର୍ବୋଚ୍ଚ ଅଦାଲତ ଏହିଭଳି ଘଟଣାର ବୃଦ୍ଧି ଉପରେ ଚିନ୍ତା ପ୍ରକଟ କରିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି, ସହମତିରେ ଚାଲିଥିବା ବହୁ ଦିନର ସମ୍ପର୍କ ଖରାପ ହେବା କ୍ଷେତ୍ରରେ ଅପରାଧିକ ମାମଲା କରିବା ପ୍ରବୃତ୍ତି ଚିନ୍ତାଜନକ ଅଟେ।

## ଜଙ୍ଗଲ ସୁରକ୍ଷା ପାଇଁ ଗଡ଼ିବ ୧୩୯ଟି ଗାଡ଼ି

**ଭୁବନେଶ୍ୱର, ୨୯।୧୧**
**ନ୍ୟୁଜ୍ ବ୍ୟୁରୋ**

ଜଙ୍ଗଲ ସୁରକ୍ଷାରେ ଗଡିବ ୧୩୯ ଗାଡ଼ି। ଜଙ୍ଗଲ ସୁରକ୍ଷାକୁ ମଜବୁତ କରିବା ଉଦ୍ଦେଶ୍ୟରେ ଏହି ଯୋଜନା କରାଯାଇଛି। ଏହି ଯୋଜନାରେ ବିଭିନ୍ନ ଜଙ୍ଗଲ ଓ ବନ୍ୟପ୍ରାଣୀ ବିଭାଗକୁ ୩ ପ୍ରକାରର ୧୩୯ଟି ଯାନ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ଏହି ଯାନଗୁଡ଼ିକ ମଧ୍ୟରେ ରହିଛି ୫୧ଟି ଅଲ-ଟେରେନ୍ ଯାନ, ୪୧ଟି ଜଳ ସିଞ୍ଚନ ଅଗ୍ନି ନିର୍ବାପକ ଏବଂ ୪୭ଟି ଅଗ୍ନି ନିରାକରଣ ସହାୟତା ଯାନ। ରାଜ୍ୟ ଉଦ୍ଭିଦ ଉଦ୍ୟାନଠାରେ ବନ ବାହିନୀର ମୁଖ୍ୟ ଓ ବନ୍ୟପ୍ରାଣୀ ବିଭାଗର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଗାଡ଼ିଗୁଡିକ ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି।



ଭୁବନେଶ୍ୱର : ଡିଜିପି ସମ୍ମିଳନୀ ପାଇଁ ଓଡ଼ିଶା ଗସ୍ତରେ ଆସିଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କୁ ଭୁବନେଶ୍ୱର ବିମାନ ବନ୍ଦର ଠାରେ ସ୍ୱାଗତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। (ଫଟୋ : ସମ୍ବାଦ କଳିକା)

# ଭାରରେ ବୁହାହେଲେ ଗର୍ଭବତୀ : ଆମ୍ବୁଲାନ୍ସ ପହଞ୍ଚି ପାରିଲାନି

**ନୀଳଗିରି, ୨୯।୧୧**
**ନ୍ୟୁଜ୍ ବ୍ୟୁରୋ**

ନୀଳଗିରିରେ ଜନନୀ ଯନ୍ତ୍ରଣାର ବିକଳ ଚିତ୍ର। ସଠିକ ସମୟରେ ପହଞ୍ଚିଲାନି ଆମ୍ବୁଲାନ୍ସ। ବାଧ ହୋଇ ଖଟିଆରେ ବୁହାହେଲେ ପ୍ରସୂତି। ବଦଳିଛି ସରକାର ହେଲେ ବଦଳିନି ନୀଳଗିରିରେ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର। ଖବର ଦେବାପରେ ବି ପହଞ୍ଚିଲା ନାହିଁ ୧୦୨ ଜନନୀ ଏକ୍ସପ୍ରେସ୍। ୧କିଲୋମିଟର ପର୍ଯ୍ୟନ୍ତ ଖଟିଆରେ ବୁହାହେଲେ ଗର୍ଭବତୀ ମହିଳା। ଗରଡିହୀ ପଞ୍ଚାୟତ କାଞ୍ଚିଆମୁହାଁ ଗାଁରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଶୁକ୍ରବାର ସକାଳେ ଭୈରବ ମଲିକଙ୍କ ସ୍ତ୍ରୀ ରଞ୍ଜିତା ପାତ୍ରଙ୍କ ଗର୍ଭ ଯନ୍ତ୍ରଣା ହେବାରୁ ଆମ୍ବୁଲାନ୍ସକୁ ଫୋନ କରିବା ପରେ ଗାଁ ଆଶା ଦିଦିଙ୍କୁ ଖବର ଦେଇଥିଲେ ଆମ୍ବୁଲାନ୍ସ ଡାକିବା ପାଇଁ। କିନ୍ତୁ ୪୫ ମିନିଟରୁ ଊର୍ଦ୍ଧ୍ୱ ସମୟ ବିତିବାରୁ ତାଙ୍କ ନିକଟରେ ଆମ୍ବୁଲାନ୍ସ ପହଞ୍ଚି ପାରିନଥିଲା। କିଛି ଉପାୟ ନ ପାଇ ଭୈରବ ନିଜ ଗର୍ଭବତୀ ସ୍ତ୍ରୀକୁ ମେଡିକାଲ ନେବା ପାଇଁ ୧କିଲୋମିଟର ଦୂର ପର୍ଯ୍ୟନ୍ତ ଖଟିଆ ଯୋଗେ ନେଉଥିଲେ। ପରେ କାର୍ ଯୋଗେ ମେଡିକାଲରେ ଗର୍ଭବତୀ ସ୍ତ୍ରୀକୁ ଭର୍ତ୍ତି କରିଥିଲେ ପରିବାର ଲୋକେ। ତେବେ ଗାଁରେ କାହିଁକି ପହଞ୍ଚିଲା ନାହିଁ ଆମ୍ବୁଲାନ୍ସ, ରାସ୍ତା ସମସ୍ୟା ନା ଆମ୍ବୁଲାନ୍ସ କର୍ମଚାରୀଙ୍କ ଭୁଲ ତାହା ତଦନ୍ତ ସାପେକ୍ଷ।

**ପ୍ରକାଶ ଅପେକ୍ଷାରେ...**

**ମାସିକ ଗଳ୍ପ ପତ୍ରିକା 'କଥାକଳିକା': ଡିସେମ୍ବର-୨୪ ସଂଖ୍ୟା**




**ଏଥର ସଂଖ୍ୟାରେ...**

**ସ୍ମରଣୀୟ କଥା :** ଗଙ୍ଗାଧର ବିଶ୍ୱାଳ।
**ସମକାଳର କଥା :** ସୀମାଞ୍ଚଳ ଦାଶ, ବିପ୍ଳବ ରଞ୍ଜନ ପତି, ରଜନୀକାନ୍ତ ମିଶ୍ର, କନକମଞ୍ଜରୀ ମିଶ୍ର, ବିଦ୍ୟାଧର ଗୁରୁ, ମନୋଜ କୁମାର ଜେନା, ସୁକାନ୍ତି ରାଉତ, ସ୍ୱାଗତିକା ସେଠୀ।
**ଅନ୍ୟ ଭାଷାର କଥା :** ଅଶୋକ କୁମାର ସା।
**ଯୁବ ମାନସର କଥା :** ସନ୍ତୋଷୀ ସ୍ୱାଇଁ, ପାରମିତା ସାହୁ, ପ୍ରଭାତୀ ଜେନା, ସୁଷମା ଲେଙ୍କା, ବିନୋଦିନୀ ଗନ୍ତାୟତ, ପଦ୍ମାଳୟା ପାଢ଼ୀ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

# 'ମୋ ବସ୍' ଚଳାଚଳ ଉପରେ କଟକଣା

**ଭୁବନେଶ୍ୱର, ୨୯।୧୧ :ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱରରେ ହେଉଥିବା ସର୍ବଭାରତୀୟ ଡିଜିପି ସମ୍ମିଳନୀ ପାଇଁ କଡ଼ା ସୁରକ୍ଷା ବଳୟରେ ରହିଛି ରାଜଧାନୀ। ଭିଡ଼ ନିୟନ୍ତ୍ରଣ ଓ ଟ୍ରାଫିକ ପାଇଁ ବ୍ୟାପକ ବ୍ୟବସ୍ଥା କରିଛି କମିଶନରେଟ୍ ପୁଲିସ। ୨୯ରୁ ୧ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରର ବିଭିନ୍ନ ସ୍ଥାନ ପାଇଁ କଟକଣା ଜାରି ହୋଇଛି। ଭିଭିଆଇପିଙ୍କ ଗସ୍ତ କରିବା ରାସ୍ତାରେ ଯାନବାହାନ ଚଳାଚଳ ମନା ହୋଇଛି। ବିଶେଷକରି ଏୟାରପୋର୍ଟ ଛକରୁ ପିଏମ୍‌ଜି ଛକ, ରାଜଭବନ ଛକ, ରବୀନ୍ଦ୍ର ମଣ୍ଡପ ଛକରୁ ୧୨୦ ବାଟାଲିୟନ ଓ ଜୟଦେବ ବିହାର, ନାଲ୍‌କୋ ଛକ ଯାଏ କଟକଣା ରହିଛି। ଭିଭିଆଇପିଙ୍କ ଗସ୍ତ କରିବା ରାସ୍ତାରେ ଯାନବାହାନ ଚଳାଚଳ ମନା ହୋଇଛି। ଏଥିପାଇଁ ମୋ ବସ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ବିଭିନ୍ନ ରୁଟ୍‌ରେ ମୋ ବସ୍ ଚଳାଚଳ ବାଧାପ୍ରାପ୍ତ ହେବାନେଇ କ୍ରୁଟ୍ ତରଫରୁ ସୂଚନା ଦିଆଯାଇଛି।

# ଓପିଏସସିର ହାଜର ପରେ ପ୍ରତିପକ୍ଷଙ୍କୁ ଜବାବ ମାଗିଲେ ହାଇକୋର୍ଟ

**କଟକ, ୨୯।୧୧ :ନ୍ୟୁଜ୍ ବ୍ୟୁରୋ**

ହାଇକୋର୍ଟରେ ଡେଣ୍ଟାଲ ସର୍ଜନ ନିଯୁକ୍ତି ଅନିୟମିତତା ମାମଲାରେ ବ୍ୟକ୍ତିଗତ ଭାବେ ହାଜର ହୋଇଛନ୍ତି ଓଡିଶା ଲୋକସେବା ଆୟୋଗ (ଓପିଏସସି) ସଚିବ। ପୂର୍ବ ମେଧା ତାଲିକା ଅନୁଯାୟୀ କମ୍ ମାର୍କ ରଖି ୧୧ ଜଣ ନିଯୁକ୍ତି ପାଇଥିବା ନେଇ ଓପିଏସସି ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇଛି। ସେହି ୧୧ଜଣଙ୍କ ନାଁ ସୁପାରିସକୁ ପ୍ରତ୍ୟାହାର ପାଇଁ ଓପିଏସସି ପକ୍ଷରୁ କୋର୍ଟରେ ଆବେଦନ କରାଯାଇଛି। ଏହି ମାମଲାର ଶୁଣାଣି କରି ଅଦାଲତ, ଏହା ଉପରେ ଜବାବ ଦାଖଲ ପାଇଁ ପ୍ରତିପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଡିସେମ୍ବର ୧୬ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି। ଏହି ମାମଲାରେ ହାଇକୋର୍ଟରେ ପୂର୍ବରୁ ମଧ୍ୟ ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ ଓପିଏସସି ସଚିବ। ଏଥିସହ ସେ ସଂଶୋଧିତ ମେଧା ତାଲିକା ମଧ୍ୟ କୋର୍ଟରେ ଦାଖଲ କରିଥିଲେ। ତେବେ ଏହି ସମ୍ପର୍କିତ ମାମଲାର ଶୁଣାଣି କରି ୱେବ୍-ସାଇଟରେ ପ୍ରଦର୍ଶନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ୨୪ ଘଣ୍ଟା ମଧ୍ୟରେ ଓପିଏସସି ୱେବ ସାଇଟରେ ପ୍ରଦର୍ଶନ କରିବା ସହ ପୂର୍ବ ତାଲିକା ଅନୁଯାୟୀ କାହାକୁ ନିଯୁକ୍ତି ଦିଆଯାଇଛି କି ନାହିଁ, ସେନେଇ ମଧ୍ୟ କୋର୍ଟ ଆୟୋଗ ଠାରୁ ତଥ୍ୟ ଲୋଡିଥିଲେ। ବର୍ଷ ୨୦୧୭-୧୮ରେ ଓପିଏସ୍‌ସି ପକ୍ଷରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ଓଡ଼ିଶା ମେଡିକାଲ୍ ସର୍ଭିସେସ (ଡେଣ୍ଟାଲ୍) କ୍ୟାଡର୍ ଗ୍ରୁପ-କ (ଜୁନିୟର୍) ଡେଣ୍ଟାଲ୍ ସର୍ଜନ୍ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମୋଟ ୧୯୮ଟି ଡେଣ୍ଟାଲ୍ ସର୍ଜନ୍ ପଦ ପୂରଣ ପାଇଁ ଏହି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ନିଯୁକ୍ତି ପ୍ରକ୍ରିୟାର ଚୂଡ଼ାନ୍ତ ଫଳ ପ୍ରକାଶ ପରେ ୨୦୧୮ ମସିହା ଅଗଷ୍ଟ ୯ ତାରିଖରେ ୧୭୧ ଜଣ ପ୍ରାର୍ଥୀଙ୍କ ନାମ ଓପିଏସସି ସୁପାରିସ କରିଥିଲା। ଏହି ଅନୁମୋଦନ କ୍ରମେ ରାଜ୍ୟ ସରକାରଙ୍କ ତରଫରୁ ଡେଣ୍ଟାଲ୍ ସର୍ଜନ୍ ପଦରେ ନିଯୁକ୍ତି ପ୍ରଦାନ କରାଯାଇଥିଲା। କିନ୍ତୁ ନିଯୁକ୍ତି ପରୀକ୍ଷାରେ ପ୍ରଶ୍ନର ଦିଆଯାଇଥିବା ସମ୍ଭାବ୍ୟ ଉତ୍ତର (କି-ଆନସାର୍) ଭୁଲ୍ ଥିବା ଅଭିଯୋଗ ହୋଇଥିଲା। କେତେକ ଆଶାୟୀ ପ୍ରାର୍ଥୀ ଏନେଇ ଓପିଏସ୍‌ସି ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଓପିଏସ୍‌ସି ଏକ ବିଶେଷଜ୍ଞ କମିଟି ଗଠନ କରିଥିଲେ ସୁଦ୍ଧା, ପରବର୍ତ୍ତୀ ସମୟରେ ଅଦାଲତରେ ମାମଲା ରୁଜୁ ହୋଇଥିଲା।

